# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୦/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 10/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ପ୍ରିୟଜନଙ୍କୁ କୃତଜ୍ଞତା

ସୁସ୍ଥ ହେବା ପରେ ସୋସିଆଲ ମିଡିଆରେ ଶୁଭାକାଂକ୍ଷୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଦୁର୍ଘଟଣାର ଶିକାର ହୋଇଥିବା ବି.ଟାଉନ୍ ଆକ୍ଟ୍ରେସ୍ ମଲାଇକା ଅରୋରା।

୧୦

୧୧

## ଅଭିଷେକ ପ୍ଲେୟର ଅଫ୍ ଦି ମ୍ୟାଚ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ସନ୍‌ରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା।





ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନିକଟରୁ ଶନିବାର ରୁକୁଣା ରଥକୁ ଭକ୍ତମାନେ ଟାଣିନେଉଛନ୍ତି। (ରିପୋର୍ଟ: ପୃଷ୍ଠା-୩)

# ହାତ ଟେକିଦେଲେ ଇସି

ନିର୍ବାଚନ ବେଳେ ରାଜନୈତିକ ଦଳଗୁଡ଼ିକ ନିଜ ଇସ୍ତାହାରରେ ଅନେକ ମାଗଣା ପ୍ରତିଶ୍ରୁତି ଦେଉଛନ୍ତି। ଦଳ ନିର୍ବାଚିତ ହୋଇ କ୍ଷମତାକୁ ଆସିଲେ ବ୍ୟୟବହୁଳ ପ୍ରତିଶ୍ରୁତିଗୁଡ଼ିକ ପୂରଣ କରିବା ଅସମ୍ଭବ ହୋଇପଡୁଛି। ମାଗଣା ଚାଉଳରୁ ନେଇ ସାଇକେଲ ଓ ଲାପଟପ୍ ବଣ୍ଟନ ପର୍ଯ୍ୟନ୍ତ ସବୁକିଛିର ଖର୍ଚ୍ଚ ବୋଝ ରାଜକୋଷକୁ ସହିବାକୁ ପଡୁଛି। ଏପରି କି କେତେକ ଦଳର ପ୍ରାର୍ଥୀ ଜହ୍ନରେ ଘର ଗଢ଼ିଦେବା ଭଳି ଅଯୌକ୍ତିକ ପ୍ରତିଶ୍ରୁତି ଦେଇଥିବା ନଜିର ମଧ୍ୟ ରହିଛି। ଦଳଗୁଡ଼ିକୁ ଏପରି ଲୋଭନୀୟ ପ୍ରତିଶ୍ରୁତିରୁ ବାରଣ କରିବା ଏବଂ ଦେଇଥିବା କଥା ନ ରଖିଲେ ସେଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏନେଇ ଗତ ଜାନୁୟାରୀ ୨୫ରେ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଥିଲେ। ଇସି ହାତ ଟେକିଦେଇଛନ୍ତି। ମାଗଣା ଉପହାର ବଣ୍ଟନ ପ୍ରତିଶ୍ରୁତି ଉପରେ ରୋକ ଲଗାଇପାରିବେ ନାହିଁ ବୋଲି ଶନିବାର ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

## ମାଗଣା ଉପହାର ପ୍ରତିଶ୍ରୁତି

- **ରାଜନୈତିକ ଦଳକୁ ବାରଣ କରିବା କ୍ଷମତା ନାହିଁ**
- **ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ଜଣାଇଲେ**

ନୂଆଦିଲ୍ଲୀ,୯।୪

ନିର୍ବାଚନ ପୂର୍ବରୁ କିମ୍ବା ପରେ ମାଗଣା ଉପହାର ପ୍ରତିଶ୍ରୁତି ବା ବଣ୍ଟନ କରିବା ରାଜନୈତିକ ଦଳର ନୀତିଗତ ନିଷ୍ପତ୍ତି। ଦଳଗୁଡ଼ିକ ନେଉଥିବା ରାଷ୍ଟ୍ର ନୀତି ଓ ନିଷ୍ପତ୍ତିକୁ ନିର୍ବାଚନ କମିଶନ (ଇସି) ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି ଶନିବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏକ ସତ୍ୟପାଠ ଜରିଆରେ ଇସି କହିଛନ୍ତି, ମାଗଣା ଉପହାର ଘୋଷଣା କିମ୍ବା ପ୍ରଦାନ କରିବା ଅର୍ଥନୈତିକ ଦୃଷ୍ଟିରୁ ସମ୍ଭବ କି ନୁହେଁ ଏବଂ ଏହା ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଉପରେ କେତେ ପ୍ରତିକୂଳ ପ୍ରଭାବ ପକାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଭୋଟରମାନେ ବିଚାର କରିବା ସହ ନିଷ୍ପତ୍ତି ନେବା ଆବଶ୍ୟକ। ବିଜୟୀ ଦଳ ସରକାର ଗଢ଼ିବା ପରେ ରାଷ୍ଟ୍ର ନୀତି ଓ ନିଷ୍ପତ୍ତି ପ୍ରଣୟନ କରିଥାନ୍ତି। ଆଇନର ବ୍ୟବସ୍ଥା ବିନା ଏହାକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନ ସର୍ବୋଚ୍ଚ ନ୍ୟାୟାଳୟକୁ ଜଣାଇଛନ୍ତି।

ରାଜନୈତିକ ଦଳ ସମ୍ପର୍କିତ ନିର୍ବାଚନୀ ସଂସ୍କାର ପାଇଁ ଇସି ୨୦୧୬ ଡିସେମ୍ବରରେ ୪୭ଟି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ। ସେଥିରେ ରାଜନୈତିକ ଦଳଙ୍କୁ ପଞ୍ଜୀକରଣରୁ ବାଦ୍ ଦେବା ଅନ୍ୟତମ ପ୍ରସ୍ତାବ ରହିଥିଲା। ରାଜନୈତିକ ଦଳକୁ ପଞ୍ଜୀକରଣରୁ ବାଦ୍ ଦେବା ସହ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ଲାଗି କ୍ଷମତା ଦେବାକୁ ନିର୍ବାଚନ କମିଶନ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଥିଲେ ବୋଲି ସତ୍ୟପାଠ ଜରିଆରେ କହିଛନ୍ତି। ନିର୍ବାଚନୀ ଚିହ୍ନ ଜବତ କରିବା, ସରକାରୀ ପାଣ୍ଠିରୁ ମାଗଣା ଉପହାର ପ୍ରତିଶ୍ରୁତି ଦେଉଥିବା ବା ବଣ୍ଟନ କରୁଥିବା ରାଜନୈତିକ ଦଳଗୁଡ଼ିକର ପଞ୍ଜୀକରଣ ବାତିଲ କରିବା କିମ୍ବା ସେମାନଙ୍କ ଦଳୀୟ ଚିହ୍ନ ଜବତ କରିବା ଲାଗି ଇସିଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ପିଟିଶନର ଅଶ୍ୱିନୀ କୁମାର ଉପାଧ୍ୟାୟ ☞ପୃଷ୍ଠା-୭

# ୨୨୫ ଟଙ୍କାରେ ମିଳିବ ଟିକା

- **ଆଜିଠୁ ୧୮+ଙ୍କୁ ବୁଷ୍ଟର ଡୋଜ୍**
- **ଘରୋଇ ହସ୍ପିଟାଲ ୧୫୦ ଟଙ୍କା ସର୍ଭିସ ଟ୍ୟାକ୍ସ ନେବେ**
- **କୋୱିନ୍ ପଞ୍ଜୀକରଣ ଆବଶ୍ୟକ ନାହିଁ**

ନୂଆଦିଲ୍ଲୀ,୯।୪

ସାରା ଦେଶରେ ରବିବାରଠାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ କୋଭିଡ୍ ଟିକାର ବୁଷ୍ଟର ବା ପ୍ରିକଶନ ଡୋଜ୍ ଦିଆଯିବ। ଏହାର ଦିନକ ପୂର୍ବରୁ ଘରୋଇ ହସ୍ପିଟାଲଗୁଡ଼ିକ ପାଇଁ କୋଭିଶିଲ୍ଡ ଓ କୋଭାକ୍ସିନ୍ ଦର ହ୍ରାସ ପାଇଛି। ଏବେ ଉଭୟ ଟିକା ୨୨୫ ଟଙ୍କାରେ ଉପଲବ୍ଧ ହେବ। କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ କୋଭିଶିଲ୍ଡ ଦାମ୍ ୬୦୦ ଟଙ୍କାରୁ ୨୨୫ ଟଙ୍କାକୁ ହ୍ରାସ କରିବାକୁ ରାଜି ହୋଇଥିବାବେଳେ ଭାରତ ବାୟୋଟେକ୍ କୋଭାକ୍ସିନ ଦାମ୍ ୧୨୦୦ ଟଙ୍କାରୁ ୨୨୫ ଟଙ୍କାକୁ ହ୍ରାସ କରିଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓ ଅଦାର ପୁନାୱାଲା ଏବଂ ଭାରତ ବାୟୋଟେକ୍ ସହପ୍ରତିଷ୍ଠାତା ସୁଚିତ୍ର ଏଲା ଟୁଇଟର ଯୋଗେ ଏହା ଘୋଷଣା କରିଛନ୍ତି।

କୋଭିଡ୍ ଭାକ୍ସିନ୍‌ର ପ୍ରିକଶନ ଡୋଜ୍ ନେବା ଲାଗି କୋୱିନ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିବା ଆବଶ୍ୟକ ନାହିଁ ବୋଲି କେନ୍ଦ୍ର ସରକାର ଶନିବାର ସ୍ପଷ୍ଟ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଡୋଜ୍ ନେବା ପାଇଁ ପଞ୍ଜୀକରଣ ଆବଶ୍ୟକ ହେଉଥିଲା। ସମସ୍ତ ହିତାଧିକାରୀଙ୍କ ନାଁ କୋୱିନ୍‌ରେ ପଞ୍ଜୀକୃତ ହୋଇସାରିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ୧୮ରୁ ୫୯ ବର୍ଷ ବୟସ ବର୍ଗଙ୍କ ଲାଗି ବୁଷ୍ଟର ଡୋଜ୍ ଘରୋଇ ଟିକାକେନ୍ଦ୍ରଗୁଡ଼ିକରେ ଉପଲବ୍ଧ ହେବ। ଏଥିପାଇଁ ଟିକା ଦାମ୍ ସହ ଘରୋଇ ହସ୍ପିଟାଲ ସର୍ବାଧିକ ୧୫୦ ଟଙ୍କା ସେବା ଟିକସ ନେଇପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀ, ସମ୍ମୁଖ ଯୋଦ୍ଧା ☞ପୃଷ୍ଠା-୭

# ଶାଳୀଙ୍କ ଘରୁ ବାହାରିଲା ୧.୪୧ କୋଟି

## କୁବେର ସହକାରୀ ଯନ୍ତ୍ରୀଙ୍କ ଦ୍ୱିତୀୟ ସ୍ତ୍ରୀ ଗିରଫ

- **ଏଯାଏ ମିଳିଲାଣି ନଗଦ ୩କୋଟି ୪୧ଲକ୍ଷ**
- **ଆୟ ବହିର୍ଭୂତ ସମ୍ପତ୍ତି ୭ କୋଟି ୪୮ ଲକ୍ଷ ୬୨ ହଜାରକୁ ବୃଦ୍ଧି**
- **ଆଜି ସରିବ କାର୍ତ୍ତିକେଶ୍ୱର ରାଉଳଙ୍କ ରିମାଣ୍ଡ**

ଭୁବନେଶ୍ୱର,୯।୪(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଦୁର୍ନୀତି ପେଡ଼ି ଖୋଲିବାରେ ଲାଗିଛି ଭିଜିଲାନ୍ସ। ଯେତେ ଚଢାଉ କରୁଛି, ସେତେ ଟଙ୍କା ଓ ସମ୍ପତ୍ତି ବାହାରୁଛି। ଗୁରୁବାର ରାଉଳଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନ ରହୁଥିବା ଭୁବନେଶ୍ୱର ଆଇଜିଣିଆର ଟାଟା ଆରିଆନାସ୍ଥିତ ଘରୁ (ଫ୍ଲାଟ୍ ନଂ.୦୫୦୫) ନଗଦ ୨ କୋଟି ଟଙ୍କା, ୫୮୦ ଗ୍ରାମର ୨୦ଟି ସୁନା ବିସ୍କୁଟ୍ (୨୯ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏଥିସହ ଭିଜିଲାନ୍ସ କାର୍ତ୍ତିକେଶ୍ୱରଙ୍କୁ ଶୁକ୍ରବାରଠାରୁ ରିମାଣ୍ଡରେ ଆଣି ତାଙ୍କ ସହ ସ୍ତ୍ରୀ କଳ୍ପନାଙ୍କୁ ମାରାଥନ ଜେରା କରିଥିଲା। ଉଭୟଙ୍କ ବୟାନ ଆଧାରରେ ଭିଜିଲାନ୍ସ ଟିମ୍ ସାଲିଆସାହିରେ ରହୁଥିବା କାର୍ତ୍ତିକେଶ୍ୱରଙ୍କ ଶାଳୀ ତଥା କଳ୍ପନାଙ୍କ ଭଉଣୀ ଉର୍ବଶୀ ପ୍ରଧାନଙ୍କ ଝୁମ୍ପୁଡି ଘରେ ଶନିବାର ଚଢାଉ କରାଯାଇଥିଲା। ଯାଞ୍ଚ ସମୟରେ ସେଠାରୁ ମଧ୍ୟ ନଗଦ ୧ କୋଟି ୪୧ ଲକ୍ଷ ୬୨ ହଜାର ୪୦୦ ଟଙ୍କା, ୩୬୦ ଗ୍ରାମ ସୁନା ଓ ୧୦୦୪ ଗ୍ରାମ ରୁପା ଜବତ ହୋଇଛି। ଜବତ ସୁନା ଓ ରୁପାର ବଜାର ମୂଲ୍ୟ ୧୮ ଲକ୍ଷ ୬୭ ହଜାର ହେବ। ତେବେ ବସ୍ତିର ଝୁମ୍ପୁଡି ଘରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବାହାରିବା ସମସ୍ତଙ୍କୁ ଚକିତ କରିଛି।



ଜବତ ହୋଇଥିବା ଟଙ୍କା

ଏନେଇ ଭିଜିଲାନ୍ସ ଅଧିକାରୀମାନେ କଳ୍ପନା, ତାଙ୍କ ଭଉଣୀ ଉର୍ବଶୀ ଓ ପୁତୁରାଙ୍କୁ ମୁହାଁମୁହିଁ ଜେରା କରିଥିଲା। ଏହି ସମୟରେ ଉର୍ବଶୀ ଟଙ୍କା ଲୁଚାଇଥିବା ସ୍ୱୀକାର କରିବା ସହ ମୋର କିଛି ଦୋଷ ନାହିଁ, ଭଉଣୀ ଦେଉଥିବାରୁ ମୁଁ ରଖିଥିଲି ବୋଲି କହିଥିଲେ। ତେବେ ଦୁର୍ନୀତିକୁ ପ୍ରୋତ୍ସାହନ ଓ ଟଙ୍କା ଲୁଚାଇବାରେ ସହଯୋଗ କରିବା ଅଭିଯୋଗରେ ଯନ୍ତ୍ରୀ କାର୍ତ୍ତିକେଶ୍ୱରଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନାଙ୍କୁ ଗିରଫ କରାଯାଇଛି। ଏହାପରେ ତାଙ୍କୁ ଭିଜିଲାନ୍ସର ସ୍ୱତନ୍ତ୍ର ☞ପୃଷ୍ଠା-୭

## ଖାଇବାକୁ ଦେବାରେ ଡେରି ହେବାରୁ ମା'ଙ୍କୁ ହତ୍ୟା

ସୋର,୯।୪(ଡି.ଏନ.ଏ)

ଖାଇବାକୁ ଦେବାରେ ବିଳମ୍ବ ହେବାରୁ ମା'ଙ୍କୁ ଠେଙ୍ଗାରେ ପିଟି ପୁଅ ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅଧୀନ ଶିଙ୍ଗାଖୁଣ୍ଟା ଗୁଜଡ଼ିହା ଗ୍ରାମରେ ଶନିବାର ଏହି ଘଟଣା ଘଟିଛି। ଗାଁର ପୁରୁଷୋତ୍ତମ ବେହେରାଙ୍କ ସାନ ପୁଅ ରତିକାନ୍ତ ବେକାର ବୁଲିବା ସହିତ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ମା' ବାପାଙ୍କୁ ମାରପିଟ କରନ୍ତି। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଖାଇବାକୁ ମାଗିଥିଲେ। ☞ପୃଷ୍ଠା-୭


**ଆଜିର ସମ୍ପାଦକୀୟ**

**ବ୍ୟବସ୍ଥା ନତମସ୍ତକ**


# ହିମାଳୟର ୪୦% ବରଫ ହ୍ରାସ

ହିମାଳୟ ଗ୍ଲେସିୟର ଦ୍ରୁତଗତିରେ ତରଳୁଥିବା ନେଇ ଏକାଧିକ ଅଧ୍ୟୟନ ରିପୋର୍ଟ ଚିନ୍ତା ବଢ଼ାଉଛି। ବିଶ୍ୱର ଅନ୍ୟ ହିମବାହ ତୁଳନାରେ ହିମାଳୟରେ ଅଧିକ ମାତ୍ରାରେ ବରଫ ନଷ୍ଟ ହେବା ଯୋଗୁ ଅଧ୍ୟୟନକାରୀ ବାରମ୍ବାର ଭୟଙ୍କର ବିପର୍ଯ୍ୟୟର ଚେତାବନୀ ଦେଇଆସୁଛନ୍ତି। ଆଣ୍ଟାର୍କଟିକା ଏବଂ ଆର୍ଟିକ ପରେ ହିମାଳୟ ବିଶ୍ୱର ତୃତୀୟ ସର୍ବାଧିକ ହିମବାହର ଭଣ୍ଡାର। କିନ୍ତୁ 'ତୃତୀୟ ମେରୁ' କୁହାଯାଉଥିବା ହିମାଳୟରେ ଏବେ ତୀବ୍ରଗତିରେ ବରଫ ନଷ୍ଟ ହେବା ଯୋଗୁ କୋଟି କୋଟି ଲୋକଙ୍କ ଜୀବନ ପ୍ରଭାବିତ ହେଉଛି।



ନୂଆଦିଲ୍ଲୀ, ୯।୪

ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଚାଇନା, ଭୁଟାନ ଓ ନେପାଳରେ ପ୍ରାୟ ୧,୫୦୦ ମାଇଲ ବା ୨,୪୧୪ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର ହୋଇଥିବା ହିମାଳୟ ପର୍ବତଶ୍ରେଣୀର ଗ୍ଲେସିୟର ବ୍ୟାପକ ପ୍ରଭାବିତ ହେବା ପଛରେ ଏକାଧିକ କାରଣ ରହିଛି। ଇଂଲଣ୍ଡର ଲିଡ୍‌ସ ୟୁନିଭର୍ସିଟିର ଏକ ଅଧ୍ୟୟନ ଅନୁସାରେ, ଗତ ଦଶନ୍ଧିରେ ପୂର୍ବ ତୁଳନାରେ ହିମାଳୟରେ ୧୦ ଗୁଣା ଅଧିକ ବରଫ ନଷ୍ଟ ହୋଇଛି। ଦୀର୍ଘ ୪୦୦ରୁ ୭୦୦ ବର୍ଷ ପୂର୍ବେ ଲିଟିଲ ଆଇସ୍ ଏଜ୍ ବେଳେ ଏଠାରେ ସର୍ବାଧିକ ପରିମାଣର ବରଫ ବିସ୍ତାର କରିଥିଲା। 'ସାଇଣ୍ଟିଫିକ୍ ରିପୋର୍ଟ୍ସ'ରେ ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟ ଅନୁସାରେ ଅଧ୍ୟୟନକାରୀମାନେ ଲିଟିଲ ଆଇସ୍ ଏଜ୍ ବେଳର ୧୪,୭୯୮ ହିମାଳୟ ଗ୍ଲେସିୟରର ଆକାର ଏବଂ ବରଫ ପୃଷ୍ଠକୁ ରିସର୍ଚ୍ଚରେ ସାମିଲ କରିଥିଲେ। ସେମାନଙ୍କ ଆକଳନ ଅନୁଯାୟୀ ଗ୍ଲେସିୟର ନିଜ କ୍ଷେତ୍ରର ପ୍ରାୟ ୪୦ ପ୍ରତିଶତ ବରଫ ହରାଇଥିବାରୁ ଏହାର ଶିଖର ୨୮,୦୦୦ ବର୍ଗ କିଲୋମିଟରରୁ ୧୯,୬୦୦ ବର୍ଗ କିଲୋମିଟରକୁ କମି ଆସିଛି। ଏହି ସମୟ ମଧ୍ୟରେ ଗ୍ଲେସିୟରଗୁଡ଼ିକ ୩୯୦ ବର୍ଗ କି.ମି.ରୁ ୫୮୬ ବର୍ଗ କି.ମି. ବରଫ ହରାଇଛନ୍ତି, ☞ପୃଷ୍ଠା-୭

- **୧୯,୬୦୦ ବର୍ଗ କି.ମି.କୁ କମିଛି ବରଫ ଶିଖର**
- **ସମୁଦ୍ର ପତ୍ତନ ୦.୯୨ ମି.ମି.ରୁ ୧.୩୮ ମି.ମି. ବଢ଼ିଛି**

### ଏହାର କୁପ୍ରଭାବ

ଅଧ୍ୟୟନ ରିପୋର୍ଟ ମୁତାବକ, ହିମାଳୟ ଗ୍ଲେସିୟର ତରଳିବା ଯୋଗୁ ଏସିଆ ମହାଦେଶରେ କୋଟି କୋଟି ଲୋକଙ୍କ ପାଇଁ ଜଳଯୋଗାଣ ଉପରେ ବିପଦ ସୃଷ୍ଟି ହୋଇଛି। ଏହି ମହାଦେଶର ଲୋକେ ଖାଦ୍ୟ, ଶକ୍ତି ପାଇଁ ନଦୀପ୍ରଣାଳୀ ଉପରେ ବ୍ୟାପକ ଭାବେ ନିର୍ଭରଶୀଳ। ଏଥିରେ ବ୍ରହ୍ମପୁତ୍ର, ଗଙ୍ଗା, ସିନ୍ଧୁ ନଦୀ ଅନ୍ତର୍ଭୁକ୍ତ। ହିମାଳୟ ଅଞ୍ଚଳରେ ପ୍ରାୟ ୫ କୋଟି ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ୨ କୋଟିରୁ ଊର୍ଦ୍ଧ୍ୱ ପାନୀୟ ଜଳ, ଶକ୍ତି, କୃଷି ସହ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ଏହି ନଦୀଗୁଡ଼ିକ ଉପରେ ସିଧାସଳଖ ନିର୍ଭରଶୀଳ। ତେଣୁ ବରଫ ତରଳିଲେ ବିଶେଷ କରି ହିମାଳୟ ଅଞ୍ଚଳର ଲୋକେ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବେ। ଗ୍ଲେସିୟରରୁ ବରଫ ନଷ୍ଟ ହେବାଯୋଗୁ ସେମାନେ କ୍ରମାଗତ ଭାବେ ବିଭିନ୍ନ ☞ପୃଷ୍ଠା-୭

# ମଞ୍ଜୁଲତା ଭୁବନେଶ୍ୱର ଡେପୁଟି ମେୟର

- **ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**
- **ମୋ ପାଠକୁ ଲୋକଙ୍କ ସେବାରେ ଲଗାଇବି: ମଞ୍ଜୁଲତା**

ଭୁବନେଶ୍ୱର, ୯।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡେପୁଟି ମେୟର ପଦବୀକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଶନିବାର ୨୨ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ତଥା ଭରତପୁର ବସ୍ତିରେ ରହୁଥିବା ୨୭ ବର୍ଷୀୟା ମଞ୍ଜୁଲତା କହଁର ଡେପୁଟି ମେୟର ମୁକୁଟ ପିନ୍ଧିଛନ୍ତି। ଅନ୍ୟ କୌଣସି ଦଳ ପ୍ରାର୍ଥୀ ନ ଦେବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କଟକ ପରେ ଭୁବନେଶ୍ୱରରେ ମଧ୍ୟ ବସ୍ତି ଓ ମହିଳା ନେତୃତ୍ୱକୁ ବିଜେଡି ଭରସା କରିଛି।

ରାଜନୀତି ପ୍ରତି ଆଗ୍ରହ ରଖିଥିବା ମଞ୍ଜୁଲତା ବିଜେଡିରୁ ଟିକେଟ ପାଇ ପ୍ରଥମଥର କର୍ପୋରେଟର ପଦ ପାଇଁ ନିର୍ବାଚନ ଲଢିଥିଲେ। ସର୍ବାଧିକ ୪ହଜାର ୨୩୨ ଖଣ୍ଡ ଭୋଟ ପାଇବା ସହ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁମିତ୍ରା ନାୟକଙ୍କୁ ୪୭୬ ଭୋଟ ବ୍ୟବଧାନରେ ପରାସ୍ତ କରି କର୍ପୋରେଟର ହୋଇଥିଲେ। ଅନୁସୂଚିତ ଜନଜାତି(ଏସ୍‌ଟି)ର ମଞ୍ଜୁଲତା ପ୍ରଥମଥର ରାଜନୀତିରେ ପାଦ ଥାପି ଭୁବନେଶ୍ୱର ଭଳି ପ୍ରମୁଖ ମହାନଗର ନିଗମର ଡେପୁଟି ମେୟର ହେବା ଘଟଣାକୁ ନେଇ ଚାରିଆଡେ ଚର୍ଚ୍ଚା ଓ ତର୍ଜମା ଆରମ୍ଭ ହୋଇଛି। ସେ ଜଣେ ଉଚ୍ଚ ଶିକ୍ଷିତା ମହିଳା। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ୍ କରିଛନ୍ତି। ☞ପୃଷ୍ଠା-୭



ମଞ୍ଜୁଲତା କହଁର

## ସଂକ୍ଷେପରେ

### ହାଫିଜ ସୟିଦ୍‌ଙ୍କ ପୁଅ ଆତଙ୍କବାଦୀ ଘୋଷିତ

**ନୂଆଦିଲ୍ଲୀ,୯।୪ :** ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସୟିଦ୍‌ଙ୍କ ପୁଅ ହାଫିଜ ତଲ୍‌ହା ସୟିଦ୍‌ଙ୍କୁ କେନ୍ଦ୍ର ସରକାର ଆତଙ୍କବାଦୀ ଘୋଷଣା କରିଛନ୍ତି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ, ୧୯୬୭ର ବ୍ୟବସ୍ଥା ବଳରେ ଏଭଳି ଘୋଷଣା କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ ହାଫିଜ ତଲ୍‌ହା ସୟିଦ ଲଶ୍କର-ଇ-ତୋଇବାର ଜଣେ ବରିଷ୍ଠ ନେତା ଏବଂ ଆତଙ୍କବାଦୀ ସଂଗଠନ ମୌଲବୀ ଶାଖାର ମୁଖ୍ୟ। ଲଶ୍କର ସଂଗଠନ ପାଇଁ ନିଯୁକ୍ତି ଦେବା, ପାଣ୍ଠି ସଂଗ୍ରହ ଏବଂ ଭାରତ ତଥା ଆଫଗାନିସ୍ତାନରେ ଥିବା ଭାରତୀୟ ସଂସ୍ଥା ଉପରେ ଆକ୍ରମଣ ଯୋଜନା ପ୍ରସ୍ତୁତ କରିବା ଓ ଏହାକୁ କାର୍ଯ୍ୟକାରୀ କରାଇବାରେ ତଲ୍‌ହା ସୟିଦ୍‌ଙ୍କ ସକ୍ରିୟ ସମ୍ପୃକ୍ତି ରହିଛି। ବେଆଇନ ଜମାତ-ଉଦ୍ ଦାୱା ସଂଗଠନର ମୁଖ୍ୟ ହାଫିଜ ସୟିଦ୍‌ଙ୍କୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଦାଲତ ୩୧ ବର୍ଷ ଜେଲଦଣ୍ଡାଦେଶ ଶୁଣାଇବାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଘୋଷଣା କରାଯାଇଛି।

### ଉତ୍ତରାଖଣ୍ଡରେ ଭାଜପାକୁ ସମର୍ଥନ କରିଥିବା ମୁସଲମାନ ପରିବାରକୁ ଆକ୍ରମଣ

**ରୁଦ୍ରପୁର,୯।୪ :** ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନବେଳେ ଭାଜପାକୁ ସମର୍ଥନ କରିଥିବା ଉଧାମସିଂନଗର ଅନ୍ତର୍ଗତ ରୁଦ୍ରପୁରର ଭୂତ୍ ବଙ୍ଗଲା କଲୋନିରେ ରହୁଥିବା ଏକ ମୁସଲମାନ ପରିବାରଙ୍କୁ ପଡୋଶୀ ଆକ୍ରମଣ କରିଛନ୍ତି। ପଡୋଶୀଙ୍କ ମାଡ଼ରେ ପରିବାରର ସ୍ୱାମୀସ୍ତ୍ରୀ ଏବଂ ଦୁଇ ନାବାଳକ ଝିଅପୁଅ ଗୁରୁତର ଆହତ ହୋଇଛନ୍ତି। ମାଆ ଝିଅଙ୍କୁ ଛୁରିରେ ଆକ୍ରମଣ କରାଯାଇଛି। ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଗତ ୫ ତାରିଖରେ ପରିବାର ଉପରେ ଆକ୍ରମଣ ହୋଇଥିବା ନେଇ ପର୍‌ବିନ ଜହାନ ଏତଲା ଦେଇଥିଲେ। ତାଙ୍କ ସ୍ୱାମୀ ଭାଜପା କାର୍ଯ୍ୟକର୍ତ୍ତା ହୋଇଥିବାରୁ ତାଙ୍କ ପରିବାରକୁ ପଡୋଶୀ ଟାର୍ଗେଟ କରୁଥିଲେ। ଗତ ମଙ୍ଗଳବାର ସେମାନେ ନିଜ ଦୋକାନ ବାହାରେ ଛିଡ଼ାହୋଇଥିବା ବେଳେ ହଠାତ୍ ପଡୋଶୀ ୟୁନୁସ ଓ ତାଙ୍କ ପରିବାର ଆକ୍ରମଣ କରିଥିଲେ ବୋଲି ପର୍‌ବିନ କହିଛନ୍ତି।

### କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

**ଓଟାୱା,୯।୪:** କାନାଡାରେ ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ଛାତ୍ର ଜଣକ କାର୍ତ୍ତିକ ବାସୁଦେବ ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ କାନାଡାର ଜେମ୍ସ ଟାଉନ୍‌ର ଗ୍ଲେନ୍ ରୋଡ୍‌ରେ ଥିବା ସବ୍‌ୱର୍ନ ଟିଟିସି ଷ୍ଟେଶନକୁ କୌଣସି କାମରେ ଯାଉଥିବାବେଳେ ବାସୁଦେବଙ୍କ ଉପରକୁ ଜଣେ ଅଜଣା ଯୁବକ ଗୁଳି କରିଥିବା ପୋଲିସ କହିଛି। ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବାସୁଦେବ ୩ ବର୍ଷ ଧରି କାନାଡାରେ ରହି ପାଠ ପଢୁଥିବାବେଳେ ୨ ସପ୍ତାହ ହେବ ସେ ଏକ ମେକ୍ସିକାନ୍ ରେଷ୍ଟୁରାଣ୍ଟରେ ପାର୍ଟ ଟାଇମ୍ ଜବ୍ କରିଥିବା କଥା ତାଙ୍କ ବାପା କହିଛନ୍ତି। ବାସୁଦେବଙ୍କ ମୃତ୍ୟୁରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଟୁଇଟର ଜରିଆରେ ଶୋକବ୍ୟକ୍ତ କରିଛନ୍ତି। ଶୁକ୍ରବାର କାନାଡାରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ ଛାତ୍ରଙ୍କ ମୃତ୍ୟୁ ସମ୍ପର୍କରେ ଟୁଇଟରରେ ପୋଷ୍ଟ କରିଥିଲେ। ମୃତ ଛାତ୍ରଙ୍କ ପରିବାର ସହିତ ଯୋଗାଯୋଗରେ ଥିବା କଥା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଥିଲେ।

# ଇମ୍ରାନ୍: ଅନାସ୍ଥାରୁ ହୀନସ୍ତା



**ଇସ୍‌ଲାମାବାଦ, ୯।୪**



ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ଇମ୍ରାନ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି।

- ଭୋଟିଂ ପାଇଁ ମନାକଲେ ପାକ୍ ବାଚସ୍ପତି
- ଯେକୌଣସି ଦଣ୍ଡ ପାଇଁ ପ୍ରସ୍ତୁତ କହିଲେ
- ଶାସନରୁ ହଟିବାକୁ ୩ ସର୍ତ୍ତ ରଖିଲେ ଇମ୍ରାନ୍

ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଭିତରେ ଶନିବାର ଅନାସ୍ଥା ଭୋଟିଂ ହେବାକୁ ଥିବାବେଳେ ନ୍ୟାଶନାଲ ଆସେମ୍ବ୍ଲିରେ ହାଇଡ୍ରାମା ଦେଖିବାକୁ ମିଳିଛି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ, ଆରୋପ ପ୍ରତ୍ୟାରୋପ ଭିତରେ ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍ ପୁଣି ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଭୋଟିଂ ଟାଳିବାକୁ ଉଦ୍ୟମ କରିଛନ୍ତି। ଇମ୍ରାନ୍‌ଙ୍କୁ ୩୦ ବର୍ଷ ଧରି ଜାଣିଥିବାରୁ ତାଙ୍କ ସହ ପ୍ରତାରଣା କରିପାରିବେନି ବୋଲି ବାଚସ୍ପତି ଅସାଦ କାସିର କହିବା ସହ ଭୋଟିଂ ପାଇଁ ମନା କରିଛନ୍ତି। ଏଥିପାଇଁ ସେ କଠୋରତମ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି ବାଚସ୍ପତି କହିଛନ୍ତି। ସେପଟେ ଅନାସ୍ଥା ଭୋଟିଂ ହୋଇପାରୁ ନ ଥିବାରୁ ଇମ୍ରାନ୍‌ଙ୍କୁ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ଝିଅ ତଥା ପାକିସ୍ତାନ ମୁସ୍‌ଲିମ୍ ଲିଗ୍(ଏନ୍) ନେତ୍ରୀ ମରିୟମ ନୱାଜ ଇମ୍ରାନ୍‌ଙ୍କୁ ପାଗଳ ଅଭିହିତ କରିଛନ୍ତି। ଦେଶର ଗଣତନ୍ତ୍ରକୁ ଅଧିକ କ୍ଷତି ପହଞ୍ଚାଇଲେ ଇମ୍ରାନ୍‌ଙ୍କୁ ଗିରଫ କରାଯିବା ଜରୁରୀ। ସୁପ୍ରିମକୋର୍ଟ ଇମ୍ରାନ୍‌ଙ୍କ ଗିରଫ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମରିୟମ ଦାବି କରିଛନ୍ତି। ଅନାସ୍ଥାରେ ହାରି କ୍ଷମତା ଯିବା ଥୟ ବୋଲି ଜାଣି ହୀନସ୍ତା ହେବାରୁ ବର୍ତ୍ତିବାକୁ ଇମ୍ରାନ୍ ପାର୍ଲାମେଣ୍ଟ ଆସି ନ ଥିଲେ। ଶାସନ ଗାଦି ଛାଡ଼ିବା ପରିବର୍ତ୍ତେ ଇମ୍ରାନ୍ ବିରୋଧୀଙ୍କ ଆଗରେ ୩ ସର୍ତ୍ତ ରଖିଛନ୍ତି। ଇସ୍ତଫା ପରେ ତାଙ୍କୁ ଗିରଫ କରାଯିବନାହିଁ। ପିଏମ୍‌ଏଲ୍‌ଏନ୍ ନେତା ଶେହବାଜ ଶରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଯିବନାହିଁ ଏବଂ ଏନ୍‌ଏବି ବଳରେ ତାଙ୍କ ବିରୋଧରେ ମାମଲା ରୁଜୁ ହେବନାହିଁ ବୋଲି ନିଶ୍ଚିତ ହେଲେ ସେ ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି କହିଥିବା ରିପୋର୍ଟ ପ୍ରକାଶ ପାଇଛି। ହେଲେ ଇମ୍ରାନଙ୍କ କୌଣସି ସର୍ତ୍ତ ମଞ୍ଜୁର କରାଯିବ ନାହିଁ ବୋଲି ମରିୟମ ନୱାଜ କହିଛନ୍ତି। ଏପରି କରି ଉଭୟ ବାଚସ୍ପତି ଓ ଇମ୍ରାନ୍ ଅଦାଲତ ଅବମାନନା କରିଥିବା ପିପୁଲ୍ସ ପାର୍ଟିର ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ କହିଛନ୍ତି।

ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଅନାସ୍ଥା ଉପରେ ପାର୍ଲାମେଣ୍ଟରେ ଭୋଟିଂ ହେବାର ଥିଲା। ମତଦାନ ପୂର୍ବରୁ ବିଲାୱଲ ଭୁଟ୍ଟୋ, ମରିୟମ ନୱାଜ ପ୍ରମୁଖଙ୍କ ସହ ବିରୋଧୀ ଏକ ବୈଠକ କରିଥିଲେ। ଇମ୍ରାନ୍ ହଟିବା ପରେ ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ ସେ ନେଇ ଚର୍ଚ୍ଚା ହୋଇଥିଲା। ସରକାର ଗଠନ ପାଇଁ ପାର୍ଲାମେଣ୍ଟରେ ୧୭୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିରୋଧୀ ମେଣ୍ଟ ସହ ୧୯୨ ସଦସ୍ୟ ରହିଥିବା ସେମାନେ ଦାବି କରିଥିଲେ। ନ୍ୟାଶନାଲ ଆସେମ୍ବ୍ଲି ଅଧିବେଶନ ଆରମ୍ଭ ହେବା ପରେ ଗୃହରେ ପ୍ରାୟ ସମସ୍ତ ବିରୋଧୀ ସଦସ୍ୟ ଉପସ୍ଥିତ ଥିଲେ। କିନ୍ତୁ ସେଠାରେ ଇମ୍ରାନ୍ ଅନୁପସ୍ଥିତ ଥିବାବେଳେ ତାଙ୍କ ଦଳର ମାତ୍ର ଅଳ୍ପ କେତେଜଣ ସଦସ୍ୟ ରହିଥିଲେ। ସରକାର ଭାଙ୍ଗିବା ପଛରେ ବିଦେଶୀ ଶକ୍ତିର ହାତ ଥିବା ଉପରେ ଆଲୋଚନା ହେଉ ବୋଲି ବାଚସ୍ପତି କହିଥିଲେ। କିନ୍ତୁ ବିରୋଧୀ ଦଳ ନେତା ଶେହବାଜ୍ ଶରିଫ୍ ଏହାକୁ ପ୍ରବଳ ବିରୋଧ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟର ଅନୁପାଳନ କରି ପାର୍ଲାମେଣ୍ଟରେ କାର୍ଯ୍ୟ କରିବାକୁ ସେ ବାଚସ୍ପତିଙ୍କୁ କହିଥିଲେ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ସ୍ଥାନୀୟ ସମୟ ଅନୁସାରେ ମଧ୍ୟାହ୍ନ ସାଢ଼େ ୧୨ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେଶୀ ଇମ୍ରାନ୍‌ଙ୍କ ସପକ୍ଷରେ ମତ ରଖିଥିଲେ। ଶାନ୍ତି ଓ ଉନ୍ନତି ପାଇଁ ଭାରତ ଗୋଟିଏ ପାଦ ଆଗେଇଲେ ପାକିସ୍ତାନ ଦୁଇ ପାଦ ଆଗରେ ରହିବାକୁ ଇମ୍ରାନ୍ ଚେଷ୍ଟା କରୁଥିବା କ୍ୟୁରେଶୀ କହିଥିଲେ। ପାକିସ୍ତାନ ଓ ଭାରତକୁ ଆମେରିକା ଅଲଗା ନଜରରେ ଦେଖୁଛି। କିନ୍ତୁ ପିଟିଆଇ ସରକାର ସମସ୍ତଙ୍କ ସହ ଭଲ ସମ୍ପର୍କ ରଖି ଚାଇନା ଓ ରୁଷିଆ ଉପରେ ରଣନୀତି ସ୍ଥିର କରିବାକୁ ଚାହୁଁଛନ୍ତି। ବିତର୍କରେ କ୍ୟୁରେଶୀ ଭାରତରୁ ଭୁଲ୍‌ରେ ପାକିସ୍ତାନରେ ପଡ଼ିଥିବା ବ୍ରହ୍ମୋସ ମିଶାଇଲ କଥା ମଧ୍ୟ ଉଠାଇଥିଲେ। ଗୃହ ୩ ଥର ସ୍ଥଗିତ ହେବା ପରେ ରାତି ୮ଟାରେ ପୁଣି ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହୋଇଥିଲା। ଶନିବାର ହିଁ ଅନାସ୍ଥା ଉପରେ ଭୋଟିଂ ପାଇଁ ବିରୋଧୀ ଜିଦ୍ ଧରିଥିଲେ। ଅନାସ୍ଥା ଉପରେ ଭୋଟ କରାଇ ନ ଦେବାକୁ ବାଚସ୍ପତି କହିବା ପରେ ପୁଣି ସ୍ଥାନୀୟ ସମୟ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରଖାଯାଇଥିଲା। ଏହି ସମୟରେ ରାତି ୯ଟାରେ ଇମ୍ରାନ୍ ତାଙ୍କ କ୍ୟାବିନେଟ୍ ମନ୍ତ୍ରୀଙ୍କ ଜରୁରୀ ବୈଠକ ଡାକିଥିଲେ।

ଗତ ୩ ତାରିଖରେ ଇମ୍ରାନ୍‌ଙ୍କ ବିରୋଧରେ ହେବାକୁ ଥିବା ଅନାସ୍ଥା ଭୋଟିଂକୁ ଉପବାଚସ୍ପତି ଖାରଜ କରିଦେବା ସମ୍ବିଧାନର ଉଲ୍ଲଂଘନ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଥିଲେ। ଏଥିସହ ଏପ୍ରିଲ ୯ରେ ପାର୍ଲାମେଣ୍ଟ ଅଧିବେଶନ ଡାକି ଇମ୍ରାନ୍‌ଙ୍କୁ ଅନାସ୍ଥା ଭୋଟର ସମ୍ମୁଖୀନ ହେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ତାହାର ପୁନଃ ସମୀକ୍ଷା ନିମନ୍ତେ ପିଟିଆଇ ପକ୍ଷରୁ ଏକ ରିଭ୍ୟୁ ପିଟିଶନ ଦାଖଲ କରାଯାଇଛି। ପାର୍ଲାମେଣ୍ଟ କାର୍ଯ୍ୟରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଏହି ପିଟିଶନରେ କୁହାଯାଇଛି। ଅନାସ୍ଥା ଭୋଟିଂ ଟାଳିବାକୁ ଇମ୍ରାନ୍‌ଙ୍କ ଏହା ଚାଲ୍ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

## ସ୍ମିଥ୍‌ଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଓସ୍କାର ମନା



**ୱାଶିଂଟନ,୯।୪**

ହଲିଉଡ୍ ଅଭିନେତା ୱିଲ୍ ସ୍ମିଥ୍‌ଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଓସ୍କାର ଓ ଅନ୍ୟ ସମାରୋହରେ ସାମିଲ ହେବା ପାଇଁ ବାରଣ କରାଯାଇଛି। ଚଳିତ ବର୍ଷ ଓସ୍କାର ଆୱାର୍ଡ ଉତ୍ସବରେ ସ୍ମିଥ୍ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ଚାପୁଡ଼ା ମାରିବା ଘଟଣା ଉପରେ ମୋଶନ ପିକ୍ଚର ଏକାଡେମୀ ପକ୍ଷରୁ ଶୁକ୍ରବାର ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏକାଡେମୀକୁ ସମ୍ମାନ ଜଣାଇ ସ୍ମିଥ୍ ଉକ୍ତ ନିଷ୍ପତ୍ତିକୁ ସ୍ୱୀକାର କରିଥିବା ଶନିବାର ପ୍ରକାଶ କରିଛନ୍ତି। ମୋଶନ ପିକ୍ଚର ଏକାଡେମୀ ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଯିବ ତାହାକୁ ଗ୍ରହଣ କରିବାକୁ ସେ ପ୍ରସ୍ତୁତ ଥିବା ଗତ ସପ୍ତାହରେ ଏକାଡେମୀରୁ ଇସ୍ତଫା ଦେବାବେଳେ ସେ କହିଥିଲେ। ୯୪ତମ ଓସ୍କାର ଆୱାର୍ଡ ସେରେମୋନୀରେ କମେଡିଆନ୍ କ୍ରିସ୍ ରକ୍ ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡାଙ୍କ ଚନ୍ଦାପଣକୁ ନେଇ ଉପହାସ କରିଥିଲେ। ଯେଉଁ କାରଣରୁ ସ୍ମିଥ୍ ରାଗିଯାଇ ମଞ୍ଚରେ ଥିବା କ୍ରିସ୍‌ଙ୍କୁ ଚାପୁଡ଼ା ମାରିଥିଲେ। ନିଜର ୨୦ ବର୍ଷର ଫିଲ୍ମ କ୍ୟାରିୟର ଭିତରେ ଚଳିତ ବର୍ଷ ୱିଲ୍ ସ୍ମିଥ୍ ପ୍ରଥମ ଥର ପାଇଁ ଓସ୍କାର ସମ୍ମାନରେ ସମ୍ମାନିତ ହୋଇଥିଲେ।

## ଗୁଜରାଟରେ ଏକ୍ସଇ ସଂକ୍ରମିତ ଚିହ୍ନଟ

**ଗାନ୍ଧିନଗର,୯।୪**

କରୋନା ଭୂତାଣୁ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ 'ଏକ୍ସଇ' ଦ୍ୱାରା ସଂକ୍ରମିତ ହୋଇଥିବା ଜଣେ ବ୍ୟକ୍ତି ଗୁଜରାଟରୁ ଚିହ୍ନଟ ହୋଇଛନ୍ତି। ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସଂକ୍ରମିତ ଜଣକ ମାର୍ଚ୍ଚ ୧୩ ତାରିଖରେ କରୋନା ପଜିଟିଭ୍ ବାହାରିଥିବାବେଳେ ଗୋଟିଏ ସପ୍ତାହରେ ସେ ଠିକ୍ ହୋଇଯାଇଥିବା ସରକାର କହିଛନ୍ତି। ଜିନୋମ୍ ସିକ୍ୱେନ୍ସିଂ ପରେ ସଂକ୍ରମିତ ଜଣକ ଏକ୍ସଇ କରୋନା ସବ୍ ଭାରିଆଣ୍ଟ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ଗତ ସପ୍ତାହରେ ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇରୁ ଦେଶର ପ୍ରଥମ ଏକ୍ସଇ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ଇମ୍ରାନ୍ ଭାରତ ଚାଲିଯାଆନ୍ତୁ: ମରିୟମ୍

**ଇସ୍‌ଲାମାବାଦ,୯।୪**



ମରିୟମ ଶରିଫ୍

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବାରମ୍ବାର ଭାରତକୁ ପ୍ରଶଂସା କରୁଥବାରୁ ବିରୋଧୀ ଦଳ ନେତ୍ରୀ ତଥା ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ନୱାଜ୍ (ପିଏମ୍‌ଏଲ୍-ଏନ୍) ଉପାଧ୍ୟକ୍ଷା ମରିୟମ ଶରିଫ୍ ତାଙ୍କୁ ସମାଲୋଚନା କରିଛନ୍ତି। ଇମ୍ରାନ୍ ଭାରତ ଚାଲିଯିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମାତ୍ର ଗୋଟିଏ ଭୋଟ ପାଇଁ ଆସ୍ଥା ଭୋଟ ହାରି ଇସ୍ତଫା ଦେଇଥିଲେ। ଇମ୍ରାନ୍ ସେଥିରୁ ଶିଖିବା ଉଚିତ। ଇମ୍ରାନ୍‌ଙ୍କୁ ପ୍ରଧାନମନ୍ତ୍ରୀ କିମ୍ବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାବେ ନୁହେଁ ଜଣେ ମାନସିକ ରୋଗୀ ଭାବେ ଦେଖାଯିବା ଉଚିତ। କାରଣ ସେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ସାରା ଦେଶକୁ ପଣବନ୍ଦୀ ରଖିଥିବା ମରିୟମ୍ କହିଛନ୍ତି। ସୂଚନାଯୋଗ୍ୟ, ଇମ୍ରାନ୍‌ଙ୍କ ବିରୋଧରେ ନ୍ୟାଶନାଲ ଆସେମ୍ବ୍ଲିରେ ବିରୋଧୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ସେ ଏକାଧିକ ଥର ଭାରତର ବୈଦେଶିକ ନୀତିର ପ୍ରଶଂସା କଲେଣି।

# ଷଡ଼ଯନ୍ତ୍ର ଅଭିଯୋଗ ମିଛ: ଆମେରିକା

**ୱାଶିଂଟନ୍, ୯।୪**

ପାକିସ୍ତାନରେ ଇମ୍ରାନ୍ ଖାନ୍‌ଙ୍କ ସରକାର ହଟାଇବାକୁ ଆମେରିକା ଷଡ଼ଯନ୍ତ୍ର କରୁଥିବା ଅଭିଯୋଗକୁ ୱାଶିଂଟନ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଆମେରିକା ପରରାଷ୍ଟ୍ର ବିଭାଗ ଉପ-ମୁଖପାତ୍ର ଜଲିନା ପୋର୍ଟର କହିଛନ୍ତି, ପାକିସ୍ତାନରେ ସରକାର ଭାଙ୍ଗିବା ପାଇଁ ବିଦେଶୀ ଶକ୍ତିର ହାତ ଥିବା ଏବଂ ଏଥିପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବା ନେଇ ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ପରରାଷ୍ଟ୍ର ବିଭାଗର ଦକ୍ଷିଣ ଓ କେନ୍ଦ୍ରୀୟ ଏସୀୟ ବ୍ୟାପାର ବ୍ୟୁରୋ ସହକାରୀ ସଚିବ ଡୋନାଲ୍ଡ ଲୁ ପାକ୍‌ରେ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରିଥିବା ଇମ୍ରାନ୍ କହୁଛନ୍ତି। ପାକିସ୍ତାନର ସାମ୍ବିଧାନିକ ପ୍ରକ୍ରିୟା ଏବଂ ଆଇନର ଶାସନକୁ ଆମେରିକା ସମ୍ମାନ ଏବଂ ସମର୍ଥନ କରେ। ସେଠାରେ ସରକାର ହଟାଇବା ପାଇଁ ୱାଶିଂଟନ୍ ପକ୍ଷରୁ କୌଣସି ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ। ଏହାକୁ ପରରାଷ୍ଟ୍ର ବିଭାଗ ଖଣ୍ଡନ କରୁଛି ବୋଲି ପୋର୍ଟର କହିଛନ୍ତି।



କର୍ନାଟକର ଚିକ୍‌ମାଗାଲୁର ନିକଟ ଚୁର୍ଚେଗୁଡ଼ା ଠାରେ ବନ କର୍ମଚାରୀମାନେ ଶନିବାର ଏକ ବଣୁଆ ଦନ୍ତା ହାତୀକୁ ପୋଷା ହାତୀ ସହାୟତାରେ କାବୁ କରୁଛନ୍ତି।

# ସ୍ୱେଚ୍ଛାକୃତ ଭାବେ ଟିକସ ପୈଠ କରିବେ ଅକ୍ଷତା ମୂର୍ତ୍ତି

**ଲଣ୍ଡନ,୯।୪ (ପି.ଟି.)**



ଅକ୍ଷତା ମୂର୍ତ୍ତି ଓ ସ୍ୱାମୀ ଋଷି ସୁନକ

ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତି ସ୍ୱେଚ୍ଛାକୃତ ଭାବେ ନିଜର ସମସ୍ତ ବିଦେଶ ଆୟ ଉପରେ ଟିକସ ବ୍ରିଟେନକୁ ପ୍ରଦାନ କରିବେ ବୋଲି ଶନିବାର ଘୋଷଣା କରିଛନ୍ତି। ଅକ୍ଷତା ତାଙ୍କ ଆୟ ଉପରେ ଟିକସ ପୈଠ କରୁ ନ ଥିବାରୁ ଏହାକୁ ନେଇ ତାଙ୍କ ସ୍ୱାମୀ ତଥା ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକ ସମାଲୋଚିତ ହୋଇଥିଲେ। ବେଙ୍ଗାଲୁରୁରେ ଥିବା ଆଇଟି ସେବା ପ୍ରଦାନକାରୀ ସଂସ୍ଥା ଇନ୍‌ଫୋସିସ୍‌ରେ ଅକ୍ଷତା ୦.୯ ପ୍ରତିଶତ ଅଂଶୀଦାର ଥିବାବେଳେ ସେ ପାଇଥିବା ଲାଭାଂଶରୁ ବ୍ରିଟେନକୁ ଟିକସ ଦେଉ ନ ଥିଲେ। ବ୍ରିଟେନର ବାସିନ୍ଦା ହୋଇ ନ ଥିବାରୁ ବିଦେଶରୁ କରୁଥିବା ଆୟ ଉପରେ ଟିକସ ପୈଠ କରିବାକୁ ସେ ଆଇନତଃ ବାଧ୍ୟ ନୁହନ୍ତି। ସେ ବ୍ରିଟେନରେ କରୁଥବା ଆୟ ଉପରେ ସେଠାରେ ଟିକସ ଦେଉଥିବାବେଳେ ଅନ୍ତର୍ଜାତୀୟ ଆୟ ଉପରେ ଅନ୍ତର୍ଜାତୀୟ ଟିକସ ଦେଉଛନ୍ତି। ଏହା ସମ୍ପୂର୍ଣ୍ଣ ଆଇନଗତ। ବ୍ରିଟେନର କେତେଜଣ ଅଣବାସିନ୍ଦା ଏଠାରେ ଟିକସ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କ ସ୍ୱାମୀ ଚାନ୍‌ସେଲର ଥିବାରୁ ଟିକସ ପୈଠ ନ କରିବା ଠିକ୍ ନୁହେଁ ବୋଲି ଅନେକେ ଭାବୁଛନ୍ତି। ତେବେ ତାଙ୍କର ଟ୍ୟାକ୍ସ ବ୍ୟବସ୍ଥା ତାଙ୍କ ସ୍ୱାମୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁ କିମ୍ବା ପରିବାରକୁ ପ୍ରଭାବିତ କରୁ ବୋଲି ସେ ଚାହୁଁନାହାନ୍ତି। ସେଥିପାଇଁ ସେ ଟିକସ ଛାଡ଼ ସୁବିଧା ଦାବି ନ କରି ସମସ୍ତ ବିଦେଶୀ ଆୟ ଉପରେ ବ୍ରିଟେନକୁ ଟ୍ୟାକ୍ସ ପୈଠ କରିବେ ବୋଲି କହିଛନ୍ତି।

# ୧୩ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା

**ଶ୍ରୀନଗର,୯।୪ (ପି.ଟି.)**

## ଜାମିଆ ମସ୍‌ଜିଦରେ ରାଷ୍ଟ୍ର ବିରୋଧୀ ସ୍ଲୋଗାନ



ଶ୍ରୀନଗରର ଜାମିଆ ମସ୍‌ଜିଦ ଭିତରେ ରାଷ୍ଟ୍ରବିରୋଧୀ ସ୍ଲୋଗାନ ଦେବା ଅଭିଯୋଗରେ ୧୩ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଏଥିସହିତ ସେମାନଙ୍କ ବିରୋଧରେ ଜନ ନିରାପତ୍ତା ଆଇନ (ପିଏସ୍‌ଏ) ଲଗାଯାଇଛି। ଶୁକ୍ରବାର ନମାଜ ପାଠ ବେଳେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଲୋକଙ୍କୁ ଉତ୍ତେଜିତ କରି ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି କରିବା ନିମନ୍ତେ ସେମାନଙ୍କୁ ଆତଙ୍କବାଦୀ ସଂଗଠନର ପାକିସ୍ତାନୀ ପରିଚାଳକମାନଙ୍କଠାରୁ ନିର୍ଦ୍ଦେଶ ମିଳିଥିଲା ବୋଲି ଶ୍ରୀନଗରର ଏସ୍‌ଏସ୍‌ପି ରାକେଶ ବଲୱାଲ କହିଛନ୍ତି। ନଓହାଟ୍ଟା ଅଞ୍ଚଳରେ ଥିବା ଜାମିଆ ମସ୍‌ଜିଦରେ ଶୁକ୍ରବାର ସାମୂହିକ ନମାଜ ପାଠ ପାଇଁ ୨୪ ହଜାର ଲୋକ ରୁଣ୍ଡ ହୋଇଥିଲେ। ନମାଜ ପାଠ ପରେ ସ୍ଲୋଗାନବାଜି ଆରମ୍ଭ ହୋଇଯାଇଥିଲା। ଅଭିଯୁକ୍ତମାନେ କିଛି ସମୟ ପାଇଁ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ସେମାନଙ୍କ ସହ ଅନ୍ୟ କେତେଜଣ ସାମିଲ ହୋଇଥିଲେ। ସ୍ଲୋଗାନ ଦେଉଥିବା ବ୍ୟକ୍ତି ଏବଂ ମସ୍‌ଜିଦ ପରିଚାଳନା କମିଟିର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏହାକୁ ନେଇ ବଚସାରୁ ଧସ୍ତାଧସ୍ତି ହୋଇଥିଲା।

# ସୁଧ ହାର ୭% ବଢ଼ାଇଲା ଶ୍ରୀଲଙ୍କା

**କଲମ୍ବୋ,୯।୪**



ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ କଲମ୍ବୋରେ କ୍ୟାଥୋଲିକ୍‌ମାନଙ୍କ ବିକ୍ଷୋଭ।

ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କାରେ ଆନ୍ଦୋଳନ ଜାରି ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କ ଶୁକ୍ରବାର ସୁଧ ହାର ୭୦୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ବିନିମୟ ହାରକୁ ସ୍ଥିର ରଖିବା ଲାଗି ଋଣ ସୁଧ ହାର ୧୪.୫ ପ୍ରତିଶତକୁ ବୃଦ୍ଧି କରାଯାଇଥିବା ଶ୍ରୀଲଙ୍କା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଜମା ଉପରେ ସୁଧହାର ୭ ପ୍ରତିଶତ ବୃଦ୍ଧି ପାଇ ୧୩.୫ ପ୍ରତିଶତ ହୋଇଛି। ଆର୍ଥିକ ସ୍ଥିତି ଯୋଗୁ ଏହି ଦ୍ୱୀପଦେଶରେ ଖାଦ୍ୟ ଓ ଇନ୍ଧନ ସଙ୍କଟ ଦେଖାଦେବା ସହ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କାଟ ହେଉଛି। ଦେଶର ଆର୍ଥିକ ସ୍ଥିତି ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କୁ ଦାୟୀ କରାଯାଇ ତାଙ୍କ ଇସ୍ତଫା ଦାବିରେ ସପ୍ତାହେରୁ ଊର୍ଦ୍ଧ୍ୱ ହେଲା ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଛାତ୍ର ସଂଗଠନ ପାର୍ଲାମେଣ୍ଟକୁ ଶୋଭାଯାତ୍ରାରେ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ପାଣି ମାଡ଼ କରିଥିଲା। ୨୦୧୯ ନିର୍ବାଚନରେ ଗୋଟାବାୟାଙ୍କୁ ଜିତାଇବାରେ ମୁଖ୍ୟ ଭୂମିକା ନେଇଥିବା ସିଂହଳ-ବୌଧ ଧର୍ମାବଲମ୍ବୀମାନେ ଏବେ ଆନ୍ଦୋଳନରେ ସାମିଲ ହୋଇଥିବା ଦେଖାଯାଇଛି। ଗୋଟାବାୟା ଓ ତାଙ୍କ ସରକାର ଇସ୍ତଫା ଦାବିରେ ଦେଶବ୍ୟାପୀ ବିକ୍ଷୋଭ କରାଯାଉଛି। ୧୯୪୮ରେ ଶ୍ରୀଲଙ୍କା ସ୍ୱାଧୀନ ହେବା ପରେ ଏଭଳି ଆର୍ଥିକ ସଙ୍କଟ କେବେ ଦେଖାଯାଇ ନ ଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୮୧,୧୪,୪୯୮ | ୬୨,୦୦,୪୨୯ | ୪୩,୩୬,୯୮,୦୮୩ |
| ଭାରତ | ୪,୩୦,୩୪,୨୧୭ | ୫,୨୧,୬୮୬ | ୪,୨୫,୦୧,୧୯୬ |
| ଓଡ଼ିଶା | ୧୨,୮୭,୮୨୩ | ୯୧୨୧(+୫୩) | ୧୨,୭୮,୪୫୦ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ‘ମୁଁ ବି ହେବି ରିପୋର୍ଟର’

## ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାର ଦ୍ୱିତୀୟ ଦିନ

**ବାଲେଶ୍ୱର ଅଫିସ,୯।୪**

ମୁଁ ବି ହେବି ରିପୋର୍ଟର। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ପାନ୍ଥନିବାସଠାରେ ‘ଧରିତ୍ରୀ’, ‘ୟୁନିସେଫ୍’ ଓ ‘ପିପୁଲ କଲ୍‌ଚୁରାଲ ସେଣ୍ଟର’ (ପିକକ୍)ର ମିଳିତ ଆନୁକୂଲ୍ୟରେ ଚାଇଲ୍ଡ ରିପୋର୍ଟର (ଶିଶୁ ସାମ୍ବାଦିକ) ସମ୍ପର୍କିତ କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଏଭଳି ମତ ପ୍ରକାଶ କରିଛନ୍ତି। ୩ ଦିନ ଧରି ଚାଲିଥିବା ଏହି କର୍ମଶାଳାର ଶନିବାର ଦ୍ୱିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ପରିସର ଏବଂ ଗ୍ରାମର ସମସ୍ୟାକୁ ନେଇ ଏକ ଦଳଗତ ଆଲୋଚନା ହୋଇଥିଲା। ଏହାକୁ ‘ଧରିତ୍ରୀ’ର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ, ପାନୀୟଜଳ, ବିଦ୍ୟାଳୟ ସଂଯୋଗୀକରଣ ରାସ୍ତା, ଗ୍ରାମ୍ୟ ରାସ୍ତା, ଶିକ୍ଷକ ଅଭାବ, ଆଲୋକୀକରଣ, ଖେଳପଡ଼ିଆ, ପାଠାଗାର, ଶୌଚାଳୟ, ରୋଷେଇ ଘର, ବିଦ୍ୟାଳୟ ନିକଟରେ ଗୁଟ୍‌କା, ମଦ ଓ ମାଂସ ବିକ୍ରି ଦୋକାନ ଗଢ଼ି ଉଠୁଥିବାରୁ ସେଥିରେ ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସାମୂହିକ ଉଦ୍ୟମ ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟରେ ଏହି ସମସ୍ୟା ଠିକ୍ ଭାବେ ଉପସ୍ଥାପିତ ହୋଇ ପାରିଲେ ଏହାର ସମାଧାନ ହୋଇପାରିବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ୭ଟି ଗ୍ରୁପ୍‌ରେ ୫୨ ଛାତ୍ରୀଛାତ୍ର ସେମାନଙ୍କର ମତ ଉପସ୍ଥାପନା କରିଥିଲେ। ଗ୍ରୁପ୍-୧ରେ ଶୁଭେନ୍ଦୁ ଶେଖର ଦାସ, ଗ୍ରୁପ୍-୨ରେ ମଧୁସୂଦନ ଗୁରୁ, ଗ୍ରୁପ୍-୩ରେ ବୈଷ୍ଣବ ପ୍ରଧାନ, ଗ୍ରୁପ୍-୪ରେ ନନ୍ଦିତା ସେନ, ଗ୍ରୁପ୍-୫ରେ ରିତୁମ ସୁର, ଗ୍ରୁପ୍-୬ରେ ସ୍ୱୟାଂଶୁ ଦାସ, ଗ୍ରୁପ୍-୭ରେ ସୁବ୍ରତ ଖଣ୍ଡୁଆ ସେମାନଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ।






ଦଳଗତ ଆଲୋଚନାର ରିପୋର୍ଟକୁ ଛାତ୍ରୀଛାତ୍ର ଉପସ୍ଥାପନା କରୁଛନ୍ତି।

ଏହାପରେ ‘ଧରିତ୍ରୀ’ର ବରିଷ୍ଠ ଉପ-ବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଯୋଗଦେଇ ସମସ୍ୟା ଭିତ୍ତିକ ଏବଂ ହ୍ୟୁମାନ ଇଣ୍ଟ୍ରେଷ୍ଟ ଷ୍ଟୋରି ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ। ମଧ୍ୟାହ୍ନଭୋଜନ ପରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ‘ଧରିତ୍ରୀ’ ବାଲେଶ୍ୱର ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଭୋଗରାଇ ବ୍ଲକ ଅଞ୍ଚଳରେ ହେଉଥିବା ବନ୍ୟା ଓ ବାତ୍ୟା ସଂକ୍ରାନ୍ତରେ ଦଳଗତ ଆଲୋଚନା କରିଥିଲେ। ଏଥିରେ ଏହି ଅଞ୍ଚଳରେ ରହିଥିବା ନଦୀ, ନାଳ ଓ ବନ୍ୟାର ସମୟ, ବନ୍ୟା ବିପନ୍ନ ଅଞ୍ଚଳରେ ଆଶ୍ରୟସ୍ଥଳୀର ପରିଚାଳନା, ଧନଜୀବନର ଆକଳନ, ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା, ସ୍ୱେଚ୍ଛାସେବୀଙ୍କର ଭୂମିକା ଆଦି ଉପରେ ଆଲୋଚନା ହୋଇଥିଲା। ଗ୍ରୁପ୍-୧ରେ ମଧୁସୂଦନ ଗିରି, ଗ୍ରୁପ୍-୨ରେ ସୁପ୍ରଭାତ କର, ଗ୍ରୁପ୍-୩ରେ ରୂପାଲୀ ପାତ୍ରୀ, ଗ୍ରୁପ୍-୪ରେ ସ୍ୱୟାଂଶୁ ଦାସ, ଗ୍ରୁପ୍-୫ରେ ନନ୍ଦିତା ଦାସ, ଗ୍ରୁପ୍-୬ରେ ଶୁଭେନ୍ଦୁ ଶେଖର ଦାସ, ଗ୍ରୁପ୍-୭ରେ ସୁଶୀଲ ରାଉତ ସେମାନଙ୍କ ରିପୋର୍ଟ ଉପସ୍ଥାପନା କରିଥିଲେ। ଉଭୟ ପର୍ଯ୍ୟାୟରେ ହୋଇଥିବା ଦଳଗତ ଆଲୋଚନାରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀମାନେ ଅତି ସହଜରେ ବିଷୟବସ୍ତୁଗୁଡ଼ିକୁ ଗ୍ରହଣ କରିବାରେ ସମର୍ଥ ହୋଇଥିଲେ। ଏହାପରେ ଯାଜପୁର ଜିଲା ପ୍ରତିନିଧି ବେହେରା ସୋସିଆଲ ମିଡିଆର ବିଭିନ୍ନ ଦିଗ, ବ୍ୟବହାର ଓ ସତର୍କତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ‘ୟୁନିସେଫ୍’ ଓଡ଼ିଶା ଚାପ୍ଟରର ଆଡଭୋକେସି କମ୍ୟୁନିକେଶନ ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ, ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ପ୍ରୋଜେକ୍ଟ କୋ ଅର୍ଡିନେଟର ଚିନ୍ମୟୀ ପାଠୀ, କମ୍ୟୁନିଟି ମୋବିଲାଇଜର ନାରାୟଣ ଦାସ ଓ ଟ୍ରେନିଂ ଅଫିସର ଶୀତଲ ପଟ୍ଟନାୟକ ବିଭିନ୍ନ ଆଲୋଚନାରେ ଭାଗ ନେଇ ଶିବିରାର୍ଥୀମାନଙ୍କୁ ବୁଝାଇଥିଲେ।

# କନ୍‌ଷ୍ଟେବଲ ବିକୁଥିଲେ ନକଲି ମଦ

## କୁକୁଡ଼ା ଫାର୍ମରେ ଚାଲିଥିଲା କାରଖାନା: ୩ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୯।୪**

ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଶନିବାର ନକଲି ବିଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ସ୍ଥାନୀୟ ଭୈରବୀ ମାର୍କେଟ ଛକରେ ବ୍ଲକିଂ କରିଥିଲା। ଗୋଟିଏ ଅଟୋ (ନଂ ଓଡି ୦୭ ଏଏ ୦୫୨୮)କୁ ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେଥିରେ ନକଲି ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ଅଟୋ ଚାଳକ ବାଉରୀସୁକୁଣ୍ଡା ଗ୍ରାମର ରନୋଜ ଦାସ (୨୨)ଙ୍କୁ ଗିରଫ ପରେ ତାଙ୍କ ବୟାନକୁ ଆଧାର କରି ପୋଲିସ ଘଟଣାର କିଙ୍ଗ୍‌ପିନ କୁହାଯାଉଥିବା ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ କନ୍‌ଷ୍ଟେବଲ ଚୀନମିନି ବାରିକ (୩୫)ଙ୍କୁ ଗିରଫ କରିଥିଲା। ପରେ କନ୍‌ଷ୍ଟେବଲ ବାରିକ ଦିଗପହଣ୍ଡି ଲଙ୍ଗଳଦେଇଠାରେ କରିଥିବା ଏକ କୁକୁଡ଼ା ଫାର୍ମରେ ଚଢାଉ କରିଥିଲା। ବାରିକ ସେଠାରେ ମଦ ପ୍ରସ୍ତୁତ କରି ଜିଲାର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଉଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ଉକ୍ତ ନକଲି ମଦ ଫ୍ୟାକ୍ଟ୍ରିରେ କାମ କରୁଥିବା ବଡ଼ବଜାର ଥାନା ଅନ୍ତର୍ଗତ ଗେଲାଦୁଲା ସାହିର ବାବୁ ସାହୁ (୩୬)ଙ୍କୁ ଗିରଫ କରି ମାମଲା ନଂ.୭୭/୨୨ରେ କନ୍‌ଷ୍ଟେବଲ ବାରିକଙ୍କ ସମେତ ୩ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। କନ୍‌ଷ୍ଟେବଲଙ୍କ ଆଇଡି କାର୍ଡ ପୋଲିସ ଜବତ କରିଛି।






ଆଇଡି କାର୍ଡ। ଜବତ ନକଲି ମଦ ଓ ଅନ୍ୟାନ୍ୟ ସାମଗ୍ରୀ।

ପ୍ରକାଶ ଯେ, ଶନିବାର ବଡ଼ବଜାର ଥାନା ପୋଲିସ ଦିଗପହଣ୍ଡି ଥାନା ଅନ୍ତର୍ଗତ ଲଙ୍ଗଳଦେଇ କୁକୁଡ଼ାଫାର୍ମରେ ଚାଲିଥିବା ନକଲି ବିଦେଶୀ ମଦ ପ୍ରସ୍ତୁତ କାରଖାନା ସମ୍ପର୍କରେ ଖବର ପାଇ ସେଠାରେ ଚଢାଉ କରିଥିଲା। ସେଠାରୁ ୨ ଲିଟର ସ୍ପିରିଟ, ୪୦୪ ବୋତଲ ନକଲି ବିଦେଶୀ ମଦ, ଗୋଟିଏ ବୋତଲ ରଙ୍ଗ, ୩୦୦ମିଲିଲିଟର ରାସାୟନିକ ଏସେନ୍ସ, ଖାଲି ବୋତଲ, ଠିପି, ବିଭିନ୍ନ ବ୍ରାଣ୍ଡର ଲେବଲ୍, ଅବକାରୀ ବିଭାଗର ନକଲି ଲେବୁଲ ୬ ସିଟ୍ ଓ ମେଶିନ ଆଦି ଜବତ କରିଥିଲା ବୋଲି ଏକ ପ୍ରେସ୍‌ନୋଟରେ ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଜବତ ନକଲି ମଦ ଓ ସ୍ପିରିଟର ନମୁନା ସଂଗ୍ରହ କରାଯାଇଛି। ସେଗୁଡିକ କେମିକାଲ ପରୀକ୍ଷା ପାଇଁ ପଠାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ତିନିମୁଣ୍ଡିଆରେ ଅଟକିଲା ରଥ

**ପୁରୁଣା ଭୁବନେଶ୍ୱର,୯।୪(ଡି.ଏନ୍.ଏ.)**

ଅଶୋକାଷ୍ଟମୀ ଅବସରରେ ଶନିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ନୀତିକାନ୍ତି ପରେ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦ ଦକ୍ଷିଣ ଘରୁ ବିଜେ ହୋଇ ଆଡ଼କାଠ ନିକଟରେ ପହଞ୍ଚିଥିଲେ। ସେବାୟତମାନେ ଶ୍ରୀଜୀଉଙ୍କୁ ଆଜ୍ଞାପ୍ରସାଦ ଦେବାପରେ ଅପରାହ୍ନ ୧ଟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ପହଣ୍ଡିରେ ଆଣିଥିଲେ। ଅପରାହ୍ନ ୧ଟା ୫୦ରେ ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ। ପୂଜାପଣ୍ଡା ସେବାୟତ ଛେରାପହଁରା କରିଥିଲେ। ଅପରାହ୍ନ ୩ଟା ୨୨ରେ ରଥ ଉପରକୁ ଘୋଡ଼ା ଉଠିବା ପରେ ରଥ କାଳିସୀ ନରସିଂହ ଖୁଣ୍ଟିଆ ଓ ତାଙ୍କ ପୁଅ ଭବାନୀ ରଥକୁ ଚଢ଼ିଥିଲେ। ଅପରାହ୍ନ ୪ଟା ୫୫ରେ ରଥଟଣା ହୋଇଥିଲା। ତେବେ ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ଅନୁସାରେ ଅପରାହ୍ନ ୩ଟା ୩୦ରେ ରଥ ଟଣା ହେବାକୁ ଥିଲା। ହେଲେ ୧ଘଣ୍ଟା ୨୫ମିନିଟ ବିଳମ୍ବରେ ରଥ ଟଣା ଯାଇଥିଲା। ରଥଖଳାରୁ ୫୦୦ମିଟର ରଥ ଗଡ଼ିଲା ପରେ ସନ୍ଧ୍ୟା ହୋଇଯିବାରୁ ଟଣା ବନ୍ଦ ରହିଛି। ରଥ ତିନିମୁଣ୍ଡିଆ ଛକ ନିକଟରେ ଅଟକି ରହିଛି। ପ୍ରବଳ ଖରା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶ ମଧ୍ୟରେ ରଥ ଟାଣିବାକୁ ଅପେକ୍ଷା କରି ରହିଥିଲେ। ଅଳ୍ପ ସମୟ ରଥ ଟଣା ଯୋଗୁ ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରିଥିଲେ। ଗୋଟିଏ ଦିନରେ ରଥ ଟଣାଯାଇ ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ଥିବା ବେଳେ ଏହା ହୋଇପାରି ନ ଥିଲା। ଶୁକ୍ରବାର ରଥ ପ୍ରତିଷ୍ଠା ଅର୍ଥାତ୍ ଠାକୁରଙ୍କ ବଡ଼ସିଂହାର ନୀତିରେ ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବ ଯୋଗୁ ଶନିବାର ମଙ୍ଗଳ ଆଳତି ନୀତି ୬ଟା ୩୦ରେ ହୋଇଥିଲା। ଫଳରେ ରଥ ଟଣା ୧ଘଣ୍ଟା ୨୫ମିନିଟ ବିଳମ୍ବରେ ହୋଇଥିଲା। ରବିବାର ନୀତିକାନ୍ତି ପରେ ଅପରାହ୍ନ ୩ଟାରେ ପୁଣି ରଥ ଟଣାଯିବ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଲୁବୁନୁ
ପରିବାରବର୍ଗ


ଜଗଦୀଶ୍
ପରିବାରବର୍ଗ


ସଙ୍ଗୀତା
ପରିବାରବର୍ଗ


ଶ୍ରୀରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାଣିରେ ବୁଡ଼ି ଦିବ୍ୟାଙ୍ଗଙ୍କ ମୃତ୍ୟୁ

କଟକ ସଦର, ୯।୪(ଡି.ଏନ୍.ଏ.)- ପାଣିରେ ବୁଡ଼ିଯାଇ କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ସେଖ୍ ସଫିକ୍ ନାମକ ଦିବ୍ୟାଙ୍ଗ ଯୁବକଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ରମ୍‌ଜାନ ମାସ ଚାଲିଥିବାରୁ ଯୁବକ ଜଣକ ପ୍ରାୟ ୧ କିମି ଦୂର ମାଛଗାଁ କେନାଲକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ଅସାବଧାନତା ବଶତଃ ସେଠାରେ ଥିବା ଖାଲରେ ପଡ଼ିଯିବାରୁ ପାଣିରେ ବୁଡି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

# classifieds Everyday 0674-2580101, 2549302




## BRIDE WANTED

ବିବାହ ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ଉତ୍ତମ ବରପାତ୍ର ପାଇଁ- 7653898752. D-68290

## GROOM WANTED

Extremely Beautiful Khandayat Girl, 1997/5'5" (PG-English), Require Service Holder, Varsha- 7205309255, 9938153405. D-038

ବିବାହ ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର ସୁନ୍ଦର କନ୍ୟାପାତ୍ରୀ ପାଇଁ- 7653898752. D-68291

47 ବର୍ଷର Widow ମହିଳା Agriculture Departmentରେ କାର୍ଯ୍ୟରତ। ଘର- ଭଦ୍ରକ। (ଘରଜ୍ୱାଇଁ ପ୍ରାଥମିକତା) ଯୋଗାଯୋଗ କରନ୍ତୁ: 8895713065. D-089

Wanted Groom being a Allopathic Doctor preferable completed MD, age within 30, caste- Brahmin for a lady MBBS Doctor age- 26, caste- Brahmin working in a Hospital in Bhubaneswar. Contact directly to parent No. 9778312631. D-080

58 ବୟସ୍କା ନିଃସନ୍ତାନ ଏକାକୀ ରହୁଥିବା ବିଧବା ବ୍ରାହ୍ମଣ Private ଚାକିରିଆ ଝିଅଙ୍କୁ married/ unmarried ବରପାତ୍ର ଆବଶ୍ୟକ। 7606067313. D-088




## SALE

Tata Zest 2016, Tata Magic, Mahindra Xenio Dalla, Tata ACE for sale. 8018277355. D-71526




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot for Sale at Ghangapatna (4km from Sumhospital). 9583295832, 9937816565. D-067

**ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5 K.M. ଦୂରତାରେ ଘରବାରି ପ୍ଲଟ୍ sqft.-650/-ରେ ବିକ୍ରିହେବ। First possesion then registration. 7978533676.** D-73229

BDA yellowzone conversion plot for sale near AIIMS. For details contact Ph. No.- 9937232509, 9337711256. D-073

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

ଭୁବନେଶ୍ୱରରେ ଘରବାରି Yellow Zone ପ୍ଲଟ୍ କିଣନ୍ତୁ। ବର୍ଗଫୁଟ 699/-, 1799/-. 9439845141. D-044

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

**ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.- 750/-. 9439918431, 8249603324.** D-73222

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 7894433357. D-73227

**ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232.** D-73230

Plot for sale at Chhatabar per sqft. @99/-. 9583295832, 9937816565. D-091

**3 BHK Apartment South facing, Prachi Vihar, Palasuni. Vastu compliant. Contact: 8895197709.** D-046

Residential plot near Kateni Square (Sum Hospital) close to Cuttack- Khordha NH, Adjacent 200feet road, 12subplot left. Contact: 9937452454, 8144373035. D-078

**ହଂସପାଳ ପାଖରେ Audi Showroom ଆଗରେ NH ଠାରୁ 200 mtr. ଦୂରରେ ସମସ୍ତ development ଯଥା: boundarywall, road, electricity ଥାଇ ଜାଗା ବିକ୍ରି କରାଯାଉଅଛି। ଯୋଗାଯୋଗ: 9337343941.** D-057

9000sqft. of home stead land near Bomikhal west canal ready for sharing construction (Apartment). Contact: 9437301547. D-079

**Studio and 1BHK Apartment with all furnished available at Srikhetradham, Puri. 9348332283, 9861593321.** D-017

2BHK 1326 sqft. SBP area ready to move flat at Suryatapa Apartment, Sunderpada for sale. Contact: 9437084495. D-069

**ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs- 750/- immediate construction. Contact No.- 7008992019.** D-025

1750sqft. residential plot at Olatpur (near SVNIRTAR Hospital) with pucca road, electricity etc. Only genuine buyers please call to 9853505578. D-083

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-23479

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

**Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact: 9178060228.** D-015

Ready 4BHK Duplex Balianta Syphon. Land-1400 and Construction- 2200- 85Lakh. 9938219397, 9861022055. D-076

Your Classified Advertisement published in Dharitri will be listed free in Dharitri Online Edition:**dharitriepaper.in**

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71881

Luxurious 4BHK Duplex Jharpada- 1.5cr, pokhariput- 1.3cr, Bhubaneswar New Station-90Lakhs, Balianta-75Lakhs. 7008550473. D-059

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/- .8249086912. D-093

**Private gharabari boundary plot sale near Gita, Gandhi College, Infosys- II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71886

**ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215




Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

## GENERAL

## SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




2BHK first floor house 1200sqft. with garage large terrace in Aerodrome area, Bhubaneswar for family. Contact. 9437019021. D-71488

**Single room furnished 4000/-, singleroom attached Toilet, Kitchen- 5000/-, plot-5, Kharvelnagar near Kesharitalkies, Bhubaneswar. 9238647661.** D-71021

Marble duplex 2rooms, Kitchen, Toilet, Balcony (First Floor) for Single/ Family/ Office, Samantarapur, Bhubaneswar. 7682848145. D-070

**Rent for Office/Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar- 751019. Contact: 9871816986.** D-71487

750sqft. (appx). Carpet Area Office space available on Janpath near Master Canteen, 3rd floor with elevator. Contact: 9338002008, 9437100525. D-71974




Mesmerizing, energetic body, mind qualitative relaxing massage experienced therapists. 9668374480. D-71975

Herbal full body relax massage by trend lady therapist. 7008773793. D-71485

Newly open SPA positively health benefits expert therapist, Kalpana. 7846814019. D-71486

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open full body massage ladies and gents. 8327740003. D-71885

## LEGAL NOTICE

In the Court of the Judge, Family Court, Bhubaneswar Civil Proceeding No.-472 of 2020

Rojalin Rout @ Tripathy ...Petitioner

AND

Rajkumar Tripathy ....Opp. Party

Publication Notice U/o-5, Rule-20 of C.P.C

Publication issued to Rajkumar Tripathy, aged about 38 years, S/o- Late Brundaban Tripathy, resident of Vill- Benipur, P.O.- Charinangal, Nikirai, P.S.- Derabish, Dist.- Kendrapara- 754292.

Take notice that the petitioner has filed an application for dissolution of marriage U/s-13 (1) of Hindu Marriage act against you and the court is satisfied that you are trying to intentionally and deliberately avoiding to receive the summons sent through court and by registered post and the court is also satisfied that the summons can not be served on you in ordinary process.

You are therefore directed to appear before this court on 06.05.2022 at 10.30 AM to answer all the points on your behalf in the Divorce Petition. On default of your appearance the case will be heard and determined in your absence exparte.

Given under my hand and seal of this court this 28th day of March 2022.

Sd/.- Judge, Family Court Bhubaneswar, Dist.- Khurdha, Odisha.
D-033

## ୪ର୍ଥ ଜନ୍ମବାର୍ଷିକୀ




**ଶ୍ରୀରାମଚନ୍ଦ୍ର ସାହୁ**

ସାନ୍ଧାପଶିପାଟଣା, ଗଁଦିଆ
ଭଗବାନ ତୋତେ ଆଶୀର୍ବାଦ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ବାପା, ମା, ଦାଦା, ଖୁଡ଼ୀ, ଜେଜେବାପା, ଜେଜେମା, ଲିଙ୍କୁନ, ଶ୍ରୀ, ମାମୁନି, ଶିବାନୀ, ଟୁଲୁ, ଲୁଲୁ, କୃଷ୍ଣ, ଖୁସି ଓ ପରିବାରବର୍ଗ।
ଧ-୭୦୩୯୧

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି, କିନ୍ତୁ ଅର୍ଥ ସଂକଟ ମଧ୍ୟରେ ଗତି କରିବାକୁ ହିଁ ପଡ଼ିବ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ସାୟାହ୍ନେ ଅନୁଭବ କରିବେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାର ସୂଚନା ରହିଛି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ** ଆଜି ହଠାତ୍ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବା ଆଶଙ୍କା ରହିଛି। ସାମୟିକ ଭାବରେ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା କହିପାରିବେ ନାହିଁ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଜମିଜମା ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନକୁ ହାଲୁକା କରିବେ।

**ସିଂହ** ଆଜି କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ ହେବେ। ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଫନ୍ଦିଫିକର କରିବାକୁ ପଡ଼ିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ।

**କନ୍ୟା** ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ ହେବେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକସ୍ତରରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ । ଅପରାହ୍ନରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆକସ୍ମିକ ଅର୍ଥ ଲାଭ କାରଣରୁ ମନ ପ୍ରଫୁଲ୍ଲ ରହିବ। ଅପେକ୍ଷା କରିଥିବା କୌଣସି ଖବରଟିକୁ ଆକସ୍ମିକ ଭାବରେ ପାଇ ଖୁସି ହୋଇଯିବେ।

**ଧନୁ** ଈର୍ଷାପରାୟଣ ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ସମସ୍ୟା ବୃଦ୍ଧି କରିବା ଆଶଙ୍କା ରହିଛି। ଜମିଜମାରେ କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କୀୟ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର କ୍ରୀଡ଼ା, କଳା, କାରିଗରି ପ୍ରଭୃତି କ୍ଷେତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ମକର** ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ। ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ** ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** ବିଭିନ୍ନ ସମସ୍ୟା ରହଥିଲେ ମଧ୍ୟ ହାତକୁ ନେଇଥିବା କାମ ଅଟକିବ ନାହିଁ। ସନ୍ତାନମାନଙ୍କ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ରେବତୀ ନକ୍ଷତ୍ର ଚେଷ୍ଟା କରୁଥିବା କାମର ସଫଳତାରେ ଆନନ୍ଦ ଅନୁଭବ କରିବେ।

# ମାୟାବତୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପ୍ରସ୍ତାବ ଦେଇଥିଲା କଂଗ୍ରେସ

**ନୂଆଦିଲ୍ଲୀ,୯।୪**



ସଦ୍ୟସମାପ୍ତ ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସହ କଂଗ୍ରେସ ମେଣ୍ଟ କରିବା ଲାଗି ଏହାର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମାୟାବତୀଙ୍କୁ ପ୍ରସ୍ତାବ ଦେଇଥିଲେ। ମେଣ୍ଟ ହେଲେ ମାୟାବତୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବ ବୋଲି କଂଗ୍ରେସ କହିଥିଲା। କିନ୍ତୁ ବିଏସ୍‌ପି ନେତ୍ରୀ ଆମ ସହ ଏନେଇ କଥା ହେଲେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ସିବିଆଇ, ଇଡି ଏବଂ ପେଗାସସ୍ ଭୟରେ ମାୟାବତୀ ଶାସକ ଭାଜପାକୁ ଜିତାଇବାରେ ସାହାଯ୍ୟ କଲେ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

୪୦୩ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଦୁଇ ଦଳ ଭାଜପା ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ଲଢ଼େଇ ହୋଇଥିଲା। ନିର୍ବାଚନରେ କଂଗ୍ରେସ ୨ଟି ଆସନ ଜିତିଥିଲାବେଳେ ଏହାର ଭୋଟ ହାର ୨.୫ ପ୍ରତିଶତରୁ କମ୍ ରହିଛି। ୯୭ ପ୍ରତିଶତ କଂଗ୍ରେସ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି। ଅନ୍ୟପକ୍ଷରେ ବିଏସ୍‌ପି ଗୋଟିଏ ଆସନରେ ଜିତିଥିଲେ ମଧ୍ୟ ଏହାର ଭୋଟ ହାର ପ୍ରାୟ ୧୩ ପ୍ରତିଶତ ରହିଛି। ଉକ୍ତ ଦଳର ପାଖାପାଖି ୭୨ ପ୍ରତିଶତ ପ୍ରାର୍ଥୀ ଅମାନତ ହରାଇଛନ୍ତି। 'ଦି ଦଳିତ ଟ୍ରୁଥ୍' ପୁସ୍ତକ ଉନ୍ମୋଚନ ଅବସରରେ ରାହୁଲ କହିଥିଲେ, ସମ୍ବିଧାନ ଏକ ଅସ୍ତ୍ର। ତେବେ ଆର୍‌ଏସ୍‌ଏସ୍ ଅକ୍ତିଆର କରିଥିବା ଅନୁଷ୍ଠାନଗୁଡ଼ିକ ବିନା ଏହା ମୂଲ୍ୟହୀନ ବୋଲି ସେ ଅଭିଯୋଗ କରିଥିଲେ। ଅନୁଷ୍ଠାନଗୁଡ଼ିକ ଦେଶ କିମ୍ବା ଜନସାଧାରଣଙ୍କ ଦ୍ୱାରା ନିୟନ୍ତ୍ରଣ ହେଉନାହିଁ। ମହାତ୍ମା ଗାନ୍ଧୀଙ୍କୁ ହତ୍ୟା ଦିନରୁ ଏଭଳି ଆକ୍ରମଣ ଆରମ୍ଭ ହୋଇଥିବା ରାହୁଲ କହିଛନ୍ତି। ସିବିଆଇ ଏବଂ ଇଡି ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ସେ ଅଭିଯୋଗ କରିଛନ୍ତି।

# ଭାଜପାରେ ଯୋଗଦେଲେ ଏଏପି ରାଜ୍ୟ ସଭାପତି

**ଶିମ୍ଲା,୯।୪**

ମଣ୍ଡି ସହରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ରୋଡ୍ ଶୋ' ପରେ ବିବ୍ରତ ଭାଜପା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇବ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କୁହାଯାଇଥିଲା। ହେଲେ ହିମାଚଳପ୍ରଦେଶରେ ଭାଜପା କେଜ୍‌ରିୱାଲଙ୍କ ଦଳକୁ ଶକ୍ତ ଝଟ୍‌କା ଦେଇଛି। ଏଏପିର ରାଜ୍ୟ ସଭାପତି ଓ ସାଂଗଠନିକ ସମ୍ପାଦକ ଭାଜପାରେ ସାମିଲ ହୋଇଛନ୍ତି। ମଣ୍ଡିରେ କେଜ୍‌ରିୱାଲଙ୍କ ରୋଡ୍ ଶୋ'ର ଦୁଇଦିନ ପରେ ହିମାଚଳପ୍ରଦେଶର ଏଏପି ସଭାପତି ଅନୁପ କେଶରୀ, ସାଂଗଠନିକ ସାଧାରଣ ସମ୍ପାଦକ ସତୀଶ ଠାକୁର ଏବଂ ଉନା ସଭାପତି ଇକ୍‌ବାଲ ସିଂ ଶନିବାର ନୂଆଦିଲ୍ଲୀରେ ଗୈରିକ ଦଳରେ ଯୋଗଦେଇଛନ୍ତି। ଫଳରେ ହିମାଚଳପ୍ରଦେଶ ବିଧାନସଭାର ସମସ୍ତ ୬୮ ଆସନରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ଏଏପିକୁ ବଡ଼ ଧକ୍କା ଲାଗିଥିବା କୁହାଯାଉଛି। ପାର୍ବତ୍ୟାଞ୍ଚଳ ଓ ଏହାର ଅଧିବାସୀ କେଜ୍‌ରିୱାଲଙ୍କ ଜାଲରେ ପଡ଼ିବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଉତ୍ତରପ୍ରଦେଶର ସବୁ ଆସନରେ ଏଏପି ଅମାନତ ହରାଇଥିବାବେଳେ ହିମାଚଳପ୍ରଦେଶରେ ତାହାର ପୁନରାବୃତ୍ତି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



ହିମାଚଳ ପ୍ରଦେଶ ଏଏପି ସଭାପତି ଅନୁପ କେଶରୀଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ରାଜ୍ୟର ୫୬% ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ନାହିଁ: ଭାଜପା

## ଖର୍ଚ୍ଚ ନ କରିପାରିବାରୁ ୮୩୧ କୋଟି ଫେରିଗଲା

**ଭୁବନେଶ୍ୱର,୯।୪(ବ୍ୟୁରୋ)**

୨୨ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ୍ ହୋଇଥିବା ରାଜ୍ୟ ସରକାର ରାଜ୍ୟରେ ସାମାନ୍ୟ କେନାଲଟିଏ ମଧ୍ୟ ନିର୍ମାଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟର ୩୧୪ ବ୍ଲକରୁ ୧୬୦ଟି ବ୍ଲକରେ ପାନୀୟ ଜଳ ପ୍ରକଳ୍ପ କାଗଜକଲମରେ ସୀମିତ ରହିଛି। ରାଜ୍ୟର ୫୬ ପ୍ରତିଶତ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ଗଞ୍ଜାମରେ ୨୩୭ଟି ପ୍ରକଳ୍ପରୁ ୧୧୩ଟି ପ୍ରକଳ୍ପ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ । ଆଦିବାସୀ ଓ ଶିଳ୍ପ ଜିଲା ଭାବେ ପରିଚିତ ସୁନ୍ଦରଗଡ଼ ଜିଲାରେ ମାତ୍ର ୭ ପ୍ରତିଶତ ଘରକୁ ପାଣି ଯୋଗାଣ ହୋଇଛି । ଜାତୀୟସ୍ତରରେ ୮୩ ପ୍ରତିଶତ ବିଦ୍ୟାଳୟ ଏବଂ ୭୮ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରକୁ ପାନୀୟ ଜଳ ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ ୬୭ ପ୍ରତିଶତ ବିଦ୍ୟାଳୟ ଏବଂ ୫୪ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରକୁ ପାନୀୟ ଜଳ ଯୋଗାଣ ହୋଇଛି । ଏପରି କି ଓଡ଼ିଶାର ୪୦ ପ୍ରତିଶତ ଗ୍ରାମରେ 'ଗ୍ରାମ ଜଳ ଓ ପରିମଳ କମିଟି' ଗଠନ ହୋଇନାହିଁ । ୨୦୧୯ ଡିସେମ୍ବର ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିବା ୧୧୦ଟି ମେଗା ଜଳ ପ୍ରକଳ୍ପ ଶେଷ ହୋଇନାହିଁ । ୨୦୨୧-୨୨ ଆର୍ଥିକ ବର୍ଷରେ ପାନୀୟ ଜଳ ବାବଦରେ ରାଜ୍ୟ ସରକାର ମାତ୍ର ୪୨.୦୭ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ୨୦୧୯ ମସିହାରୁ ପାନୀୟ ଜଳ ପ୍ରକଳ୍ପ ବାବଦରେ ୧୨୯୮.୭୧ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନକୁ ବ୍ୟବହାର କରିବାରେ ରାଜ୍ୟ ସରକାର ବିଫଳ ହୋଇଥିଲେ । ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପାନୀୟ ଜଳ ବାବଦରେ ଖର୍ଚ୍ଚ ନ କରିପାରିବା କାରଣରୁ ୮୩୧କୋଟି ଟଙ୍କା ଫେରିଯିବା ରାଜ୍ୟ ସରକାରଙ୍କ ଅପାରଗତାକୁ ସ୍ପଷ୍ଟ ପ୍ରମାଣିତ କରିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂହ କହିଛନ୍ତି । ସ୍ୱାଧୀନତା ପରଠାରୁ ୨୦୧୯ ପର୍ଯ୍ୟନ୍ତ ଦେଶର ମାତ୍ର ୩.୨୩ କୋଟି ଘରେ ପାଇପ ଯୋଗେ ଜଳ ପହଞ୍ଚି ପାରିଥିଲା । ମାତ୍ର ମୋଦି ସରକାରଙ୍କ ଦୃଢ ସଙ୍କଳ୍ପ କାରଣରୁ ଗତ ୩ ବର୍ଷରେ ୯ କୋଟି ୪୦ ଲକ୍ଷରୁ ଅଧିକ ଘରକୁ ପାଇପ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ସମ୍ଭବ ହୋଇଛି । ରାଜ୍ୟର ସବୁ ନଦୀ, ନାଳ ଏକପ୍ରକାର ଶୁଷ୍କ ହେବାରୁ ଲୋକମାନେ ପିଇବା ପାଣି ଓ ଚାଷ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହିଳାମାନେ ଚୁଆଁରୁ ପାଣି ଆଣି ପାନୀୟ ଜଳ ଭାବେ ବ୍ୟବହାର କରିବାର ଦୃଶ୍ୟ ଅତ୍ୟନ୍ତ ଅବର୍ଣ୍ଣନୀୟ । ପାନୀୟ ଜଳ ପ୍ରକଳ୍ପ ପାଇଁ ରାଜ୍ୟର ବହୁ ସ୍ଥାନରେ ପାଇପ ପଡ଼ି ରହିଛି, କିନ୍ତୁ ବିଜୁଳି ସଂଯୋଗ ହୋଇନାହିଁ । ଅନେକ ସ୍ଥାନରେ ପାଇପ ଫାଟି ଯାଇଥିବା ଚିତ୍ର ମଧ୍ୟ ଦେଖିବାକୁ ମିଳୁଛି । ପାଇପ କିଣାରେ ବ୍ୟାପକ ଦୁର୍ନୀତି ହେଉଛି । ଅନ୍ୟପଟେ କେନ୍ଦ୍ରୀୟ ଅନୁଦାନକୁ ରାଜ୍ୟ ସରକାର ବଡ଼ ବଡ଼ ହୋର୍ଡିଂ ଓ ବିଜ୍ଞାପନ ଜରିଆରେ କେବଳ ଦଳୀୟ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଅଥଚ କେନ୍ଦ୍ର ଜଳଜୀବନ ମିଶନ ଲୋଗୋ କିମ୍ବା କେନ୍ଦ୍ରୀୟ ଅନୁଦାନ ସମ୍ପର୍କରେ କୌଣସି ସୂଚନା ନାହିଁ । ଏହି କାରଣରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ଦୁଃଖକଷ୍ଟରେ ଜୀବନ କାଟିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସେ କହିଛନ୍ତି । ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ ମିଶନ ମୋଡ୍‌ରେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଯୋଜନା 'ହର୍ ଘର୍, ନଲ୍ ସେ ଜଲ୍' ଯୋଜନାକୁ ରାଜ୍ୟରେ ଠିକ୍ ଏବଂ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସହ ମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାର ସିଂହ ଓ ଅନ୍ୟ ନେତୃବୃନ୍ଦ।

# ୨୫ ଲକ୍ଷ ଲୋକଙ୍କ ଘରକୁ ଯିବେ ଏଏପି କର୍ମକର୍ତ୍ତା

## ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ପାଇଁ ଅଭିଯାନ

**ଭୁବନେଶ୍ୱର,୯।୪ (ବ୍ୟୁରୋ)**

ରାଜ୍ୟରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ପ୍ରଦାନ ଦାବି ନେଇ ଆମ ଆଦମୀ ପାର୍ଟି(ଏଏପି) ଓଡିଶା ଶାଖା ପକ୍ଷରୁ ଆନ୍ଦୋଳନର ରୂପରେଖ ଦେବା ପାଇଁ ଏକ ପ୍ରସ୍ତୁତି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ ସଭାଗୃହରେ ଆୟୋଜିତ ଏହି ସଭାରେ ଏଏପି ଓଡିଶା ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟରେ ବିଦ୍ୟୁତ ସରବରାହର ବାସ୍ତବିକ ସ୍ଥିତି ଓ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ପ୍ରଦାନର ଯୁକ୍ତିଯୁକ୍ତତା ପରିପ୍ରେକ୍ଷୀରେ ଏଏପି ଓଡ଼ିଶାର ମୁଖ୍ୟ ମୁଖପାତ୍ର ରଙ୍ଗାଚରଣ ପ୍ରଧାନ ଆଲୋଚନା କରିଥିଲେ। ଏହି ଅଭିଯାନ କ୍ରମେ ସମସ୍ତ ଦାବିକୁ ନେଇ ଏକ ଦାବି ପତ୍ର ପ୍ରସ୍ତୁତ କରାଯାଇ ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅଭିଯାନରେ ୨ ମାସ ମଧ୍ୟରେ ଏଏପି କର୍ମକର୍ତ୍ତା ଦାବିପତ୍ରକୁ ନେଇ ଘରକୁ ଘର ଯିବେ ଓ ସହମତି ସହ ଦସ୍ତଖତ ସଂଗ୍ରହ କରିବେ। ଉକ୍ତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁଳି ଆନ୍ଦୋଳନକୁ ପ୍ରାୟ ୨୫ ଲକ୍ଷ ଲୋକଙ୍କ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ଆବାହକ ମହାପାତ୍ର ଆହ୍ୱାନ ଦେଇଛନ୍ତି। ଏହି ସଭାରେ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# 'ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ଛାତ୍ର କଂଗ୍ରେସ'



ଏନ୍‌ଏସ୍‌ୟୁଆଇର ପ୍ରତିଷ୍ଠା ଦିବସରେ ଉପସ୍ଥିତ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ,ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଅନ୍ୟ ନେତୃବୃନ୍ଦ

**ଭୁବନେଶ୍ୱର,୯।୪ (ବ୍ୟୁରୋ)**

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ରାଜ୍ୟ କଂଗ୍ରେସ ଭବନରେ ଏନ୍‌ଏସ୍‌ୟୁଆଇର ୫୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ନୱାଜ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଛାତ୍ର ସମାଜକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ୧୯୭୧ରେ ଏନ୍‌ଏସ୍‌ୟୁଆଇ ପ୍ରତିଷ୍ଠା କରିଥିଲେ। ଦେଶର ଉନ୍ନତି ଦିଗରେ ଦାୟିତ୍ୱବାନ୍ ନାଗରିକ ଓ ନେତୃତ୍ୱ ସୃଷ୍ଟି କରିବା ଛାତ୍ର କଂଗ୍ରେସ କାର୍ଯ୍ୟର ଅଂଶବିଶେଷ। ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରି ବିକ୍ରିର ପ୍ରତିବାଦ କରିଛି। ନାରୀ ନିର୍ଯାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରଙ୍କ ବିରୋଧରେ ଜୋର୍‌ଦାର ଆନ୍ଦୋଳନ ସହ ପ୍ରତିବାଦ କରିଛି। କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନୀହାର ରଞ୍ଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଶ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମ୍‌ଡି ସମ୍‌ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦୀଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଞ୍ଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ ପ୍ରମୁଖ ଛାତ୍ରନେତା ଉପସ୍ଥିତ ଥିଲେ।

# ଜିଲା ପରିଷଦ ସଭ୍ୟଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ବଢୁଛି

**ବରୀ,୯।୪ (ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ବ୍ଲକରେ ୪ ଜିଲା ପରିଷଦ ଜୋନ୍ ରହିଥିବା ବେଳେ ସେସବୁକୁ ବିଜେଡି ଅକ୍ତିଆର କରିଛି। ସେଥିମଧ୍ୟରୁ ୨୧ ନଂ. ଜୋନ୍‌ରେ ଅଶୋକ ସାମଲ, ୨୨ ନଂ. ଜୋନ୍‌ରେ ଦିଲୀପ କୁମାର ମହାନ୍ତି, ୨୩ ନଂ. ଜୋନ୍‌ରେ ସୁମିତ୍ରା ଯାଦବ ଏବଂ ୨୪ ନଂ. ଜୋନ୍‌ରେ ସନ୍ତୋଷ ସାମଲ ନିର୍ବାଚିତ ହୋଇଛନ୍ତି। ହେଲେ ଅଶୋକ ଏବଂ ସନ୍ତୋଷ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସମର୍ଥନରେ ଟିକେଟ୍ ପାଇ ବିଜୟୀ ହୋଇଥିବା କୁହାଯାଉଛି। ସେହିପରି ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥନରେ ଦିଲୀପ ଏବଂ ସୁମିତ୍ରା ଟିକେଟ୍ ପାଇ ବିଜୟୀ ହୋଇଥିବା ଚର୍ଚ୍ଚା ହେଉଛି। ତେବେ ୨୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସାମଲ ବିଧାୟିକା ଦାସଙ୍କ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁପସ୍ଥିତ ରହିବା ନେଇ ଏବେ ଭିନ୍ନ ଆଲୋଚନା ହେଉଛି।

ବିଧାୟିକା ଦାସ ୨୦୧୯ ସାଧାରଣ ନିର୍ବାଚନ ସମୟରେ ଭାଜପାରୁ ଆସି ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ବିଶ୍ୱରଞ୍ଜନ ମଲ୍ଲିକ ଗତବର୍ଷ ବିଜେଡିରେ ସାମିଲ ହେବା ପରେ ତାଙ୍କୁ ଦଳ ରାଜ୍ୟ ସମ୍ପାଦକ କରିଛି। ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏବେ ବିଜେଡିରେ ଥିବାବେଳେ ସେମାନେ ୨୪ ନଂ ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ହୋଇଥିବାରୁ ଏହି ଜୋନ୍‌ର ଟିକେଟ୍ ହାତେଇବା ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିଲା। ମାତ୍ର ଏହି ଜୋନ୍‌ରୁ ବିଧାୟିକାଙ୍କ ଏକାନ୍ତ ଅନୁଗତ ଭାବେ ପରିଚିତ ସନ୍ତୋଷ କୁମାର ସାମଲ ଶାସକ ଦଳ ତରଫରୁ ଟିକେଟ୍ ପାଇ ବିଜୟୀ ହୋଇଥିଲେ। କିନ୍ତୁ ୬ ତାରିଖରେ ସ୍ଥାନୀୟ ଧାରପୁରଠାରେ ଆୟୋଜିତ ନବନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଜିଲାପରିଷଦ ସଭ୍ୟ/ସଭ୍ୟାମାନଙ୍କ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମଲ ଯୋଗ ଦେଇ ନ ଥିଲେ। ଫଳରେ ସେ କୁଆଡ଼େ ବିଶ୍ୱଙ୍କ ଶିବିରରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି।

# ଢେଙ୍କାନାଳ ବିଜେଡି କନ୍ଦଳ ଜଳଜଳ

- ଏମ୍‌ପି-ବିଧାୟକ ସମ୍ପର୍କରେ ତିକ୍ତତା ଚର୍ଚ୍ଚା
- ଭାଜପା ନେତାଙ୍କୁ ସମ୍ବର୍ଦ୍ଧିତ କଲେ ଏମ୍‌ପି
- ନିମନ୍ତ୍ରଣ ପାଇ ଆସିଲେନି ୧୩ ଦଳୀୟ କାଉନ୍‌ସିଲର

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳ ବିଜେଡିରେ ଅନ୍ତଃକନ୍ଦଳ ଭୟଙ୍କର ରୂପ ନେଲାଣି। ପଞ୍ଚାୟତ ଏବଂ ପୌର ନିର୍ବାଚନ ପୂର୍ବରୁ ଭୋଟ ପ୍ରଭାବିତ ହେବା ଆଶଙ୍କାରେ ଏହାକୁ କୌଣସି ମତେ ଚପାଇ ଦିଆଯାଇଥିବାବେଳେ ଏବେ ତାହା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଏମ୍‌ପି ମହେଶ ସାହୁ ଏବଂ ବିଧାୟକ ସୁଧୀର ସାମଲଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ଏହାର ପ୍ରମୁଖ କାରଣ ବୋଲି କର୍ମୀମହଲରେ ଖୋଲାଖୋଲି ଆଲୋଚନା ହେବା ପ୍ରସଙ୍ଗର ଗଭୀରତାକୁ ସୂଚାଉଛି। ତେବେ ଦଳରେ ସମନ୍ୱୟ ଅଭାବ ଥିବା ଏମ୍‌ପି କହୁଥିବାବେଳେ ଦଳବିରୋଧୀଙ୍କୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ବିଧାୟକ ଇଙ୍ଗିତ କରିଛନ୍ତି। ଦଳର ଦୁଇ ବରିଷ୍ଠ ନେତାଙ୍କ ଏଭଳି ମନ୍ତବ୍ୟ ଜିଲା ବିଜେଡିରେ କିଛି ଗଡ଼ବଡ଼ ଥିବା ସ୍ପଷ୍ଟ କରିଛି।

ଉଲ୍ଲେଖଯୋଗ୍ୟ, ନଗରପାଳ ଜୟନ୍ତୀ ପାତ୍ର, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଭାଜପାର ବିଜୟୀ କାଉନ୍‌ସିଲର ଏବଂ ପରାଜିତ ପ୍ରାର୍ଥୀମାନେ ଗତ ଶୁକ୍ରବାର ଏମ୍‌ପିଙ୍କୁ ତାଙ୍କ ଢେଙ୍କାନାଳସ୍ଥିତ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ୍ କରିଥିଲେ। ସେମାନଙ୍କୁ ଏମ୍‌ପି ସମ୍ବର୍ଦ୍ଧିତ କରିଥିଲେ, ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଶନିବାର ବିଜେଡିର ୧୪ କାଉନସିଲର୍‌ଙ୍କୁ ଭେଟିବା ପାଇଁ ଏମ୍‌ପି ଆମନ୍ତ୍ରଣ କରିଥିବାବେଳେ କେବଳ ବଂଶୀଧର ଦଳେଇ ଆସିଥିଲେ। ଉପନଗରପାଳଙ୍କ ସମେତ ୧୩ଜଣ କାଉନ୍‌ସିଲରଙ୍କ ଅନୁପସ୍ଥିତି ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ପ୍ରାର୍ଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଏମ୍‌ପି ସମ୍ବର୍ଦ୍ଧିତ କରିବା ଘଟଣାକୁ ବିଧାୟକଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ପୌର ନିର୍ବାଚନ ପ୍ରଚାରବେଳେ ହାତଗଣତି ୱାର୍ଡରେ ଏମ୍‌ପିଙ୍କୁ ଦେଖିବାକୁ ମିଳିଥିଲା। କାମାକ୍ଷାନଗର, ଭୁବନ ଏନ୍‌ଏସିକୁ ବାଦ୍‌ଦେଲେ ଢେଙ୍କାନାଳର ଅଧିକାଂଶ ୱାର୍ଡରେ ସେ ପ୍ରଚାର କରି ନ ଥିଲେ। ସେହିପରି ୧୪ନଂ. ୱାର୍ଡରୁ ନିର୍ବାଚନରେ ହାରିଥିବା ବିଜେଡି ପ୍ରାର୍ଥୀ ରୁଦ୍ରାନ୍ତ ଦଳେଇ ଏମ୍‌ପିଙ୍କ ପ୍ରତିନିଧି ଅଛନ୍ତି। ଏହି ୱାର୍ଡରୁ ବିଜୟୀ ସ୍ୱାଧୀନ ପ୍ରାର୍ଥୀ ବଂଶୀଧର ଦଳେଇ ବିଧାୟକଙ୍କ ଉପସ୍ଥିତିରେ ନିକଟରେ ବିଜେଡିରେ ସାମିଲ ହୋଇଛନ୍ତି, ଯାହାକୁ ଏମ୍‌ପିଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।



## ଦଳରେ ସମନ୍ୱୟର ଅଭାବ ରହିଛି: ମହେଶ



## ଦଳ ବିରୋଧୀଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ: ସୁଧୀର

ବିରୋଧୀ ଭାଜପା ଦଳକୁ ପ୍ରଥମେ ଆଶୀର୍ବାଦ ଦେବା ପରେ ଆମକୁ ଡାକିବା ଉଚିତ ହେଲାନାହିଁ ବୋଲି ଜଣେ ବିଜେଡି କାଉନ୍‌ସିଲର ନିଜର ନାମ ଗୋପନ ରଖି କହିଛନ୍ତି। ଅନ୍ୟପଟେ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ଏଭଳି ଶୀତଳ ଯୁଦ୍ଧ ଦଳପାଇଁ ଶୁଭଙ୍କରୀ ନୁହେଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଏମ୍‌ପି ସାହୁ କୁହନ୍ତି, ଶନିବାର ଦଳର ବିଜୟୀ ଉପନଗରପାଳଙ୍କ ସମେତ ସମସ୍ତ କାଉନସିଲରଙ୍କୁ ଡକାଯାଇଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ କେବଳ ଜଣେ କାଉନ୍‌ସିଲର ଆସିଥିଲେ। ଅନ୍ୟମାନେ କାହିଁକି ଆସିଲେ ନାହିଁ କିମ୍ବା ସେମାନଙ୍କୁ ଆସିବା ପାଇଁ କିଏ ମନାକଲେ ତାହା ଜଣାନାହିଁ। ଶୁକ୍ରବାର ଭାଜପା ନଗରପାଳ, ତାଙ୍କ ଦଳର ବିଜୟୀ କାଉନ୍‌ସିଲରଙ୍କ ସମେତ ପରାଜିତ ପ୍ରାର୍ଥୀମାନେ ଘଣ୍ଟାଏ ଅପେକ୍ଷା କରି ତାଙ୍କୁ ଭେଟିଥିଲେ। ପରିମଳ ବ୍ୟବସ୍ଥା ନ ସୁଧାରିଲେ ଏହାର ତୀବ୍ର ପ୍ରତିବାଦ କରାଯିବ ବୋଲି ସେ ତାଙ୍କୁ କହିଛନ୍ତି। ଯିଏ ଭଲ କାମ କରିବ ତାଙ୍କୁ ସହଯୋଗ କରାଯିବ। ଢେଙ୍କାନାଳ ପୌରାଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ଦେଲେ। ସାଂସଦ ଏବଂ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅର୍ଥ ବିନିଯୋଗ ହେଲା। ତଥାପି ସଫଳତା ମିଳିଲା ନାହିଁ। ଏହାର ଅର୍ଥ କେଉଁଠି ନା କେଉଁଠି ସମନ୍ୱୟର ଅଭାବ ରହିଛି। କାମାକ୍ଷାନଗର ଏନ୍‌ଏସି ବୈଠକରେ ମଧ୍ୟ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ଏଠି କାହା ପ୍ରରୋଚନାରେ କାଉନସିଲରମାନେ ଆସିଲେନି ତାହା ଜାଣି ନ ଥିବା ଏମ୍‌ପି କହିଛନ୍ତି। ଏ ସଂକ୍ରାନ୍ତରେ ବିଧାୟକ ସାମଲ କୁହନ୍ତି, କିଏ କାହାକୁ ଡାକିଲା, କାହାକୁ ସହଯୋଗ ମାଗିଲା, ସେ ବିଷୟରେ କିଛି ଜଣାନାହିଁ। ବିଜେଡିରେ ସମନ୍ୱୟ ରହିଛି। ଦଳରେ ସମସ୍ତେ ଏକଜୁଟ୍ ଅଛନ୍ତି। ହେଲେ କୌଣସି ପରିସ୍ଥିତିରେ ଦଳବିରୋଧୀଙ୍କୁ ବିଜେଡିରେ ପ୍ରଶ୍ରୟ ଦିଆଯିବ ନାହିଁ।



> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। –ଶ୍ରୀଅରବିନ୍ଦ



# ବ୍ୟବସ୍ଥା ନତମସ୍ତକ



ଆକାର ପଟେଲ

ଗଣତାନ୍ତ୍ରିକ ସରକାରର ବ୍ୟାପକତା ବହୁ ସମୟରେ ହ୍ରାସ ପାଇ ନିର୍ବାଚନ ପ୍ରକ୍ରିୟାରେ ସୀମିତ ରହେ। ଅବଶ୍ୟ ଏହା ଗଣତନ୍ତ୍ରର ଏକ ଅତ୍ୟାବଶ୍ୟକ ଅଙ୍ଗ। ମୁକ୍ତ ଓ ଅବାଧ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ବ୍ୟକ୍ତିଙ୍କୁ ସରକାରର ମୁଖିଆ ହେବାକୁ ଦିଏ ନିର୍ବାଚନୀ ଗଣତନ୍ତ୍ରର ଧାରା। ସମାଜର ସବୁବର୍ଗର ଲୋକେ ଏଥିରେ ଭାଗ ନେବାର ଅଧିକାର ଥାଉ କିମ୍ବା ନ ଥାଉ ଏହା ନିଜକୁ ବଳିଷ୍ଠ ବୋଲି ସାବ୍ୟସ୍ତ କରେ। ଏ ହିସାବରେ ଭାରତ ପ୍ରାୟତଃ ଭଲ ସ୍କୋର୍ କରେ। ନିର୍ବାଚନୀ ଗଣତନ୍ତ୍ରରେ ଭାରତକୁ ଫ୍ରିଡମ୍ ହାଉସ୍‌ର ର୍‍ୟାଙ୍କିଙ୍ଗ୍‌ରେ ୪୦ରୁ ୩୩ ପଏଣ୍ଟ ମିଳିଛି, ଯାହାକି ବହୁତ ଭଲ। ଏହା ଆମେରିକାଠାରୁ(୩୨) ଗୋଟିଏ ପଏଣ୍ଟ ଆଗରେ ରହିଛି। ତେବେ ନାଗରିକ ସ୍ୱାଧୀନତାରେ ଭାରତ ୬୦ରୁ ୩୩ ପାଇଥିବାବେଳେ ଆମେରିକାର ପଏଣ୍ଟ ରହିଛି ୫୧। ଏଥିପାଇଁ ଆମକୁ 'ଆଂଶିକ ସ୍ୱାଧୀନ' (କଶ୍ମୀରକୁ 'ସ୍ୱାଧୀନ ନୁହେଁ') ଦର୍ଶାଯାଇଥିବାବେଳେ ଆମେରିକାକୁ 'ସ୍ୱାଧୀନ' ଭାବେ ନିର୍ଦ୍ଧାରିତ କରାଯାଇଛି। ନିର୍ବାଚନୀ ଗଣତନ୍ତ୍ର ୪୦ ପଏଣ୍ଟ ପାଇଁ ଭଲ ଥିବାବେଳେ ନାଗରିକ ସ୍ୱାଧୀନତାର ପଏଣ୍ଟ ୬୦ ରହିବା ପାଠକମାନଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ବିଶ୍ୱର ଅଧିକାଂଶ ଦେଶ ଗଣତନ୍ତ୍ରକୁ ଏଭଳି ବିଚାର କରନ୍ତି। ସେମାନଙ୍କ ଦୃଷ୍ଟିକୋଣ ବ୍ୟକ୍ତି ଅଧିକାର ଓ ସ୍ୱାଧୀନତା ଉପରେ ରହୁଛି, କିନ୍ତୁ ୫ ବର୍ଷରେ ଥରେ ହେଉଥିବା ନିର୍ବାଚନରେ ସୀମିତ ରହୁନାହିଁ। ଗଣତନ୍ତ୍ରଗୁଡ଼ିକ ପାଇଁ ଆଉ ଏକ ତୃତୀୟ ପ୍ରସଙ୍ଗ ରହିଛି, ଯାହାକୁ ଆଲୋଚନା କରାଯାଇନାହିଁ, ତାହା ହେଉଛି ଦେଶର କାର୍ଯ୍ୟ ପଦ୍ଧତି। ଆମ ଦେଶରେ ନାଗରିକଙ୍କ ସମ୍ପୃକ୍ତି ସେମାନେ ନିର୍ବାଚିତ କରିଥିବା ରାଜନେତାଙ୍କ ସହିତ ରହେନାହିଁ। ଅମଲାତନ୍ତ୍ରୀ, ଜଲାପାଳ, ପୋଲିସ ଅଧିକାରୀ ଏବଂ ବିଚାରପତିଙ୍କ ସହ ନାଗରିକମାନେ ଜଡ଼ିତ ରହି ନେଇ କାମ କରିବାକୁ ପଡ଼େ। ସେମାନେ ଆମ ପାଇଁ ଦେଶ। ସେମାନେ ହିଁ ଗଣତନ୍ତ୍ରର ସର୍ବୋତ୍ତମ ପ୍ରତିନିଧି। ସେମାନଙ୍କର ମୂଲ୍ୟାଙ୍କନ କରାଗଲେ କେମିତି ହେବ? ଦୁଃଖର କଥା, ଏହା ପରିଣାମ ସମ୍ପୂର୍ଣ୍ଣ ନକାରାତ୍ମକ ହେବ। କାରଣ ଆମକୁ ଦୁର୍ନୀତି ଓ ଅପାରଗତା ବା ଅକ୍ଷମତା ମଧ୍ୟରେ ବଞ୍ଚିବାକୁ ପଡ଼େ। ଆଉ କିଛି କାରଣ ରହିଛି; ତାହା ହେଉଛି ରାଜନୈତିକ ପ୍ରତିଷ୍ଠାନଗୁଡ଼ିକର କ୍ଷମତା। ସେମାନଙ୍କ ଇଚ୍ଛା ଅନୁଯାୟୀ ଅମଲାତନ୍ତ୍ରୀଙ୍କୁ କାମ କରିବାକୁ ବାଧ୍ୟ କରନ୍ତି।

ଆମ ଦେଶରେ ବିରୋଧୀଙ୍କ ବିରୋଧରେ ରାଜନେତାମାନେ ପୋଲିସ ଓ ଏଜେନ୍ସିଗୁଡ଼ିକୁ ଠିଆ କରାନ୍ତି। ଉକ୍ତ ଏଜେନ୍ସିଗୁଡ଼ିକୁ ଚଳାଉଥିବା ଅଧିକାରୀମାନଙ୍କଠାରେ ପ୍ରକୃତ ନୈତିକତା ନ ଥିବା ଜଣାପଡ଼େ। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ବିରୋଧୀ ନେତା ଓ ପାର୍ଟିଗୁଡ଼ିକ ଉପରେ ପ୍ରତି ସପ୍ତାହରେ ଚଢ଼ାଉ କରାଯାଉଛି। ଯେଉଁମାନେ ସରକାରଙ୍କୁ ବିରୋଧ କରୁଛନ୍ତି ବିଶେଷକରି ସେମାନଙ୍କୁ ଟାର୍ଗେଟ କରାଯାଉଛି। ସେହିପରି କେନ୍ଦ୍ର ସରକାର ଅଧୀନ ନ୍ୟାଶନାଲ ଇନ୍‌ଭେଷ୍ଟିଗେଟିଙ୍ଗ ଏଜେନ୍ସି (ଏନ୍‌ଆଇଏ)କୁ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ପ୍ରୟୋଗ କରାଯାଉଛି। ଭୀମା କୋରେଗାଁଓ ଘଟଣା ପ୍ରଥମରୁ ମରାଠା ଏବଂ ଦଳିତଙ୍କ ମଧ୍ୟରେ ଏକ ସଂଘର୍ଷ ଥିଲା। କିନ୍ତୁ ଭାଜପା ମହାରାଷ୍ଟ୍ରରେ କ୍ଷମତାରୁ ହଟି ମହା ବିକାଶ ଅଘାଡି(ଏମ୍‌ଭିଏ) ଶାସନ ଭାର ଗ୍ରହଣ କରିବା ପରେ ମାମଲା ମହାରାଷ୍ଟ୍ର ପୋଲିସଙ୍କଠାରୁ କାଢ଼ିନିଆଗଲା। ଯେଉଁମାନେ ଏହି ଘଟଣାରେ ଜେଲରେ ରହିଛନ୍ତି, ଭାଜପା ସେମାନଙ୍କ କେସ୍ ଚଲାଇବାକୁ ଚାହୁଁନାହିଁ। ଏପରି କି ଫାଦର ଷ୍ଟାନ୍ ସ୍ୱାମୀଙ୍କ ଜାମିନକୁ ଭାଜପା ବିରୋଧ କରିବା ଯୋଗୁ ଜେଲରେ ତାଙ୍କର ମୃତ୍ୟୁ ଘଟିଲା। ପ୍ରକୃତ ଘଟଣା ଅନୁଧ୍ୟାନ ନ କରି କେସ୍‌କୁ ଏପାଖ ସେପାଖ କରିବା ରାଜନୈତିକ ପାର୍ଟିର ଉଦ୍ଦେଶ୍ୟ। ଏହି କ୍ରମରେ କେହି ଜଣେ ଅଧିକାରୀଙ୍କୁ କେସ୍ ଲେଖିବାକୁ ହେଉଛି। ସମ୍ପୂର୍ଣ୍ଣ ବେଆଇନ ହେଉ ବା କୌଣସି ଉପାୟରେ ପରିବର୍ତ୍ତନ କରି ଏହା କରିବାକୁ ପଡ଼ୁଛି। ଏସବୁ ବେଆଇନ ଜାଣି ସୁଦ୍ଧା ଅନ୍ୟ ଜଣେ ଅଧିକାରୀ ସେହି ଫାଇଲକୁ ଅନୁମୋଦନ କରନ୍ତି। ସେମାନେ ସମସ୍ତେ ଏହି ପ୍ରକ୍ରିୟା ସହ ତାଳଦେଇ ଚାଲନ୍ତି। କିନ୍ତୁ ଏହି ସବୁ ଘଟଣା ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ହୁଏ ନାହିଁ ଓ ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ସେମାନେ ଯେତେବେଳେ ଏସବୁ କରନ୍ତି, ଧରାପଡ଼ନ୍ତି ଏବଂ ଏହାର ପରିଣାମ ଭୋଗ କରିବାକୁ ପଡ଼େ। କିନ୍ତୁ ଏଠାରେ ଏସବୁ କିଛି ହୁଏ ନାହିଁ। ଏହି କାରଣରୁ ରାଜନେତାମାନେ ଯାହାଙ୍କୁ ନିର୍ଯାତନା ଦେବାକୁ ଚାହାନ୍ତି, ଅଧିକାରୀମାନେ ସେହି ଲୋକଙ୍କୁ ଲଗାତର ପୀଡ଼ା ଦେଇଚାଲନ୍ତି।

ତେବେ ସରକାରରେ ଥିବା ଏଭଳି ଅଧିକାରୀମାନଙ୍କୁ ଏବଂ ଷ୍ଟାନ୍ ସ୍ୱାମୀଙ୍କ ଜାମିନ୍‌କୁ ବିରୋଧ କରୁଥିବା ଓକିଲଙ୍କୁ କ'ଣ ବା କୁହାଯାଇପାରେ। ଦିଲ୍ଲୀ ଗଣହତ୍ୟା ଘଟଣାରେ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପୀଡ଼ିତମାନଙ୍କୁ ଲଗାତର ଗିରଫ କରି ଦଣ୍ଡ ଦେଉଥିବା ସୁରକ୍ଷା ବଳଙ୍କ ସମ୍ପର୍କରେ କ'ଣ ବା କୁହାଯାଇପାରେ। ଏଭଳି ଲୋକମାନଙ୍କୁ ଲାଞ୍ଚ କିମ୍ବା ଦୁର୍ନୀତି ଉପାୟରେ ପ୍ରେରିତ କରିବାକୁ ପଡ଼େ। ଆମ ବ୍ୟବସ୍ଥାରେ ଏମିତିକା ବହୁତ ଲାଞ୍ଚୁଆ ଓ ଦୁର୍ନୀତିଗ୍ରସ୍ତ ଲୋକ ଅଛନ୍ତି। ଅନ୍ୟ ପଟେ ଏହାକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ପୂରା କମ୍। ମାଂସ ବନ୍ଦ, ହିଜାବ ଭଳି ପ୍ରସଙ୍ଗରେ ଆମେ ଦେଖିବାକୁ ପାଉଛୁ ଯେ, ଲୋକମାନଙ୍କୁ ଅଧିକାରରୁ ବଞ୍ଚିତ କରିବାରେ ଆମ ବ୍ୟବସ୍ଥାର ପ୍ରମୁଖ ଅଙ୍ଗଗୁଡ଼ିକ ଖୁବ୍ ଉତ୍ସାହୀ। ଏହା ଆମ ସମ୍ପର୍କରେ କିଛି ଭୟଙ୍କର ବିଷୟ ସୂଚିତ କରୁଛି। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ବିଭିନ୍ନ ଅଙ୍ଗ ଆମକୁ ଆମ ଅଧିକାର ଏବଂ ସ୍ୱାଧୀନତାଗୁଡ଼ିକୁ ପାଳନ କରିବାକୁ ଅନୁମତି ନ ଦେବା ଅତ୍ୟନ୍ତ ଖରାପ, ଯାହା ବୈଶ୍ୱିକ ସୂଚକାଙ୍କ ଦର୍ଶାଇଛି। କିନ୍ତୁ ଏଭଳି ଏକ ପ୍ରତିବନ୍ଧାତ୍ମକ ସ୍ଥାନରେ ଅମଲାତନ୍ତ୍ରର କାର୍ଯ୍ୟ ବ୍ୟବସ୍ଥା ନିର୍ବାଚିତ ପ୍ରତିନିଧିଙ୍କ ଇଚ୍ଛା ସାମ୍ନାରେ ନତମସ୍ତକ ହୋଇଛି। ଏଥିପାଇଁ ଏକ ଆଧୁନିକ, ଶୃଙ୍ଖଳିତ, ସମୃଦ୍ଧ ଏବଂ ସ୍ୱତନ୍ତ୍ର ସମାଜ ଆମ ଲାଗି ଅପହଞ୍ଚ ହେବା ସହ ଏହା ହାସଲ କରିବାର ପଥ ବାଧାବିଘ୍ନରେ ପରିପୂର୍ଣ୍ଣ ହୋଇଯିବ।

Email:aakar.patel@gmail.com

# ନୀତିଶିକ୍ଷା ନୁହେଁ ନିଶଉଠା ପାଠ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆଲୋଚ୍ୟ ପ୍ରସଙ୍ଗଟିର ଆରମ୍ଭରୁ ଆମ ପ୍ରାଚୀନ କାହାଣୀମାଳାର ଏକ ରୋଚକ ଉପାଖ୍ୟାନ। ଜଣେ ପ୍ରଜାପ୍ରିୟ ପ୍ରସିଦ୍ଧ ରାଜାଙ୍କ ଏକମାତ୍ର ପୁତ୍ର ନିଜ ଉତ୍ତୀର୍ଣ୍ଣ ତାରୁଣ୍ୟ କାଳରୁ ଏମିତି ଉଚ୍ଛୃଙ୍ଖଳ ହୋଇଉଠିଲେ ଯେ ନିତିଦିନ ତାଙ୍କ ବିରୋଧରେ ବହୁ ଅଭିଯୋଗ ରାଜାଙ୍କ କାନରେ ପଡ଼ି ତାଙ୍କୁ ମ୍ରିୟମାଣ କରିଦେଲା। ରାଜପୁତ୍ର ଆଦ୍ୟ ଯୌବନରେ ପାଦ ଦେଲା ପରେ ରାଜା ଆଶା କରୁଥିଲେ ଯେ ତାଙ୍କ ପୁତ୍ର ଆସ୍ତେ ଆସ୍ତେ ଶୃଙ୍ଖଳିତ ହୋଇ ନିଜ ସମ୍ଭ୍ରାନ୍ତପଣର ପରିଚୟ ଦେବ। ମାତ୍ର ତାହା ନ ହୋଇ ତାକୁ କୁସଙ୍ଗ କବଳିତ ହୋଇ ବିପଥଗାମୀ ହେବାର ଲକ୍ଷ୍ୟ କରି ରାଜା ଦୁଃଖରେ ଭାଙ୍ଗିପଡ଼ିଲେ। ରାଜପୁତ୍ରଙ୍କ ବିଦ୍ୟାଶିକ୍ଷା ପାଇଁ ବନବିଦ୍ୟାଳୟ ସ୍ଥାପନ କରି କିଶୋର ଓ ତରୁଣ ବର୍ଗର ଛାତ୍ରମାନଙ୍କୁ ବିଦ୍ୟାଦାନ ଦେଉଥିବା ଜ୍ଞାନୀ ଗୁଣୀ ତପସ୍ୱୀଙ୍କ ନିକଟରେ ନିଜ ଅମାତ୍ୟଙ୍କ ସହ ପହଞ୍ଚିଲେ ରାଜା।

ରାଜାଙ୍କ ଆଗମନର ଉଦ୍ଦେଶ୍ୟ ଜାଣିଲା ପରେ ସନ୍ନ୍ୟାସୀ କହିଲେ, ''ରାଜନ୍! ନୀତିଶିକ୍ଷା ନୁହେଁ ନିଶଉଠା ପାଠ। ଯେଉଁ ବୟସରେ ଜଣେ ବିଦ୍ୟାର୍ଥୀର ବ୍ୟକ୍ତିତ୍ୱ ଗଠନରେ ନୀତିଶିକ୍ଷା ଲାଭପ୍ରଦ ହୋଇଥାଏ, ସେଇ ବୟସ କେବେଠୁଁ ଅତିକ୍ରାନ୍ତ କରିସାରିଲେଣି ରାଜପୁତ୍ର। ସୁତରାଂ, ମୋ ଆଶ୍ରମରେ ଛାଡ଼ିଲେ ତାହା ତାଙ୍କୁ ଅବାଟରୁ ଫେରାଇ ଆଣିବା ପାଇଁ ବିଶେଷ ଫଳପ୍ରଦ ହେବନାହିଁ।'' ନିଜ ଅରାଜି ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ସେ ବୁଝାଇଦେଲେ, ''ପାଠ ପଢ଼ିବାକୁ ଏଠାକୁ ଆସୁଥିବା ଶିଶୁ କିଶୋରମାନେ ଭବିଷ୍ୟତରେ 'ବଡ଼ ମଣିଷ' ଭାବେ ଗଢ଼ାହେବାର ଯେତିକି ଲକ୍ଷ୍ୟ ଥାଏ, ତାହାଠୁ ଅଧିକ ଲକ୍ଷ୍ୟ ଥାଏ 'ଭଲ ମଣିଷ' ଭାବେ ଗଢ଼ାହେବାକୁ। ଆପଣଙ୍କ ପୁଅ ତ ରାଜା ଘରେ ଜନ୍ମ ନେଇ ମୂଳରୁ 'ବଡ଼ ମଣିଷ'ର ସମ୍ଭ୍ରାନ୍ତ ପରିଚୟ ବହନ କରୁଛନ୍ତି। କେଇବର୍ଷ ଆଗରୁ ତାଙ୍କୁ ଏଇ ଆଶ୍ରମରେ ଛାଡ଼ିଥିଲେ ମୋର ମାର୍ଗ ଦର୍ଶନରେ ଆରମ୍ଭ ହୋଇଥାନ୍ତା 'ଭଲ ମଣିଷ' ଭାବେ ଗଢ଼ାହେବାର ପ୍ରସ୍ତୁତି ପର୍ବ। ଏବେ କିନ୍ତୁ ବହୁ ବିଳମ୍ବ ହୋଇଯାଇଛି।'' ଗୁରୁଙ୍କଠାରୁ ନିରାଶବାଣୀ ଶୁଣି ଫେରିଯିବା ବ୍ୟତୀତ ରାଜାଙ୍କର ଗତ୍ୟନ୍ତର ନ ଥିଲା।

ଆସ୍ତେ ଆସ୍ତେ ବିସ୍ମୃତିରେ ହଜି ଆସୁଥିବା ପ୍ରାଚୀନ ଲୋକକଥାର ଏହି କାହାଣୀଟି ଅଚାନକ ସ୍ମୃତିପଟରେ ଉଦ୍‌ଭାସିତ ହେବାର ଏକ ମହତ୍ତ୍ୱପୂର୍ଣ୍ଣ କାରଣ ଅଛି। ଆମ ରାଜ୍ୟର ଉଚ୍ଚଶିକ୍ଷା ବିଭାଗର ପ୍ରବୁଦ୍ଧ ପରିଚାଳକମାନେ ଏଇ କିଛି ମାସ ପୂର୍ବରୁ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ 'ମୂଲ୍ୟବୋଧଭିତ୍ତିକ ନୀତିଶିକ୍ଷା' ପ୍ରଣୟନ କରିବାର ନିଷ୍ପତ୍ତି ନେଇଛନ୍ତି। ମୋବାଇଲ ଓ କମ୍ପ୍ୟୁଟର ଆଦି ଆଧୁନିକ ଯନ୍ତ୍ର ପାଖରେ ନିଜ ଦିବ୍ୟ ଯୌବନକୁ ବନ୍ଧା ପକାଇ, ବିଦ୍ୟାର୍ଜନ ବାଟରୁ ମୁହଁ ଫେରାଇ ଅବାଟରେ ଯାଉଥିବା ସ୍ନାତକ ଶ୍ରେଣୀର ନବଯୁବକମାନଙ୍କୁ ନୀତିଶିକ୍ଷା ପ୍ରଦାନ କରିବାର ନିଷ୍ପତ୍ତି ଯୁଗାନ୍ତକାରୀ ନିଶ୍ଚୟ। ସାତବର୍ଷ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ପ୍ରାଧ୍ୟାପକ ପଦରୁ ଅବସର ନେଇସାରିଥିବା ଏଇ ଲେଖକ ଆଜକୁ ପ୍ରାୟ ବାରବର୍ଷ ତଳେ ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତିଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରି ସ୍ନାତକ ପାଠ୍ୟକ୍ରମରେ ମୌଳିକ ଶିକ୍ଷା ଭାବେ 'ନୀତିଶିକ୍ଷା'କୁ ସ୍ଥାନିତ କରିବା ପାଇଁ ପ୍ରସ୍ତାବଟିଏ ପେସ୍ କରିଥିଲା। ସମାଜରୁ, ବିଶେଷତଃ ପ୍ରଶାସନିକ ବ୍ୟବସ୍ଥାରୁ ଦୁର୍ନୀତି ଦୂର କରିବାକୁ ମଣିଷର ଉର୍ବର ଚେତନା ସହ ଶୁଦ୍ଧ ଚରିତ୍ରର ଆବଶ୍ୟକତା ଥିବାରୁ ବିଦ୍ୟାର୍ଥୀ ଜୀବନରେ ନୀତିଶିକ୍ଷାର ଉପଯୋଗିତା ଉପରେ ସେ ଜୋର୍ ଦେଇଥିଲା ବେଳେ କୁଳପତି ମହୋଦୟ ଚିହିଁକି ଉଠିଥିଲେ ଓ 'ଏକବିଂଶ ଶତାବ୍ଦୀରେ ଅଷ୍ଟାଦଶ ଶତାବ୍ଦୀର ପାଠ' ବୋଲି ବିଦ୍ରୂପ କରି ତା' ପ୍ରସ୍ତାବକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଇଥିଲେ।

ଆଜି ବହୁବର୍ଷ ପରେ ତା' ପ୍ରସ୍ତାବଟି ଏବେକାର ଉଚ୍ଚଶିକ୍ଷା ପ୍ରଶାସନ ଦ୍ୱାରା ଗୃହୀତ ହେବାର ଦେଖି ସେ ଖୁସି ହେବାର ଯଥେଷ୍ଟ କାରଣ ଥିଲେ ବି ଏହି ନିବନ୍ଧର ଆରମ୍ଭରେ ଉପସ୍ଥାପିତ ଉପାଖ୍ୟାନଟି ମନେପଡ଼ି ଏ ଲେଖକର ସବୁ ଆନନ୍ଦ ଅପହରଣ କରି ନେଉଥିଲା। ବିଦ୍ୟାର୍ଥୀ ଜୀବନର ବହୁବିଧ ଶିକ୍ଷା ଗ୍ରହଣ କରିବାକୁ ଭିନ୍ନ ଭିନ୍ନ ବୟସ ନିର୍ଦ୍ଧାରିତ ହୋଇଥାଏ। ତୃତୀୟ ବା ପଞ୍ଚମ ଶ୍ରେଣୀର ପାଠ ପଢ଼ିବା ବୟସରେ ମେଡିକାଲ ବା ଇଞ୍ଜିନିୟରିଂ ପାଠ ପଢ଼ିବାକୁ ଦିଆଗଲେ ଯେଉଁ ବିଭ୍ରାଟ ଉପୁଜିବ, ଠିକ୍ ଅନୁରୂପ ବିଡ଼ମ୍ବନା ସୃଷ୍ଟି ହେବ ଆଦ୍ୟ ଯୌବନରେ ଉପନୀତ ସ୍ନାତକ ଶ୍ରେଣୀର ଛାତ୍ରଟିକୁ ତ୍ୟାଗ, ତପସ୍ୟା ବା ବୈରାଗ୍ୟର ବାର୍ତ୍ତା ସମ୍ବଳିତ ଶିକ୍ଷା ଦିଆଗଲେ। କୋମଳ କିଶୋରଟିର ସରଳ ଅବବୋଧ ମଧ୍ୟରେ ଭଲ ଖରାପ, ନୀତି ଅନୀତିର ମୂଲ୍ୟବୋଧ ଯେତିକି ସହଜ ଭାବେ ବୋଧଗମ୍ୟ ଓ ଅନୁସୃତ ହୋଇପାରିବ, ସେତିକି ଜଟିଳ ବା ସ୍ଥଳ ବିଶେଷରେ ଅସମ୍ଭବ ହେବ ଯୌବନର ଜୟଗାନ ବୟସରେ।

ତେବେ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ନୀତିଶିକ୍ଷାକୁ ସନ୍ନିବେସିତ କରିବାର ଆବଶ୍ୟକତା କାହିଁକି ବିଳମ୍ବରେ ହେଲେ ମଧ୍ୟ ଅନୁଭୂତ ହେଲା, ଏହାର କାରଣ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ଏକ ଶୀର୍ଷ ପଦବୀରେ ଅଧିଷ୍ଠିତ ଥିବା ଜଣେ ପ୍ରବୃଦ୍ଧ ଶିକ୍ଷା ପ୍ରଶାସକ କହନ୍ତି, ''ବିଦ୍ୟା ଅର୍ଜନ ଭଳି ଏକ ମହତ୍ ଲକ୍ଷ୍ୟର ଯାତ୍ରାପଥରେ ବାଟ ଚାଲୁଥିବା ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ କେତେକଙ୍କୁ ମଦ, ଗଞ୍ଜେଇ ବା ଚରସ ଭଳି ମାଦକ ଦ୍ରବ୍ୟ ସେବନ କରୁଥିବା ସେହି ସବୁ ଦ୍ରବ୍ୟର ଚୋରା ବିକ୍ରିରେ ନିୟୋଜିତ ଥିବା ଏବଂ ଏଥିଯୋଗୁ ନାନା ଅସାମାଜିକ ଓ ଆପରାଧିକ କାର୍ଯ୍ୟରେ ବ୍ୟାପୃତ ରହୁଥିବା ଲକ୍ଷ୍ୟକରି ସେମାନଙ୍କ ମଧ୍ୟରେ ଶୁଦ୍ଧ ଚେତନା ଜାଗ୍ରତ କରି ସୁବାଟକୁ ଫେରାଇ ଆଣିବାକୁ ଉଚ୍ଚଶିକ୍ଷା ବିଭାଗର ଏହି ପ୍ରୟାସ।'' ଆହାଃ, କେଡ଼େ କଥା ନ କହିଲେ ମାନ୍ୟବର। ମାତ୍ର ଖରାଦିନରେ ବନ୍ଧ ନ ବାନ୍ଧି ପ୍ରବଳ ବନ୍ୟାର ପ୍ରଖର ସୁଅ ମୁହଁରେ ବନ୍ଧ ବାନ୍ଧିଲେ ତାହା କାମରେ ଆସିବ ତ? ଶୈଶବ ବା କୈଶୋରରେ ନୀତିଶିକ୍ଷା ନ ଶିଖାଇ ଉଦ୍‌ଭ୍ରାନ୍ତ ଯୌବନର ଆହ୍ୱାନରେ ଅମଡ଼ା ବାଟରେ ମାଡ଼ି ଚାଲୁଥିବା ଉଦ୍ଦାମ ଯୁବକମାନଙ୍କୁ ଶିକ୍ଷା ଦେଲେ ତାହା ଫଳପ୍ରସୂ ହେବ ତ?

ଯେଉଁ ସ୍ନାତକ ବା ବି.ଏ. ଶ୍ରେଣୀରେ ନୀତିଶିକ୍ଷା ପ୍ରଣୀତ ହୋଇଛି, ତାହା ଜଣେ ବିଦ୍ୟାର୍ଥୀ ଜୀବନର ପଞ୍ଚମ ସୋପାନ। ପ୍ରତ୍ୟେକ ଛାତ୍ରୀ ବା ଛାତ୍ର ପାଇଁ ତା' ପରିବାର ହିଁ ତା'ର ପ୍ରାଥମିକ ପାଠଶାଳା। ପରିବାରରୁ ସଂସ୍କାର ଶିକ୍ଷା ଆହରଣ କଲା ପରେ ଆନୁଷ୍ଠାନିକ ଭାବେ ସେ ବିଦ୍ୟାର୍ଥୀ ଜୀବନ ଆରମ୍ଭ କରେ। ପ୍ରଥମେ ପ୍ରାଥମିକ, ପରେ ପରେ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ପର୍ଯ୍ୟାୟ ପରେ ସେ ପାଦ ଥାପେ ସ୍ନାତକ ଶ୍ରେଣୀରେ। ଉଚ୍ଚଶିକ୍ଷାର ଏହିସବୁ ପୂର୍ବ ପାହାଚଗୁଡ଼ିକ ଯଦି ନୀତିଶିକ୍ଷା ବହିର୍ଭୂତ ଭାବେ ଗଢ଼ା ହୋଇଥାଏ, ତେବେ ପଞ୍ଚମ ପାହାଚରେ ଏକାଥରେ ପାଦ ଥାପିଲେ ପରିଣତି ହେବ ଅତ୍ୟନ୍ତ ପ୍ରତ୍ୟାଶିତ। ଭୁଲିଗଲେ ଚଳିବ ନାହିଁ ଯେ, ଛତ୍ରପତି ଶିବାଜୀ ଜଣେ ଦେଶପ୍ରେମୀ ମାଟିମନସ୍କ ଲଢ଼ୁଆ ଯୁବକର ନାମ ନୁହେଁ। ମା' ଜିଜାବାଇଙ୍କ ଏକନିଷ୍ଠ ନିରଳସ ସାଧନା ଓ ଗୁରୁ ସମର୍ଥ ରାମଦାସଙ୍କ ମହନୀୟ ଶିକ୍ଷା ମଧ୍ୟରେ ଲାଳିତ ହୋଇଥିବା ଶିଶୁ ଓ କିଶୋର ଶିବାଜୀ ହିଁ ପରବର୍ତ୍ତୀ କାଳରେ ଛତ୍ରପତିରେ ରୂପାନ୍ତରିତ ହୋଇଥିଲେ। ମାତ୍ର ଏବେ ତ ଆଧୁନିକ ଜିଜାବାଇମାନେ ନିଜ ନିଜର ଶିବାଜୀମାନଙ୍କୁ 'ମୋବାଇଲ'ର ମତୁଆଲା ଆବେଦନ ମଧ୍ୟରେ ଲାଳିତ କରି ଚାଲିଛନ୍ତି। ସୁତରାଂ, ଏକ ସଂସ୍କାରଶୂନ୍ୟ ଶୈଶବରୁ ଗଢ଼ିଉଠି ଯୁବାକାଳକୁ ଉତ୍ତୀର୍ଣ୍ଣ ହୋଇଥିବା ଏହି ଶିବାଜୀମାନଙ୍କୁ ସ୍ନାତକ ଶ୍ରେଣୀରେ ନୀତିଶିକ୍ଷା ପଢ଼ାଇ ଛତ୍ରପତି ରୂପରେ ଦେଖିବାର ଆଶା ରଖିବା କେବଳ ଏକ ଦିବାସ୍ୱପ୍ନ!

କେଇଦିନ ପୂର୍ବରୁ ସରିଥିବା ରାଜ୍ୟର ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରେକ୍ଷାପଟରେ ସଂଘଟିତ ହୋଇଥିବା ବହୁବିଧ ଦୃଶ୍ୟପଟ ମଧ୍ୟରୁ ଗୋଟିକର ଚିତ୍ର ଥିଲା ଏହିଭଳି। ଷଷ୍ଠ ଶ୍ରେଣୀରେ ପଢୁଥିବା କିଶୋରଟି ସାମ୍ନାରେ ତା' ବାପା ହାତରେ ଦୁଇ ହଜାର ଟଙ୍କାର ନୋଟ୍‌ଟିଏ ଗୁଞ୍ଜି ଦେଉଛି ଏକ ବଡ଼ ଦଳରୁ ପ୍ରାର୍ଥୀ ହୋଇଥିବା ଜଣେ ନେତା। ସେଦିନ ରାତିରେ ସେଇ ଟଙ୍କାରେ କିଣାହୋଇ ଆସିଥିବା କୁକୁଡ଼ା ମାଂସର ତରକାରି ଖାଉଥିବା ବେଳେ ପୁଅ ଆଗରେ ମା'କୁ ବାପା ସେଇ ପ୍ରାର୍ଥୀ ଜଣଙ୍କୁ ଭୋଟ ଦେବାକୁ ତାଗିଦ୍ କରୁଛି। ନୀତି ଓ ଦୁର୍ନୀତି ମଧ୍ୟରେ ଥିବା ପତଳା ପ୍ରଭେଦକୁ ବହୁ ପାଖରୁ ଲକ୍ଷ୍ୟ କରୁଥିବା କିଶୋରଟି କାଲି ବଡ଼ ହୋଇ ସ୍ନାତକ ଶ୍ରେଣୀର ଛାତ୍ର ହେଲେ ତାକୁ ଯେଉଁ ନୀତିଶିକ୍ଷା ପଢ଼ିବାକୁ ଦିଆଯିବ, ତାହା ତା'ର ପ୍ରତ୍ୟକ୍ଷ ଅନୁଭୂତିକୁ ପ୍ରତିହତ କରିବା ପାଇଁ ସମର୍ଥ ହେବ ତ? ଲକ୍ଷ୍ୟ କରିବାର କଥା, ଅଜ୍ଞାନ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନାଲୋକରେ ଉଦ୍‌ଭାସିତ କରିବାର ସାମର୍ଥ୍ୟ ଶିକ୍ଷାର ଥାଏ ସିନା ମାତ୍ର ସଂସ୍କାର ସୂତ୍ରରେ ଅର୍ଜିତ ହୋଇଥିବା ଅଶିକ୍ଷାର କଳାଛାୟାକୁ ଲିଭାଇ ଦେବାର ଶକ୍ତି କୌଣସି ଶିକ୍ଷାର ନ ଥାଏ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ଏକଦା ତାଙ୍କ ପୁଅର ଶିକ୍ଷକ ପାଖକୁ ଏକ ଐତିହାସିକ ଚିଠି ଲେଖିଥିଲେ। ସେ ଲେଖିଥିଲେ, ''ମହାଶୟ! ଆମେରିକା ସମେତ ସମଗ୍ର ବିଶ୍ୱର ଦାୟିତ୍ୱ ମୋ ମୁଣ୍ଡ ଉପରେ ଥିବାରୁ ମୋ ପୁଅର ଦାୟିତ୍ୱ ଆପଣଙ୍କ ହାତରେ ଦେଇଛି। ଆପଣ ସେହି ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରୁଥିବେ ବୋଲି ମୁଁ ବିଶ୍ୱାସ କରୁଛି। ଆପଣ ତାକୁ ଯାହା ବି ଶିକ୍ଷା ଦିଅନ୍ତୁ ନା କାହିଁକି, ତାହା ସହ ଏ କଥା ବି ଶିକ୍ଷା ଦେବେ ଯେ ଅସତ୍ ପଥରେ ଯାଇ ସଫଳ ହେବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର।'' ସାଂପ୍ରତିକ ସମୟରେ ନିଜ ସନ୍ତାନଙ୍କ ପାଇଁ ଯେନତେନ ପ୍ରକାରେଣ ସଫଳତା ସାଉଁଟୁଥିବା ବାପାମାନଙ୍କ ଦୁନିଆରେ ଲିଙ୍କନଙ୍କ ଭଳି ବାପା ଜଣେ ମିଳିବେ କି ନାହିଁ ପ୍ରଥମେ ଖୋଜାଯାଉ। ତା'ପରେ ପ୍ରାଥମିକ ଶିକ୍ଷା ସ୍ତରରୁ ମାଧ୍ୟମିକ ଶିକ୍ଷା ଯାଏଁ ପାଠ୍ୟକ୍ରମରେ ନୀତିଶିକ୍ଷା ଅଧ୍ୟୟନକୁ ବାଧ୍ୟତାମୂଳକ କରାଯାଉ। ଏତକ ହେଲେ ଆଦ୍ୟ ଯୌବନରେ ପାଦ ଥାପିଥିବା ସ୍ନାତକ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ନୀତିଶିକ୍ଷା ପଢ଼ାଇବାର ଆବଶ୍ୟକତା ଉପୁଜିବ ନାହିଁ। ତାହା ନ କରି ବାପାମା'ଙ୍କ ସଂସ୍କାର ଓ ପ୍ରାଥମିକ ସ୍ତରର ନୀତିଶିକ୍ଷା ପ୍ରତି ଆଖି ବୁଜିଦେଇ ନିଶଉଠା ବୟସରେ ନୀତିଶିକ୍ଷା ପଢ଼ାଇଲେ କାହାଣୀର ସେଇ ରାଜାଙ୍କ ପରି ମନସ୍ତାପରେ ରହିବା ସାର ହେବ।

ମୋ: ୮୮୯୫୬୭୨୪୧୦୫

# ଗ୍ରାମୀ ବିଜୟିନୀ

ପିଲାବେଳେ ସେ ସାଇକେଲ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ସେଥିରୁ ଉପଶମ ପାଇବା ସକାଶେ ମା' ତାଙ୍କୁ ଗୀତ ଗାଇବା ପାଇଁ କହିଥିଲେ। ଏତିକିରେ ତାଙ୍କ ମନ ଯନ୍ତ୍ରଣାରୁ ସଙ୍ଗୀତ ଆଡ଼କୁ ଚାଲିଯାଇଥିଲା ଓ ସେ ଭଲ ହୋଇଥିଲେ। ଏହା ପରେ ମା'ଙ୍କୁ କହିଥିଲେ, ସେ କେବଳ ସଙ୍ଗୀତ ସକାଶେ ସାଧନା ଜାରି ରଖିବେ। ଆଜି ସେହି କୁନି ଝିଅ ଫାଲ୍‌ଗୁନୀ ଶାହା ଚଳିତବର୍ଷ ଶିଶୁ ସଙ୍ଗୀତରେ ୬୪ତମ ଗ୍ରାମୀ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଶିଶୁ ଆଲ୍‌ବମ ବର୍ଗରେ 'ଏ କଲରଫୁଲ୍ ୱାର୍ଲ୍ଡ' ପୁରସ୍କୃତ ହେବା ଏହି ଭାରତୀୟ-ଆମେରିକୀୟ ଗାୟିକାଙ୍କୁ ଖୁବ୍ ଖ୍ୟାତି ଆଣିଦେଇଛି। ଉଲ୍ଲେଖଯୋଗ୍ୟ ଯେ, ସଙ୍ଗୀତ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଗ୍ରାମୀ ପୁରସ୍କାର (ମୂଳ ନାମ ଥିଲା ଗ୍ରାମୋଫୋନ୍ ଆୱାର୍ଡ) ଏକ ସର୍ବୋଚ୍ଚ ସମ୍ମାନ ଭାବେ ଅଭିହିତ କରାଯାଇଥାଏ। ୩ ଏପ୍ରିଲରେ ଆମେରିକାର ଲସ୍ ଏଞ୍ଜେଲସ୍ଥିତ ଷ୍ଟାପଲ୍ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାଲ୍‌ଗୁନୀଙ୍କୁ ଏହି ପୁରସ୍କାର ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଅନ୍ତର୍ଜାତୀୟ ସଙ୍ଗୀତ ଦୁନିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

ଫାଲ୍‌ଗୁନୀ ଦଲାଲ ଥିଲା ତାଙ୍କ ପିଲା ବେଳର ନାମ। ସେ ବ୍ରେନ୍ କ୍ୟାନସର ସ୍ପେଶାଲିଷ୍ଟ ତଥା ଗାୟକ ଗୌରବ ଶାହାଙ୍କୁ ବିବାହ କରିବା ପରେ ନାମ ପରିବର୍ତ୍ତନ ହୋଇଥିଲା। ମଞ୍ଚରେ ସେ ଫାଲୁ ନାମରେ ପରିଚିତ। ଗୁଜରାଟର ସୁରଟ ହେଉଛି ତାଙ୍କ ପୈତୃକ ଘର। ସେ ୩୧ ଜୁଲାଇ ୧୯୮୧ରେ ମହାରାଷ୍ଟ୍ରର ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ଏକ ସଙ୍ଗୀତ ପରିବାରରେ ଜନ୍ମ ହୋଇଥିବାରୁ ତାଙ୍କୁ ଯେତେବେଳେ ୩ ବର୍ଷ ହୋଇଥିଲା ସେ ସେଥିପ୍ରତି ଆକୃଷ୍ଟ ହୋଇଥିଲେ। ମାତା କିଶୋରୀ ଦଲାଲ ଗୁଜରାଟୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ହୋଇଥିବାରୁ ଫାଲ୍‌ଗୁନୀ 'ଏ କଲରଫୁଲ୍ ୱାର୍ଲ୍ଡ'ରେ ତାଙ୍କ ସ୍ୱରକୁ ସ୍ଥାନ ଦେଇଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ତାଙ୍କ ପିତାଙ୍କ ସ୍ମୃତିରେ ଏହି ଗୀତର ପରିକଳ୍ପନା କରିଥିଲେ। ପିତାଙ୍କ ସହ ତାଙ୍କ ବାଲ୍ୟାବସ୍ଥା ଯେଉଁଭଳି କଟିଥିଲା, ସେହି ମଧୁର ମୁହୂର୍ତ୍ତକୁ ଏହି ଆଲ୍‌ବମରେ ସେ ଦେଖାଇଛନ୍ତି। ଫାଲ୍‌ଗୁନୀଙ୍କ ପୁଅ ନିଶାଦଙ୍କ ନାମରେ 'ନିଶାଦ୍‌ସ ଲୁଲାବାୟ' ଟାଇଟେଲ୍ ସଙ୍ଗ୍‌ରେ ଆଇମା ଅର୍ଥାତ୍ କିଶୋରୀଙ୍କ କଣ୍ଠଦାନ ଏତେ ଜୀବନ୍ତ ହୋଇଛି ଯେ ପିଢ଼ି ପରେ ପିଢ଼ି ଏହାକୁ ଗାଇଚାଲିବେ ବୋଲି ଫାଲ୍‌ଗୁନୀ କହିଛନ୍ତି। ଏହି ଲୁଲାବାୟା ପାଞ୍ଚ ପିଢ଼ି ଧରି ଯେଉଁଭଳି ଗଡ଼ି ଆସିଛି ନିଶାଦ ତା'ର ପିଲାମାନଙ୍କୁ ଏହି ଗୀତ ଶୁଣାଇ ଚାଲିବ ବୋଲି ସେ କହିଛନ୍ତି।



ବ୍ୟକ୍ତିତ୍ୱ

ଫାଲ୍‌ଗୁନୀ ଶାହା

ଫାଲ୍‌ଗୁନୀଙ୍କ ସଙ୍ଗୀତ କ୍ୟାରିୟର ଦେଖିଲେ ସେ ପିଲାବେଳେ କିଶୋରୀ ଅମନକରଙ୍କଠାରୁ ଜୟପୁର ଘରାନାର ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ। ବୟସ ବଢ଼ିବାରୁ ସେ ଗୁଜରାଟୀ ଲୋକଗୀତ ଓ ଗଜଲ ପ୍ରତି ଆକର୍ଷିତ ହୋଇଥିଲେ। ଏଥିରେ କୁମୁଦି ମୁନ୍‌ସି ଓ ଉଦୟ ମଜୁମ୍‌ଦାର ତାଙ୍କୁ ଶିକ୍ଷା ଦେଇଥିଲେ। ଏଥିସହିତ ସେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସ୍ନାତକୋତ୍ତର କରିଥିଲେ। ସେତେବେଳେ ବମ୍ବେରେ ସେ ବହୁ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇ ଅନେକ ପୁରସ୍କାର ପାଇଥିଲେ। ଭାରତରୁ ସଙ୍ଗୀତରେ ପ୍ରଶିକ୍ଷଣ ଓ ଶିକ୍ଷା ଶେଷ କରିବା ପରେ ସେ ଗୌରବଙ୍କୁ ବିବାହ କରିଥିଲେ। ଏହା ପରେ ସେ ତାଙ୍କ ସହ ୨୦୦୦ ମସିହାରେ ଆମେରିକା ଚାଲିଯାଇଥିଲେ। ୨୦୦୧ରେ ସେ ବୋଷ୍ଟନଭିତ୍ତିକ ଭାରତୀୟ-ଆମେରିକୀୟ ବ୍ୟାଣ୍ଡ୍ 'କରିସ୍ମା'ରେ ଯୋଗଦେଇ ପ୍ରମୁଖ ଗାୟିକା ପାଲଟି ଯାଇଥିଲେ। ସେ ମଧ୍ୟ ଟୁଫ୍‌ଟ୍‌ସ ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ହୋଇ କାର୍ଯ୍ୟ କରିଥିଲେ। ସଙ୍ଗୀତରେ ଦଖଲ ଥିବା ଜାଣି ଆମେରିକାର ପ୍ରସିଦ୍ଧ ସୋଲୋ ବାଦକ ୟୋ ୟୋ ମା ତାଙ୍କୁ 'ଦି ସିଲ୍କ ରୁଟ୍ ପ୍ରୋଜେକ୍ଟ'ରେ ସ୍ଥାନ ଦେଇଥିଲେ। ତାହା ଫାଲ୍‌ଗୁନୀଙ୍କ ସଙ୍ଗୀତ ଦୁନିଆକୁ ଅଧିକ ବ୍ୟାପ୍ତ କରି ଦେଇଥିଲା। ପରେ ୨୦୦୫ରେ କାର୍ନେଜି ହଲ୍‌ରେ ତାଙ୍କୁ ଭାରତୀୟ ସଙ୍ଗୀତର ଆମ୍ବାସଡର ବୋଲି ଘୋଷଣା କରାଯାଇଥିଲା। ୨୦୦୬ରେ ସେ ଓ ତାଙ୍କ ସ୍ୱାମୀ ଗୌରବ ବିଶ୍ୱପ୍ରସିଦ୍ଧ ପ୍ରାମାଣିକ ଚଳଚ୍ଚିତ୍ର 'ବର୍ନ ଇନ୍ ବ୍ରୋଥେଲ୍ସ ଏନ୍‌ସେମ୍ବଲ'ରେ କଣ୍ଠଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କୋଲକାତାର ରେଡ୍ ଲାଇଟ୍ ଅଞ୍ଚଳ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ। ତେବେ ଆଞ୍ଜେଲିନା ଜୋଲିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଏ ପ୍ଲେସ୍ ଇନ୍ ଟାଇମ୍'ରେ ଫାଲୁ ଏବଂ ୱେକ୍‌ଲେଫ୍ ଜିଏନ୍‌ଙ୍କ ମିଳିତ କଣ୍ଠ ସଙ୍ଗୀତ ଅନେକ ଚର୍ଚ୍ଚାକୁ ଆସିଥିଲା। ୨୦୦୮ରେ ବିଶିଷ୍ଟ ସଙ୍ଗୀତଜ୍ଞ ଏ. ଆର୍. ରହେମନ୍‌ଙ୍କ 'ସ୍ଲମ୍‌ଡଗ୍ ମିଲିୟନେୟାର'ର ପ୍ରସିଦ୍ଧ 'ଜୟ ହୋ' ଗୀତରେ ମଧ୍ୟ ସେ କଣ୍ଠଦାନ କରିଥିଲେ।

ଫାଲ୍‌ଗୁନୀ ଭାରତୀୟ ପାରମ୍ପରିକ ସଙ୍ଗୀତ ସହ ପାଶ୍ଚାତ୍ୟ ସଙ୍ଗୀତକୁ ମିଶ୍ରଣ କରି ଯେଉଁ ନୂଆ ଗୀତ ସୃଷ୍ଟି କରିପାରିଛନ୍ତି, ତାହା ତାଙ୍କୁ ଅଧିକ ଲୋକପ୍ରିୟ କରାଇପାରିଛି। ୨୦୧୯ରେ ତାଙ୍କ ଆଲ୍‌ବମ 'ଫାଲୁଜ୍ ବଜାର' ଗ୍ରାମୀ ପୁରସ୍କାର ମୁଖ୍ୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲା। ଏକ ପାରିବାରିକ ସଙ୍ଗୀତ ହୋଇଥିଲେ ମଧ୍ୟ ସେ ତାହାକୁ ଶୀର୍ଷ ସ୍ତରରେ ନେଇ ପହଞ୍ଚାଇପାରିଥିଲେ। ପିଲା ବେଳେ ଫାଲ୍‌ଗୁନୀ ଶ୍ୟାମଳୀ ଥିଲେ। ସାଥୀମାନେ ରୂପକୁ ଦେଖି ତାଙ୍କୁ 'କାଳୀ ମଈଁଷି' ବୋଲି ଡାକୁଥିଲେ। ସେଥିପାଇଁ ସେ ଅନେକ ସମୟରେ ସାଙ୍ଗମାନଙ୍କ ସହ ନ ମିଶି ଏକାକୀ ସଙ୍ଗୀତ ସାଧନା କରୁଥିଲେ। ଏହାର ଫଳସ୍ୱରୂପ ସେ ଗ୍ରାମୀ ବିଜୟିନୀ ହୋଇ ଏବେ ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଲୁହା ପୋଲ ଚୋରି ହେବା ଭଳି ଏକ ଅଜବ ଘଟଣା ସାମ୍ନାକୁ ଆସିଛି ବିହାରର ରୋହତାସ ଜିଲାରେ। ଚୋରମାନେ ନକଲି ଜଳସେଚନ ଅଧିକାରୀ ବୋଲି ପରିଚୟ ଦେଇ ୬୦ ଫୁଟ ଲମ୍ବ ୧୨ ଫୁଟ ଉଚ୍ଚା ଏବଂ ୫୦୦ ଟନ ଓଜନର ଲୁହା ପୋଲକୁ ତିନି ଦିନ ମଧ୍ୟରେ ଚୋରାଇ ନେଇଛନ୍ତି। ବଡ଼ କଥା ହେଲା, ଚୋରମାନେ କିଛି ଜଳସେଚନ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ପୋଲ କାଟି ଗାଡ଼ିରେ ଭର୍ତ୍ତି କରି ଚୋରି କରି ନେଇଥିଲେ। ଏହି ଲୁହା ପୋଲ ନାସିରଗଞ୍ଜ ପୋଲିସ ଷ୍ଟେଶନ ଅଞ୍ଚଳର ଅମିଆବର୍‌ରେ ୫୦ ବର୍ଷ ତଳେ ଆରା କେନାଲ ଉପରେ ନିର୍ମାଣ କରାଯାଇଥିଲା। ଚୋରମାନେ ପୋଲ କାଟିବା ପାଇଁ ବୁଲ୍‌ଡୋଜର, ଗ୍ୟାସ୍ କଟର ମଧ୍ୟ ବ୍ୟବହାର କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଚୋରଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ଗ୍ରାମବାସୀମାନେ ବହୁ ବର୍ଷ ଧରି ଏହି ପୁରୁଣା ଲୁହା ପୋଲକୁ ହଟାଇବା ପାଇଁ ଆବେଦନ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ହେଲେ ଚୋରମାନେ ଏହାର ସୁଯୋଗ ନେଇ ଆରାମରେ ନିଜ କାମ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୭

- ଜାଇରେ ରାଷ୍ଟ୍ରପତି ମୋବୁଟୋ ସେସେ ସେକୋଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ଏଟିଏନେ ସିସକେନାଙ୍କୁ ଜଗୁଆଳି ବାହିନୀର ସୈନ୍ୟମାନେ ଗିରଫ କରିଛନ୍ତି।
- ପରିବହନ ଯାନ ପାଇଁ ଧାର୍ଯ୍ୟ ୫ ପ୍ରତିଶତ ସେବା କର ପ୍ରତ୍ୟାହାର ଓ ପ୍ରସ୍ତାବିତ ବୀମା ପ୍ରିମିୟମ ବୃଦ୍ଧିକୁ ସ୍ଥଗିତ ରଖିବାକୁ ସରକାର ରାଜି ହୋଇଥିବାରୁ ଦୀର୍ଘଦିନ ଧରି ଚାଲିଥିବା ଟ୍ରକ୍ ଧର୍ମଘଟ ପ୍ରତ୍ୟାହୃତ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | | | | 6 |
| | | | | 1 | 3 | 4 | | |
| | 6 | 7 | | | 9 | | 8 | |
| 1 | 4 | 8 | | | | | | |
| 5 | | | 9 | | | | | |
| 9 | | | | 3 | 2 | | | |
| | | | | | | | | 1 |
| | | | | 8 | 6 | | 7 | |
| | | | | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 7 | 1 | 2 | 3 | 9 | 8 |
| 3 | 2 | 1 | 8 | 4 | 9 | 6 | 5 | 7 |
| 8 | 9 | 7 | 5 | 3 | 6 | 2 | 1 | 4 |
| 9 | 5 | 3 | 2 | 8 | 4 | 1 | 7 | 6 |
| 1 | 8 | 4 | 6 | 7 | 3 | 5 | 2 | 9 |
| 7 | 6 | 2 | 1 | 9 | 5 | 8 | 4 | 3 |
| 4 | 7 | 8 | 3 | 5 | 1 | 9 | 6 | 2 |
| 6 | 1 | 9 | 4 | 2 | 8 | 7 | 3 | 5 |
| 2 | 3 | 5 | 9 | 6 | 7 | 4 | 8 | 1 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯେତିକି ଚୂନାକୁ ସେତିକି ପିଠା

ମହାଶୟ,

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଯେଉଁ କଂକ୍ରିଟ ରୋଡ଼ ଠିକାଦାରମାନଙ୍କ ଦ୍ୱାରା ନିର୍ମାଣ କରାଯାଉଛି ଖୁବ୍ ଅଳ୍ପ ଦିନ ଭିତରେ ସେସବୁ ଫାଟି ଯାଉଛି। ରାସ୍ତାର ଅବସ୍ଥା ଏପରି ହେଉଛି ସେଥିରେ ଯାନବାହନ ଯିବା ସମ୍ଭବ ହେଉନି। ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇ ଦେଇ ହେଉନି। ସବୁ ରାସ୍ତା କାମରେ ନିମ୍ନମାନର ଜିନିଷ ବ୍ୟବହାର କରାଯିବା ଫଳରେ ଅଳ୍ପ ଦିନରେ ସେଗୁଡ଼ିକ ଫାଟି ଯାଉଛି। ଏଭଳି କାର୍ଯ୍ୟ କରିବା ଠିକ୍ ନୁହେଁ। ରାସ୍ତା ମଜଭୁତ ଆକାରରେ ନିର୍ମାଣ ହେବା ଉଚିତ ଓ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର। ରାସ୍ତା ନିମ୍ନମାନର କରି ଲୋକଙ୍କର ଜୀବନ ସହିତ ଖେଳ ଖେଳିବା ଉଚିତ ନୁହେଁ। ଠିକାଦାରମାନେ ଯେତିକି ଚୂନାକୁ ସେତିକି ପିଠା କରିବା ଭଳି ରାସ୍ତା କଲେ କଂକ୍ରିଟ ମଜଭୁତ ହେବ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
(ପଉଷ ସନ୍ଧ୍ୟା)

–କାଳିନ୍ଦୀଚରଣ ପାଣିଗ୍ରାହୀ

# ଜିଆଇ ଟ୍ୟାଗ୍ ଅପେକ୍ଷାରେ କାଇଁଚ ଶିଳ୍ପ

- କେନ୍ଦ୍ରାପଡ଼ା ଜିଲାର ୩୫ ଗ୍ରାମରେ ଚାଲିଛି ଏହି ହସ୍ତଶିଳ୍ପ
- କରୋନା ସମୟରେ ୫ ହଜାର କାଇଁଚ ରାଖୀ ବିକ୍ରି
- ପ୍ରତି ମହିଳାଙ୍କୁ ଅନ୍ୟୂନ ୫ ହଜାର ଟଙ୍କାର ରୋଜଗାର

କେନ୍ଦ୍ରାପଡ଼ା ଅଫିସ, ୯।୪

କେନ୍ଦ୍ରାପଡ଼ା ଜିଲାର କାଇଁଚ ହସ୍ତଶିଳ୍ପ ଜିଆଇ (ଜେଓ୍ରାଫିକାଲ ଇଣ୍ଡିକେଶନ) ଟ୍ୟାଗ୍ ହେବାକୁ ଯାଉଛି। ଏନେଇ ଚେନ୍ନାଇସ୍ଥିତ ଜିଆଇ ପଞ୍ଜୀକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ ହେଉଛି। କାଇଁଚ ଶିଳ୍ପର ସମସ୍ତ ତଥ୍ୟ ସଂଗ୍ରହ ହେଉଥିବା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗତ ଗୁରୁବାର ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ପ୍ରକାଶ କରିଛନ୍ତି। ଏଥିସହିତ ହସ୍ତଶିଳ୍ପ ବିଭାଗ ସଚିବ ଶୋଭା ଶର୍ମା ଦର୍ଶାଇଛନ୍ତି, କେନ୍ଦ୍ରାପଡ଼ା ଜିଲାର ଏହି କଳାକୃତିରେ ୩୧୨୮ ଜଣ ମହିଳା ସାମିଲ ହୋଇଥିବା ବେଳେ ୧୪୭୯ ଜଣଙ୍କୁ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି । ଆସନ୍ତା ଅକ୍ଟୋବର ସୁଦ୍ଧା ସ୍କିଲ୍ ଆକ୍ୟୁଜିଶନ ଆଣ୍ଡ ନଲେଜ ଆୱାରନେସ ଫର ଲାଇଭଲିହୁଡ ପ୍ରପୋଶନ (ସଙ୍କଳ୍ପ) ମାଧ୍ୟମରେ ଅନ୍ୟ ୫୧୪ ମହିଳା ତାଲିମ ପ୍ରାପ୍ତ ହେବେ। ଏହି ମହିଳାଙ୍କ ହସ୍ତଶିଳ୍ପ ଏବେ ଅନ୍‌ଲାଇନ ମାଧ୍ୟମରେ ଦେଶବିଦେଶର ବହୁ ଗ୍ରାହକଙ୍କ ଆକର୍ଷଣ ସାଜିଥିବାରୁ ଏହାକୁ ରାଜ୍ୟ ସରକାର ଜିଆଇ ଟ୍ୟାଗ୍‌ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ବ୍ଲକ ତରାଣ୍ଡୋ ଗ୍ରାମର ପ୍ରଭାତି ତ୍ରିପାଠୀ କୁହନ୍ତି, କେନ୍ଦ୍ରାପଡ଼ା ଜିଲାର ଏହି ଅନନ୍ୟ କୃତିକୁ ସ୍ୱୀକୃତି ମିଳିବାକୁ ଯାଉଥିବାରୁ ବହୁତ ଖୁସି ଲାଗୁଛି। ସେ କୁହନ୍ତି, ବିଲବାଡ଼ିରେ ନଷ୍ଟ ହେଉଥିବା ସୁନେଲି କାଇଁଚ ଏବେ ପ୍ରକୃତ ସୁନା ଭାବେ ଗଣନା ହେଉଛି। କାଇଁଚ ଦ୍ୱାରା ପ୍ରସ୍ତୁତ ପାଛିଆ, ଟୋପି, ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭ କରି କାନର ଝୁମୁକା, ରାଖୀ ଆଦି ଦେଶ ବିଦେଶରେ ଆକର୍ଷଣ ସାଜିଛି। ଗତ କରୋନା ସମୟରେ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପ୍ରାୟ ୫ ହଜାର ରାଖୀ ବିକ୍ରି ହୋଇଥିବା ବେଳେ ଆମେରିକା ଓ କୁଏଟ୍ ପରି ଦେଶକୁ ଅନ୍‌ଲାଇନ ବିକ୍ରି ମାଧ୍ୟମରେ ଯାଇଛି। ଜଜାଙ୍ଗର ବିଜୟଲକ୍ଷ୍ମୀ ସ୍ୱାଇଁ କହିଛନ୍ତି, କାଇଁଚ ସାମଗ୍ରୀ ଖୁବ୍ ଆକର୍ଷଣୀୟ। ଘରକରଣାଠାରୁ ସୌଖୀନ ସାମଗ୍ରୀ ଏଠାରେ ପ୍ରସ୍ତୁତ ହେଉଛି। ତେବେ କାଇଁଚ ସଂଗ୍ରହଠାରୁ ସାମଗ୍ରୀ ପ୍ରସ୍ତୁତି ମଧ୍ୟରେ ହସ୍ତଶିଳ୍ପୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼େ। ବର୍ଷାଦିନେ ବିଲ, ଗଡ଼ିଆ, ପଡ଼ିଆ ଆଦି ସ୍ଥାନରେ ୫ରୁ ୬ ଫୁଟ ଲମ୍ବର ଏହି କାଇଁଚକୁ ସଂଗ୍ରହ କରିବାକୁ ହୁଏ। ଏହି ସମୟରେ ଗଛର ରଙ୍ଗ ସବୁଜ ଥିବା ବେଳେ ଶୁଖିଗଲେ ସୁନେଲି ରଙ୍ଗ ଆସେ। ସଂଗୃହୀତ କାଇଁଚରୁ ସାମଗ୍ରୀ ପ୍ରସ୍ତୁତି ପାଇଁ ଉପଯୁକ୍ତ କାଇଁଚକୁ ବଛାଯାଏ। ସମୟ ସାପେକ୍ଷ ହେଲେ ମଧ୍ୟ କାଇଁଚ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି ସ୍ୱାଇଁ କହିଛନ୍ତି।

ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, କାଇଁଚ ଶିଳ୍ପରେ ସିଦ୍ଧହସ୍ତ ମହିଳାଙ୍କ ପାଇଁ ଏହି ଜିଲାକୁ ସ୍ୱତନ୍ତ୍ର ମାନ୍ୟତା ମିଳିବାକୁ ଯାଉଛି। ଯାହା ଜିଲାବାସୀ ଭାବେ ଖୁସିର ଖବର। ଜିଲାରେ କାଇଁଚ ପରି ରସାବଳୀ, ପୋଟଳି ପିଠାର ଜିଆଇ ଟ୍ୟାଗ୍ ହେବା ଆବଶ୍ୟକ। ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ସ୍ୱାଗତ କରୁଥିବା ସେ ମତ ଦେଇଛନ୍ତି। ହସ୍ତଶିଳ୍ପ ବିଭାଗ ସହ ନିର୍ଦ୍ଦେଶକ ଅଜିତ୍ ପ୍ରସାଦ ଭୋଇ କହିଛନ୍ତି, ରାଜ୍ୟରେ ସଙ୍କଳ୍ପ ଯୋଜନା ଗତ ୨୦୨୦ ନଭେମ୍ବରରୁ ଆରମ୍ଭ ହୋଇଛି। ଏହି ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୩୫ଟି ଗ୍ରାମର ମହିଳାଙ୍କୁ କାଇଁଚ ଶିଳ୍ପ ତାଲିମ ପାଇଁ ପ୍ରୋତ୍ସାହିତ କରିଛୁ। ପ୍ରାୟ ସାଢ଼େ ବାର କୋଟି ଟଙ୍କା ବ୍ୟୟ ଅଟକଳରେ ହୋଇଥିବା ସଂକଳ୍ପ ଯୋଜନା ଏବେ ପ୍ରତି ମହିଳାଙ୍କୁ ମାସିକ ଅନ୍ୟୂନ ୫ ହଜାର ଟଙ୍କା ରୋଜଗାର ଦେଉଥିବା ସେ ପ୍ରକାଶ କରିଛନ୍ତି।


ଜଣେ ମହିଳା କାଇଁଚ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**କୁଜଙ୍ଗ,୯।୪ (ଡି.ଏନ୍.ଏ.):** ଏରସମା ବ୍ଲକ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ହନୁମାନ ମନ୍ଦିର ନିକଟରୁ ୬ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗାର ଜବତ ହୋଇଛି। ଏହି କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ନରହରି ପ୍ରଧାନଙ୍କ ପୁଅ ନିରାକାର ପ୍ରଧାନ(୩୪) ଓ ନୀଳମଣି ଦାସଙ୍କ ପୁଅ ପ୍ରକାଶ ଦାସ ଓରଫ ବୁଢ଼ା (୩୨)। ସେମାନେ ବ୍ୟବହାର କରୁଥିବା କଳାରଙ୍ଗର ବାଇକକୁ ମଧ ପୋଲିସ ଜବତ କରିଛି। ଉଭୟଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୪୦/୨୨ )ରୁଜୁ କରାଯାଇଛି।

### ନରେନ୍ଦ୍ରପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଆଳି,୯।୪(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ପନ୍ଦରଶିଳା ମନ୍ଦିର ପ୍ରାଙ୍ଗଣରେ ଥିବା ଶନିଶ୍ଚର ଦେବଙ୍କ ନବମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପନ୍ଦରଶିଳା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞ ଅବସରରେ ୫୫ ମହିଳା ପୁରୁଷ ନିକଟସ୍ଥ ନଦୀରୁ ଜଳ ଆଣି କଳସ ସ୍ଥାପନ କରିବା ପରେ ଅଧିବାସ ହୋଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତି ପରେ ପୂର୍ଣ୍ଣାହୁତି କର୍ମକାଣ୍ଡ ବ୍ରାହ୍ମଣଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପନ୍ଦରଶିଳା ମନ୍ଦିର ପରିଚାଳନା କମିଟିର ଚନ୍ଦ୍ରଶେଖର ରାଉତ, ନଟବର ସ୍ୱାଇଁ, ତ୍ରୈଲୋକ୍ୟ ସ୍ୱାଇଁ, ବଂଶୀଧର ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ଅନନ୍ତ ଚରଣ ନାୟକ, ମଧୁସୁଦନ ଧଳ, ରାଜେନ୍ଦ୍ର ପ୍ରସାଦ ଦାଶ, ସୁବାସ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪୦୦ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା

**ଜଗତ୍‌ସିଂହପୁର ଅଫିସ,୯।୪:** ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ଏବଂ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁନଙ୍ଗ ଗ୍ରାମର ସାମାଜିକ କର୍ମୀ ସୁନୀଲ ଚନ୍ଦ୍ର ଅଧିକାରୀ ଓ ପ୍ରଭାକର ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଇ ସଙ୍ଗଠନର ଆବାହକ ପ୍ରତାପ କୁମାର ମହାନ୍ତି, କବିଚନ୍ଦ୍ର ବେହେରା, ବସନ୍ତ କୁମାର ନାୟକ, କ୍ଷେତ୍ରମୋହନ ମଲ୍ଲିକ, ଶଶୀରେଖା ବେହେରା, ମହେନ୍ଦ୍ର ମଲ୍ଲିକ ଓ କମଳାକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଶିବିରରେ ଯୋଗ ଦେଇଥିବା ଡା. ସୌମ୍ୟଦର୍ଶନ ନାୟକ (ସ୍ନାୟୁ ବିଭାଗ), ଡା. ସୁଧାଂଶୁ ଶେଖର ସେଠୀ (ଭେଷଜ ବିଭାଗ), ଡା. କେ. ଅଭିନନ୍ଦନ (ଭେଷଜ), ଡା. ତୃପ୍ତିମୟୀ ପାଲ, ବିଶ୍ୱଜିତ୍ ମହାନ୍ତି, ଅରୁନ୍ଧତୀ ଦାସ, ପଲ୍ଲବୀ ରଣା (ଫିଜିଓଥେରାପି), ମିର୍ଜା ଜାକିର ବେଗ, ଅଞ୍ଜନ କୁମାର ମହାପାତ୍ରଙ୍କ ସମେତ ସାଇ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ରଜନୀକାନ୍ତ ଚୌଧୁରୀ, ସହ ସମ୍ପାଦକ ତ୍ରିଲୋଚନ ବେହେରା, ପରାମର୍ଶଦାତା ଶାରଳା ରଣା, ଜୟନ୍ତ ଅଧିକାରୀ, ସିତେଶ ପାଲ, ବଦ୍ରି ମହାନ୍ତି ଓ ତ୍ରିଲୋଚନା ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ରବୀନ୍ଦ୍ର ରଣା, ସୁମିତ ବେହେରା, ଅରବିନ୍ଦ ଦାସ, ସଞ୍ଜୟ ବେହେରା ଓ ଅଭୟ ଦାଶ ପ୍ରମୁଖ ସହାୟତା କରିଥିଲେ।

# ପୁତୁରା ଇଟା ମାଡ଼ରେ ବଡ଼ବାପା ମୃତ, ଅଭିଯୁକ୍ତ ଗିରଫ

**୨ ଯାଆଙ୍କ ଝଗଡ଼ା କାଳ ହେଲା**

ରାଜକନିକା,୯।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସିହୋପଡ଼ା ଗ୍ରାମର ଅନିଲ ମଲ୍ଲିକଙ୍କ ଇଟା ମାଡ଼ରେ ତାଙ୍କ ବଡବାପା ଅଭୟଙ୍କ ମୃତ୍ୟୁ ହୋଇଛି। ଏନେଇ ଶନିବାର ଥାନାରେ ଏକ ମାମଲା (ନଂ.୧୧୧/୨୨)ରୁଜୁ ହୋଇଛି। ହତ୍ୟାକାରୀ ପୁତୁରା ଅନିଲଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଅନିଲଙ୍କ ସ୍ତ୍ରୀ ମାଳତୀ ଓ ଅଭୟଙ୍କ ବୋହୂ ଲକ୍ଷ୍ମୀଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ଏହି ଘଟଣାରେ ଅଭୟ ଓ ଅନିଲ ସାମିଲ ହେବା ପରେ ତାହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ପକ୍ଷ ହାତାହାତି ହେବାକୁ ପଛାଇ ନ ଥିଲେ। ଘଟଣାସ୍ଥଳରେ ପଡିଥିବା ଏକ ଇଟାକୁ ଆଣି ଅନିଲ ଅଭୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଭୟ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ରାଜକନିକା ସିଏଚ୍‌ସିକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ସମ୍ପର୍କରେ ଅଭୟଙ୍କ ପୁଅ ଥାନାରେ ଅଭିଯୋଗ ପରେ ଅନିଲଙ୍କୁ ଆଇପିସି ଧାରା ୩୦୨ ଓ ୩୪ରେ ଗିରଫ କରା ଯାଇଥିବା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।


ଅଭିଯୁକ୍ତ ଅନିଲ ମଲ୍ଲିକ।

# ଭୋଗ, ଦୀପ ମାସିକ ନିଲାମ ପାଇଁ ନୋଟିସ

ରଘୁନାଥପୁର,୯।୪(ଡି.ଏନ୍.ଏ.)

**ଗୋରେଖନାଥ ପୀଠ**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ମଧରେ ଥିବା ଭୋଗ ଓ ଦୀପ ଦୋକାନ ନିଲାମ ହୋଇ ନ ପାରିବାରୁ ନୋଟିସ ଜାରି କରାଯାଇ ଏପ୍ରିଲ ୧ ତାରିଖରୁ ଉଭୟ ଦୋକାନକୁ ବନ୍ଦ କରି ଦିଆଯାଇଥିଲା। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଦେବୋତ୍ତର ବିଭାଗର ଚେତା ପଶିଛି। ପୁଣି ଏହି ଦୁଇ ଦୋକାନକୁ ମାସିକ ନିଲାମ ଦେବା ପାଇଁ ଶନିବାର ନୋଟିସ ଜାରି କରାଯାଇଛି।

ପ୍ରଭୁଙ୍କ ଦୈନିକ ଆୟରେ କ୍ଷତିକୁ ଟାଳିବା ପାଇଁ ଦୋକାନ ଦ୍ୱୟକୁ ମାସିକ ନିଲାମ ଦେବା ନେଇ ଦେବୋତ୍ତର ଆୟୁକ୍ତ ଭୁବନେଶ୍ୱରଙ୍କ ପକ୍ଷରୁ ସର୍ବସାଧାରଣରେ ନୋଟିସ ଜାରି କରାଯାଇଛି ବୋଲି ଦର୍ଶାଯାଇଛି। ଆଦେଶନାମା (ନଂ.୨୫୮୩/୮-୪-୨୦୨୨) ଅନୁଯାୟୀ, ଭୋଗ ଓ ଦୀପର ଦୈନିକ ନିଲାମ ହିସାବରେ ଇଚ୍ଛୁକ ବ୍ୟକ୍ତି ନିଲାମ ଦୋକାନର ମାସିକ ମୂଲ୍ୟ ଉଲ୍ଲେଖ କରି ଏକ ସାଦା କାଗଜରେ ଆସନ୍ତା ଏପ୍ରିଲ ୧୧ ମଧାହ୍ନ ୧୨ଟା ସୁଦ୍ଧା ଅତିରିକ୍ତ ସହାୟକ ଦେବୋତ୍ତର ଆୟୁକ୍ତ କଟକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଏଥିପାଇଁ କୌଣସି ଅମାନତ ମୂଲ୍ୟ ଜମା କରିବାକୁ ପଡ଼ିବ ନାହିଁ। ଆବେଦନକାରୀ ନିଜର ଆଧାର ଜେରକ୍ସ ଓ ଫୋନ ନମ୍ବର ଦେବାକୁ ଥିବାବେଳେ ସର୍ବୋଚ୍ଚ ନିଲାମମୂଲ୍ୟ ଆବେଦନକାରୀଙ୍କ ସହ ଅତିରିକ୍ତ ସହାୟକ ଦେବୋତ୍ତର ଆୟୁକ୍ତଙ୍କ ଉପସ୍ଥିତିରେ ବୁଝାମଣା ଭିତ୍ତିକ ନିଷ୍ପତ୍ତି ନିଆଯିବ ବୋଲି ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା କହିଛନ୍ତି। ଏ ସମ୍ପର୍କିତ ନୋଟିସ ପୀଠ ପାଚେରିରେ ଲଗାଯାଇଛି।



# କୋଇଲା ଚୋରି କଲେ ୫ ବର୍ଷ ଜେଲ


ପାରାଦୀପ ରେଲୱେ ପୋଲିସ କର୍ମଚାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

କୁଜଙ୍ଗ,୯।୪ (ଡି.ଏନ୍.ଏ.)

ରେଳ ଧାରଣା ଓ ବଗିରୁ କୋଇଲା ଚୋରି କଲେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ। ଏଥିପ୍ରତି ସଜାଗ ରହିବା ପାଇଁ ପାରାଦୀପ ରେଲୱେ ପୋଲିସ ପକ୍ଷରୁ କୁଜଙ୍ଗ ଥାନା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ସଚେତନତା କରାଯାଇଛି। ଚଟୁଆ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟଙ୍କ ମିଳିତ ସହଯୋଗରେ କୋଇଲା ଚୋରିକୁ ରୋକିବା ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ରେଲୱେ ପୋଲିସ ସବ୍‌ଇନ୍ସପେକ୍ଟର ମିଥିଲେଶ କୁମାର, ଫିରୋଜ ଖାଁ, ଆଇ ଖାଁ ଏବଂ ଏମ୍.ବାରିକ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କ ମଧରେ ସଚେତନତା ସୃଷ୍ଟି କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ନଳକୂପ

**ପିଣ୍ଡି ନିର୍ମାଣ ଦାବି**

ବାଲିଆ, ୯।୪

ବିରିଡି ବ୍ଲକ ଅନ୍ତର୍ଗତ କୁଲକଇଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ବିରିଡି ହାଟରେ ଥିବା ନଳକୂପ ମୂଳରେ ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହାର ଚତୁଃପାର୍ଶ୍ୱରେ ଅନାବନା ଘାସ ଉଠିଯାଇଛି। ଫଳରେ ଏଠାରୁ ଲୋକେ ପାଣି ପିଇବା ପାଇଁ ଉଚିତ୍ ମନେକରୁନାହାନ୍ତି। ଏହି ହାଟକୁ ପ୍ରତ୍ୟହ ବହୁ ସଂଖ୍ୟାରେ ବ୍ୟବସାୟୀ ଓ ଖାଉଟି ଆସିଥାନ୍ତି। ଏଠାରୁ ୨୦୦ ମିଟର ଦୂରରେ ବିରିଡି ବ୍ଲକ କାର୍ଯ୍ୟାଳୟ ରହିଛି। ଏବେ ଉତ୍ତାପ ବଢୁଥିବା ବେଳେ ଏହି ଅଞ୍ଚଳକୁ ଆସୁଥିବା ଲୋକେ ପାଣି ପାଇଁ ତହଲବିକଳ ହେଉଛନ୍ତି। ସରକାରଙ୍କ ପକ୍ଷରୁ ପଞ୍ଚାୟତସ୍ତରରେ ନଳକୂପ ପିଣ୍ଡି ମରାମତି ଓ ମାର୍ବଲ ଟାଇଲ ପକାଯାଇ ପାନୀୟ ଜଳକୁ ସ୍ୱଚ୍ଛ ରଖିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହି ନଳକୂପ ମରାମତି ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ତୁରନ୍ତ ନଳକୂପର ପିଣ୍ଡି ନିର୍ମାଣ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।



### ସଡ଼କ ଦୁର୍ଘଟଣା, ମହିଳା ମୃତ

ମାର୍ଶାଘାଇ,୯।୪(ଡି.ଏନ.ଏ.)

ଶନିବାର ମଧ୍ୟାହ୍ନରେ ମାର୍ଶାଘାଇ ଥାନା ଅନ୍ତର୍ଗତ ହଜାରୀ ଛକରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଜଙ୍ଗ ଥାନା ଅଧୀନ ଜନାର୍ଦ୍ଦନପୁର ଗ୍ରାମର ସରୋଜିନୀ ପାତ୍ର (୪୫)। ମୃତକ ନିଜ ଝିଅ ଓ ଜଣେ ସମ୍ପର୍କୀୟଙ୍କ ସହ ଏକ ବାଇକ୍ (ନଂ. ଓଆର୦୫ଏମ୍ ୧୭୯୪)ରେ କେନ୍ଦ୍ରାପଡ଼ାସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ହଜାରୀ ଛକ ନିକଟରେ ପଛରୁ ଆସୁଥିବା ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ମହିଳା ଜଣକ ଗାଡ଼ିରୁ ପଡିଯିବା କ୍ଷଣି ତାଙ୍କ ଉପରେ ଟ୍ରକ ଚକ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଝିଅ ଓ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମାର୍ଶାଘାଇ ପୋଲିସ ଆହତମାନଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୯।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନ ବେଲତଳ ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ବେଣୁଧର ମହାକୁଡ଼ଙ୍କ ୮୧ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି । ସେ ଦୀର୍ଘବର୍ଷ ହେବ ଏଲ୍ଆଇସିରେ କାର୍ଯ୍ୟରତ ଥିଲେ । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ବେଲତଳ ବେଲେଶ୍ୱର ମହାଦେବଙ୍କ ପୀଠର ବିକାଶ ପାଇଁ ତାଙ୍କର ଅବଦାନ ଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପ୍ରଦୀପ ମହାକୁଡ ମୁଖାଗ୍ନି ଦେଇଥିଲେ।

### ଅଳପୁଆ ସରପଞ୍ଚ ବିଜେଡିରେ ସାମିଲ

ପଟ୍ଟାମୁଣ୍ଡାଇ,୯।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ସରପଞ୍ଚ ପଦ୍ମିନୀ ବେହେରା ବିଜେଡିରେ ସାମିଲ ହୋଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ବିଧାୟକ ଶଶୀଭୂଷଣ ବେହେରାଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ନିଜ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ବେହେରା ତାଙ୍କୁ ଫୁଲତୋଡା ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତ କୁମାର ନାୟକ, ସନ୍ତୋଷ ପଣ୍ଡା, ଉମାକାନ୍ତ ବିହାରୀ, ଡି ରବର୍ଟସନ ରାଜୁ, ପ୍ରଶାନ୍ତ ପଣ୍ଡା, ରଶ୍ମିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନଦୀରୁ ଯୁବକଙ୍କ ମୃତଦେହ ଜବତ

ଆଳି,୯।୪(ଡି.ଏନ୍.ଏ.)

ଆଳି ଥାନା ଅନ୍ତର୍ଗତ କଅଁରପୁର ଗ୍ରାମର ବାସୁଦେବ ନାୟକଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଗୁରୁବାର ବାସୁଦେବ ନିଖୋଜ ଥିବା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲା। ଶନିବାର ଅପରାହ୍ଣରେ ଗ୍ରାମ ନିକଟ ନଦୀରୁ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ପରେ ଆଳି ମେଡିକାଲ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ମୃତ୍ୟୁକୁନେଇ ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି।

# ମରାମତିକୁ ମାସେ ନ ପୂରୁଣୁ ପିଚୁ ଉଠିଲା

**ସାରେଇକୂଳ-ଅଙ୍ଗେଶ୍ୱରପଡା ରାସ୍ତା**

ନାଉଗାଁ,୯।୪(ସ୍ୱ.ପ୍ର.)



ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ-ବାଲିଭଉଁରୀ ପୂର୍ତ୍ତ ବିଭାଗ ରାସ୍ତାରୁ ସାରେଇକୂଳ ଦେଇ ଅଙ୍ଗେଶ୍ୱରପଡାକୁ ସଂଯୋଗ କରୁଥିବା ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଛି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଗତ ମାସେ ତଳେ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଇଛି। ମାତ୍ର ମାସେ ନ ପୂରୁଣୁ ରାସ୍ତାର ଶିଖର ମଣ୍ଡିରୁ ପିଚୁ ଉଠିଯାଇଛି। ଏହି ମରାମତି କାମ ନିମ୍ନମାନର ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୪୦୦ ମିଟର ରାସ୍ତା ପାଇଁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ମାର୍ଚ୍ଚରେ କାମ ଶେଷ ହୋଇଥିଲା। ମାତ୍ର ଏବେ ରାସ୍ତାରୁ ପିଚୁ ଉଠିଯିବାରୁ ପୁନର୍ବାର ଖାଲଖମାରେ ପୂର୍ଣ୍ଣ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଦିନେ ଏହି ପିଚୁ ଧୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ବାଟ ଦେଇ ପିଲାମାନେ ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥାନ୍ତି। ସାରେଇକୂଳ ଦେଇ ଗଙ୍ଗଦାହାଟ, ଗାରୋଇ, ମାଛଗାଁ ଆଦିରୁ ବିଭିନ୍ନ ଯାତ୍ରୀବାହୀ ଓ ମାଲ୍‌ବାହୀ ଗାଡି ଯାତାୟାତ କରିଥାଏ। ଏନେଇ ବର୍ଷାଦିନ ପୂର୍ବରୁ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ର କୁହନ୍ତି, ରାସ୍ତା କାର୍ଯ୍ୟ ସମୟରେ ଶିଖରଠାରେ ଥିବା ବା ଧାନ ମଣ୍ଡିରୁ ଧାନ ଗାଡି ଯିବା ଆସିବା ଫଳରେ ସେଠାରୁ ପିଚୁ ଉଠିଯାଇଛି। ଏନେଇ ପୁନର୍ବାର ରାସ୍ତା କାର୍ଯ୍ୟ କରାଯିବ।

# ୧୪୦୧ ଶିକ୍ଷକ ପଦବୀରୁ ୩୫୯ ଖାଲି

**ଜଗତ୍‌ସିଂହପୁର ଶିକ୍ଷା ଜିଲା**

- ୨୦୦ ଅତିଥି ଶିକ୍ଷକଙ୍କ ଚୁକ୍ତି ନବୀକରଣରେ ବିଳମ୍ବ
- ପିଲାଙ୍କ ପାଠପଢ଼ାରେ ବାଧା ଆଶଙ୍କା
- ୨ କିରାଣି ଓ ୯ ପିଅନ ପଦବୀ ଖାଲି

ଜଗତ୍‌ସିଂହପୁର ଅଫିସ, ୯।୪

ଜଗତ୍‌ସିଂହପୁର ଜିଲାର ୧୫୧ ଉଚ୍ଚ ବିଦ୍ୟାଳୟରେ ୧୪୦୧ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୩୫୯ଟି ଖାଲି ପଡିଛି। ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବାବେଳେ ପଦବୀଗୁଡିକ ଖାଲିପଡ଼ିଥିବାରୁ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହେବା ଆଶଙ୍କା ରହିଛି।

ଜଗତ୍‌ସିଂହପୁର ଏକ ଶିକ୍ଷିତ ଜିଲା ଭାବେ ପରିଗଣିତ। କିନ୍ତୁ କୋଭିଡ୍-୧୯ ଯୋଗୁ ୨ ବର୍ଷ କାଳ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ଥିଲା। ଅନ୍‌ଲାଇନ୍ ମାଧ୍ୟମରେ କାମଚଳା ଶିକ୍ଷାଦାନ ଚାଲିଥିଲେ ସୁଦ୍ଧା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ମୋଟାମୋଟିଭାବେ ଛାତ୍ରୀଛାତ୍ରମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏବେ ବିଦ୍ୟାଳୟଗୁଡ଼ିକ ଖୋଲିଥିଲେ ସୁଦ୍ଧା ଶିକ୍ଷକଙ୍କ ଅଭାବ ଚିନ୍ତାର କାରଣ ପାଲଟିଛି। ଜିଲା ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ସୁଦ୍ଧା ଜିଲାରେ ୧୬ କ୍ଲାସ୍-୨ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟରୁ ୯ ଓ ୧୩୫ ସିନିୟର ଏସ୍‌ଇଏସ୍ ପ୍ରଧାନ ଶିକ୍ଷକ ପଦବୀରୁ ୩୧ଟି ଖାଲି ପଡ଼ିଛି। ସେହିପରି କଳା ଶିକ୍ଷକ ୩୯୭ରୁ ୧୦୩, ପିସିଏମ୍ ୨୦୯ରୁ ୪୭, ସିବିଜେଡ୍ ୧୯୨ରୁ ୪୭, ହିନ୍ଦୀ ୧୪୭ରୁ ୪୭, ସଂସ୍କୃତ ୧୫୦ରୁ ୪୫, ପିଇଟି ୧୪୫ରୁ ୨୬ ଏବଂ ଉର୍ଦ୍ଦୁରେ ୧୦ରୁ ୪ଟି ପଦବୀ ଖାଲି ପଡ଼ିଛି। ଏହାବାଦ୍ ୨ କିରାଣି ଓ ୯ଟି ପିଅନ ପଦବୀ ଖାଲି ରହିଛି। ଏତେ ସଂଖ୍ୟକ ପଦବୀ ଖାଲିଥିବାବେଳେ ସରକାରଙ୍କ ପକ୍ଷରୁ ପାଖାପାଖି ୨୦୦ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। ଏହାଦ୍ୱାରା ସମସ୍ୟାର କେତେକାଂଶରେ ସମାଧାନ ହୋଇପାରିଥିଲା। ଏବେ କିନ୍ତୁ ଏହି ଅତିଥି ଶିକ୍ଷକମାନଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି। ସରକାର ତୁରନ୍ତ ଖାଲି ପଦବୀ ପୂରଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅନେକ ଅଭିଭାବକ ମତପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ଅତିଥି ଶିକ୍ଷକମାନଙ୍କ ଚୁକ୍ତି ଅବଧି ବଢାଇବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଖୁବଶୀଘ୍ର ପାଖାପାଖି ୨୦୦ ଅତିଥି ଶିକ୍ଷକଙ୍କୁ ପୁନଃ ଶିକ୍ଷାଦାନ ପାଇଁ ସୁଯୋଗ ଦିଆଯିବ। ଏହାଦ୍ୱାରା ସମ୍ଭାବ୍ୟ ପରିସ୍ଥିତିକୁ କେତେକାଂଶରେ ଏଡ଼ାଇ ଦିଆଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ୧୫ରୁ ଶଙ୍ଖଚିଲା ହିଙ୍ଗୁଳା ଦେବୀଙ୍କ ଯଜ୍ଞୋତ୍ସବ

**କଳିଙ୍ଗନଗର,୯।୪(ଡି.ଏନ.ଏ.):** କୋରେଇ ବ୍ଲକ ଶଙ୍ଖଚିଲାସ୍ଥିତ ମା' ହିଙ୍ଗୁଳାଙ୍କ ୯୨ତମ ଯଜ୍ଞୋତ୍ସବ ଓ ୫୪ତମ ନାମଯଜ୍ଞ ଆସନ୍ତା ୧୫ରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହେବ। ୯ ଦିନ ଧରି ହେବାକୁ ଥିବା ପୂଜା ମହୋତ୍ସବ ନିମନ୍ତେ ହିଙ୍ଗୁଳା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଶନିବାର ମା'ହିଙ୍ଗୁଳାଙ୍କ ସଭାଗୃହରେ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଉତ୍ସବର ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜାସ୍ଥଳେ ଜୁଆଖେଳ ଓ ଅପେରା ନାଟକକୁ ବାରଣ କରାଯାଇଛି। ବିଭିନ୍ନ ଅନୁଷ୍ଠାନ, ସ୍କାଉଟ ଗାଇଡ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲାଯିବ ସହ ଭକ୍ତଙ୍କ ଭିଡକୁ ଲକ୍ଷ୍ୟରଖି ପାଣିକୋଇଲି ଥାନା, ଶଙ୍ଖଚିଲା ଫାଣ୍ଡି ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା, ଯାନବାହାନର ସୁରକ୍ଷା ପାଇଁ ସାଇକେଲ ଓ ବାଇକ ଷ୍ଟାଣ୍ଡ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ପ୍ରଭାତ ପଥାଳ, ସହସମ୍ପାଦକ ଅନନ୍ତ ଚରଣ ମଲିକ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ସାହୁ, ଅକ୍ଷୟକୁମାର ଜେନା, ମୁଖ୍ୟ ପୂଜକ ବାମଦେବ ପାଢ଼ି, କମଳେନ୍ଦୁ ପଣ୍ଡା, ମଣିଚରଣ ପଣ୍ଡା ପ୍ରମୁଖ କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ଉପସଭାପତି ପ୍ରଭାତ ପଥାଳ ଧନ୍ୟବାଦ ଦେଇଥିଲେ।

### ସ୍କୁଲ୍ ଛାତ୍ରୀଛାତ୍ରଙ୍କ ପାଇଁ ଟାଟା ଷ୍ଟିଲ୍‌ର ବସ୍ ସେବା

**କାଳିଆପାଣି,୯।୪(ଡି.ଏନ.ଏ.):** ସୁକିନ୍ଦା ଖଣି ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ରଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିଲା। ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ଏକ ସ୍କୁଲ ବସ୍ ଯୋଗାଇ ଦିଆଯାଇ ସମସ୍ୟାର ସମାଧାନ କରାଯାଇଛି। ଶନିବାର ସାରୁଆବିଲ ଖଣିରୁ ଏହାର ଶୁଭାରମ୍ଭ କରାଯାଇଛି। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ ପ୍ରଶାସନିକ ସହମୁଖ୍ୟ ସଞ୍ଜିବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କମ୍ପାନୀର ଏଜିଏମ୍ ଇଂ. ନବୀନ ଶ୍ରୀବାସ୍ତବ, ବରିଷ୍ଠ ଅଧିକାରୀ ଇଂ. ରାଜେଶ ଏକ୍କା ଓ ଅରିନ୍ଦମ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବସ୍ ସେବା ଦ୍ୱାରା କମରଦା, ସାରୁଆବିଲ ଓ ସୁକିନ୍ଦା କ୍ରୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଖଣି ଅଞ୍ଚଳର ରାଁସୋଲ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଛାତ୍ରୀଛାତ୍ର ଆସୁଥିବା ଷ୍ଟିୱାର୍ଟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ବସ୍ ସେବା ଯୋଗାଇ ଦିଆଯାଇନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବିଚାରପତି ସମ୍ବେଦନଶୀଳ ହେଲେ ତ୍ୱରିତ ନ୍ୟାୟ ମିଳିବ

**ଯାଜପୁର ଟାଉନ/ କଳିଙ୍ଗନଗର,୯।୪(ଡି.ଏନ.ଏ.)**



ଯାଜପୁର ଜିଲା ଜଜ୍‌କୋର୍ଟ ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥି।

- ଯାଜପୁର ଜିଲା ଜଜ୍‌କୋର୍ଟ ଶିଳାନ୍ୟାସ ଉତ୍ସବ
- ତେନ୍ତୁଲିଖୁଣ୍ଟାରେ ଅତ୍ୟାଧୁନିକ କୋର୍ଟକମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର

ଯାଜପୁର ଜିଲା ଜଜ୍‌କୋର୍ଟର ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ଭିନିତ୍ ସରଣ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର, ହାଇକୋର୍ଟ ବିଚାରପତି ତଥା ଗୃହନିର୍ମାଣ କମିଟି ଅଧ୍ୟକ୍ଷ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟତମ ଅତିଥି ଉମା ସରଣ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜଷ୍ଟିସ୍ ସରଣ ନିଜ ବକ୍ତବ୍ୟରେ ସମ୍ପ୍ରତି ଆଇନଜୀବୀ ଓ ବିଚାରପତିମାନେ ମାମଲା ପରିଚାଳନା ସମୟରେ ସମ୍ବେଦନଶୀଳ ହୋଇ କାର୍ଯ୍ୟ କଲେ ମହକିଲମାନେ ତ୍ୱରିତ ନ୍ୟାୟ ପାଇପାରିବେ। ସେହିପରି ମକଦ୍ଦମା ପରିଚାଳନାରେ ଅଯଥା ବିଳମ୍ବକୁ ନେଇ ମହକିଲଙ୍କ ମନରେ ସୃଷ୍ଟି ହେଉଥିବା ଧାରଣା ଯଥା ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବଦଳି ପାରିବ ବୋଲି ଅଭିମତ ରଖିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ମୁରଲୀଧର ନିଜ ବକ୍ତବ୍ୟରେ ତ୍ୱରିତ ନ୍ୟାୟ ପାଇଁ ପୁରୁଣା ଢାଞ୍ଚା ବଦଳରେ ଆଧୁନିକ ଜ୍ଞାନକୌଶଳ ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଷ୍ଟିସ୍ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ବିଳମ୍ବରେ ହେଲେ ମଧ୍ୟ ଯାଜପୁର ଜିଲାକୋର୍ଟ ରାଜ୍ୟର ସର୍ବାଧୁନିକ କୋର୍ଟ ଭାବେ ପରିଗଣିତ ହେବବୋଲି ଆଶାପୋଷଣ କରିଥିଲେ। ଏହି ଜିଲାକୋର୍ଟ ନିର୍ମାଣ ନିମନ୍ତେ ୧୦୯କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୧୮ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବବୋଲି ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ଉକ୍ତ ସମାବେଶରେ ଜିଲା ତଥା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯାଜପୁର ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ଜେଏମ୍‌ଏଫ୍‌ସି ରୀତି ତ୍ରିପାଠୀ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚନ୍ୟାୟାଳୟ ବିଚାରପତି ସର୍ବଶ୍ରୀ ଶତ୍ରୁଘ୍ନ ପୂଜାରୀ, ବିଶ୍ୱନାଥ ରଥ, ରାଜେନ୍ଦ୍ର କୁମାର ପଟ୍ଟନାୟକ, ଏ.କେ ମହାପାତ୍ର, ଭି. ନରସିଂହ, ବି.ପି ଶତପଥୀ, ମୁରହରି ଶ୍ରୀରମଣ ପ୍ରମୁଖଙ୍କ ସମେତ ଆଡଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓ ଉଚ୍ଚନ୍ୟାୟାଳୟର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜଷ୍ଟିସ୍ ଭିନିତ୍ ସରଣ ଓ ଜଷ୍ଟିସ୍ ମୁରଲୀଧରଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ଆକର୍ଷଣୀୟ ତାରକସୀ ନିର୍ମିତ ଉପଢୌକନ ପ୍ରଦାନ କରାଯାଇଥିଲା। ହାଇକୋର୍ଟ ତଥା ଯାଜପୁର ଜିଲାର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାସନଗର ପୌରାଞ୍ଚଳ ନିକଟସ୍ଥ ତେନ୍ତୁଲିଖୁଣ୍ଟାଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଜିଲା ଜଜ୍‌କୋର୍ଟ ତଥା ଜୁଡିସିଆଲ କମ୍ପ୍ଲେକ୍ସର ଭର୍ଚ୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରାଯାଇଛି। ଉକ୍ତ କମ୍ପ୍ଲେକ୍ସ ନିର୍ମାଣ ହେଲେ ବିଚାରପତିଙ୍କଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ଘର ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ମିଳିପାରିବ ବୋଲି ମୁଖ୍ୟଅତିଥି ସୂଚନା ଦେଇଛନ୍ତି। ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ସଭାପତି ମାନସ ରଞ୍ଜନ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉତ୍ସବରେ ଯାଜପୁର ରୋଡ କୋର୍ଟର ବିଚାରପତି ମାନସ ରଞ୍ଜନ ପଣ୍ଡା, ସୁବ୍ରତ ଆଚାର୍ଯ୍ୟ, ଅଙ୍କିତା ଶର୍ମା, ଜ୍ୟୋତି ସ୍ୱରୂପା ସାହୁ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସମେତ ଅନେକ ଆଇନଜୀବୀ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ବାଲିଘାଟ ହତ୍ୟା ମାମଲା: ଆଉ ଜଣେ ଗିରଫ

**ବିଞ୍ଝାରପୁର,୯।୪(ଡି.ଏନ.ଏ.)**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ବଗମରା ସେତୁ ନିକଟ ମନେଇ ବାଲିଘାଟ ବିବାଦରୁ ଗତମାସ ୨୪ ତାରିଖରେ କଲ୍ୟାଣପୁର ଗ୍ରାମର ସୁରେନ୍ଦ୍ର ଦାଶଙ୍କୁ ବୋମା ଫିଙ୍ଗି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତ ତ୍ରିଲୋଚନ ମଲ୍ଲିକଙ୍କୁ ଗିରଫ କରିଛି। ଘଟଣାରେ ପୋଲିସ ନଂ.୨୨୭/୨୨ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବାସହ ମୁଖ୍ୟ ଅଭିଯୁକ୍ତ ଗିରିଧାରୀ ମଲ୍ଲିକ ଓରଫ ଟେରା ସମେତ ସମ୍ପର୍କୀୟ ବିଷ୍ଣୁ ମଲ୍ଲିକ ଓ ସୁରେନ୍ଦ୍ର ମଲିକଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ଟେରାଙ୍କ ପୁଅ ତ୍ରିଲୋଚନଙ୍କୁ ଧରିବା ପାଇଁ ଆଇଆଇସି ଅମରେନ୍ଦ୍ର ଦାଶଙ୍କ ନେତୃତ୍ୱରେ ଏସ୍‌ଆଇ ଅସିତ କୁମାର ବଳବନ୍ତରାୟ ଓ ଏଏସ୍‌ଆଇ ବିଜୟ କୁମାର ମଲିକଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲାବେଳେ ତ୍ରିଲୋଚନ ବିଭିନ୍ନ ସ୍ଥାନ ବଦଳାଇ ପୋଲିସକୁ ଚକମା ଦେଉଥିଲେ। ଶେଷରେ ପୋଲିସ ଶନିବାର ତ୍ରିଲୋଚନକୁ ଧରିବାରେ ସଫଳ ହୋଇଛି। ତଦନ୍ତ ଚାଲିଥିବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇନି। ରବିବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।

# ନାବାଳିକା ମୃତ୍ୟୁ ରହସ୍ୟର ତଦନ୍ତ ଆରମ୍ଭ


ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

**ବରୀ,୯।୪(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସୀପୁର ଗ୍ରାମର ଅକ୍ଷୟ ରଣାଙ୍କ ଝିଅ ଜ୍ୟୋତି ରଣା (୧୬)ଙ୍କ ମୃତ୍ୟୁ ଏବେ ଭିନ୍ନ ମୋଡ଼ ନେଇଛି। ମୃତା ନାବାଳିକାଙ୍କ ବେକ, ଛାତିରେ କ୍ଷତ ଚିହ୍ନ ରହିଥିଲା। ତେବେ ସେ ଅର୍ଦ୍ଧଲଗ୍ନ ଅବସ୍ଥାରେ ପଡ଼ିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ତାଙ୍କ ଭଉଣୀ ସେତେବେଳେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବସି ପଡ଼ିଥିଲା। ଏବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ରିପୋର୍ଟରେ ନାବାଳିକାଙ୍କ ଗଳା କାଟି ହତ୍ୟା କରାଯାଇଥିବା ଦର୍ଶାଯାଇଛି। ଏହି ରିପୋର୍ଟକୁ ଆଧାର କରି ଶନିବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଡିଏସ୍‌ପି ସରୋଜ ଉପାଧ୍ୟାୟ, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନାରାୟଣ ପ୍ରସାଦ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତା ନାବାଳିକାଙ୍କ ବାପାଙ୍କୁ ପଚରାଉଚରା ନିମନ୍ତେ ଥାନାକୁ ଆଣିଛନ୍ତି।

ସୂଚନା ଅନୁସାରେ, ଫେବୃୟାରୀ ୧୮ ତାରିଖରେ ଜ୍ୟୋତିଙ୍କ ମୃତଦେହ ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳରେ କ୍ଷତାକ୍ତ ଅବସ୍ଥାରେ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ସମୟରେ ଜ୍ୟୋତିଙ୍କ ଭଉଣୀ ଏକ ହତ୍ୟାକାଣ୍ଡ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ତେବେ କେଉଁ ପରିସ୍ଥିତିରେ ପୋଲିସ ଏହାକୁ ତଦନ୍ତ କରି ନ ଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଥାନା ନିକଟରୁ ମାତ୍ର ୬ କିମି ଦୂରରେ ଏତେବଡ଼ କାଣ୍ଡ ଘଟିଥିଲେ ମଧ୍ୟ ପୋଲିସ କିପରି ବସି ପଡ଼ିଥିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଯୋଗାଯୋଗ କରାଯାଇଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ସଂକ୍ରାନ୍ତରେ କାହାକୁ କିଛି ନ କହିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା ବୋଲି ମୃତା ନାବାଳିକାଙ୍କ ଭଉଣୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ। ଏବେ ଦେଖିବାକୁ ଅପେକ୍ଷା ପୋଲିସ ହତ୍ୟାକାଣ୍ଡର ରହସ୍ୟ କିପରି ଉନ୍ମୋଚନ କରୁଛି।

# ଜାରକା ବଜାରରେ ପୁଣି ମାତିଲେ ଲୁଟେରା

**ଧର୍ମଶାଳା,୯।୪(ଡି.ଏନ.ଏ.)**

- ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ଘରୁ ଚୋରି
- ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଲୁଟ ଉଦ୍ୟମ

କିଛିଦିନର ବ୍ୟବଧାନ ପରେ ଧର୍ମଶାଳା ଥାନା ଜାରକା ବଜାରରେ ପୁଣି ସକ୍ରିୟ ହୋଇଛନ୍ତି ଦୁର୍ବୃତ୍ତ। ରାତିରେ ୩ଟି ସ୍ଥାନରୁ ଲୁଟ୍ ଉଦ୍ୟମ କରି ଗୋଟିଏ ସ୍ଥାନରୁ ସଫଳ ହୋଇଛନ୍ତି। ଜାରକା ନିକଟ ଶାନ୍ତିବଜାର କଲୋନୀରେ ରହୁଥିବା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଘରର ଝରକା ଗ୍ରିଲ ତାଡିବା ସହ ଗଡରେଜ ଆଲମିରା ଭାଙ୍ଗି ୧୦ ଭରି ସୁନା ଅଳଙ୍କାର, ୨ ଲକ୍ଷ ୧୦ ହଜାର ଟଙ୍କାର ଗୋଟିଏ ହୀରା ମୁଦି, ୩ଟି ସ୍ମାର୍ଟ ଫୋନ, ୫ଟି ହାତଘଣ୍ଟା ସହ ନଗଦ ୪୦ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ମହାନ୍ତିଙ୍କ ନିଜ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବାରୁ ସେ ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ। ଘରେ ପୁଅ ଓ ବୋହୂ ଗୋଟିଏ ରୁମରେ ଶୋଇଥିବା ବେଳେ ଦୁର୍ବୃତ୍ତ ସେ ରୁମର ବାହାରୁ ଲକ କରି ମହାନ୍ତି ରହୁଥିବା ରୁମରେ ପଶି ଲୁଟ କରିବାରେ ସଫଳ ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ଫରେନସିକ ଟିମ ସହ ଘଟଣାର ତଦନ୍ତ କରିଛି। ରବିବାର ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସେହିପରି ନିକଟରେ ରହୁଥିବା ମହିଳା ବାସନ୍ତୀ ମଲିକଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଦୁର୍ବୃତ୍ତ ଘରର ଝରକା ତାଡି ଘରେ ପଶି ଲୁଟ ଉଦ୍ୟମ କରିଥିଲେ। ତେବେ ଘରଲୋକ ଉଠିବାରୁ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ସିସିଟିଭି ଫୁଟେଜରେ ଲୁଟେରାଙ୍କ ଯିବା ଆସିବା ଓ ଝରକା ଗ୍ରୀଲ ତାଡିବା ସମୟର ଦୃଶ୍ୟ କଏଦ ହୋଇଛି। ରାତି ୧.୫୦ରୁ ୨.୨୦ମି. ମଧ୍ୟରେ ୩ଜଣ ଦୁର୍ବୃତ୍ତ ଏହି ଲୁଟରେ ସାମିଲ ଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ସେହିପରି ଭୋର ୪ଟା ସମୟରେ ଜାରକାସ୍ଥିତ ବିରଜା ମାର୍କେଟ କମ୍ପ୍ଲେକ୍ସରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମକୁ ଦୁର୍ବୃତ୍ତ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଏଠାରେ ନିଯୁକ୍ତ ଝାଡୁଦାର ବାପିନା ବେହେରା ବିରୋଧ କରିବାରୁ ଦୁର୍ବୃତ୍ତ ତାଙ୍କୁ ଧକ୍କାମାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚଳାଇଛି। ତେବେ କିଛି ଦିନ ପୂର୍ବେ ଜାରକା ବଜାରର ବିଭିନ୍ନ ଅଞ୍ଚଳରୁ ଗୋଟିଏ ରାତିରେ ଏକାଧିକ ସ୍ଥାନରୁ ଚୋରି ହୋଇଥିବା ଘଟଣା ସାମନାକୁ ଆସିଥିଲା। କିଛି ଦିନର ବ୍ୟବଧାନ ପରେ ଜାରକା ବଜାରରେ ପୁଣି ଲୁଟେରା ସକ୍ରିୟ ହୋଇଉଠିଥିବା ଦେଖିବାକୁ ମିଳିଛି।


ଆକ୍ସିସ ବ୍ୟାଙ୍କ ଏଟିଏମ୍‌କୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIVBBS2022038, ତା.04.04.2022ରିଖ

**କାର୍ଯ୍ୟର ନାମ:** ତାଳଚେର-ସମ୍ବଲପୁର ଦୋହରୀକରଣ : ସମ୍ବଲପୁର ସିଟି ଷ୍ଟେସନ ବ୍ୟତୀତ ଚେନେଜ୍ 00 ଠାରୁ ଚେନେଜ୍ 5400 (ସମ୍ବଲପୁର ସୀମା ଠାରୁ) ପର୍ଯ୍ୟନ୍ତ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ଟ୍ରାକ୍ ଏବଂ ପଏଣ୍ଟ ତଥା କ୍ରସିଙ୍ଗ୍‌ଗୁଡ଼ିକର ଲିଙ୍କିଙ୍ଗ୍ (Linking) / ବିଛାଇବା / ଭାଙ୍ଗିବା, P.Way ସାମଗ୍ରୀଗୁଡ଼ିକର ପରିବହନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 584.63 ଲକ୍ଷ, EMD (ଟଙ୍କାରେ): 4,42,300/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.04.2022ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-05/CF/22-23


# ପରିବା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ଧର୍ମଶାଳା, ୯।୪(ଡି.ଏନ୍.ଏ.)**


ଧର୍ମଶାଳା ଅଞ୍ଚଳରେ ହୋଇଥିବା ପରିବା ଚାଷ।

- ଶୀତଳଭଣ୍ଡାର ନାହିଁ
- କ୍ଷତି ସହୁଛନ୍ତି ଚାଷୀ
- ତୁରନ୍ତ ଶୀତଳଭଣ୍ଡାର ନିର୍ମାଣ ଦାବି

ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପନିପରିବା ଚାଷ କରୁଥିବା ଚାଷୀଙ୍କ ଦୁଃଖ କହିଲେ ନ ସରେ। କେତେବେଳେ ବର୍ଷା ନାହିଁ ତ ପୁଣି କେତେବେଳେ ବନ୍ୟା ଓ ବାତ୍ୟା। ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଋଣ କରି ପନିପରିବା ଚାଷ କରିବାକୁ ଚାଷୀ ବାଧ୍ୟ ହେଉଛନ୍ତି। ଧର୍ମଶାଳା ବ୍ଲକର କୁସୁନପୁର, ବାଉଁଶଅଣ୍ଟା, ଏରଷଣ୍ଡା, ଗଙ୍ଗାଧରପୁର, ଦେଉଳିପାଳ, ଇମାମ୍‌ନଗର, ପନ୍ତୁରୀ, ରଘୁନାଥପୁର ଶାସନ, କଣିପାଟିଆ, ଭୁବନ, କାଏମା, ମିର୍ଜାପୁର, ପାଟପୁର, ଅଭୟପୁର, କୋଟପୁର, ଉରପ୍ରତାପ, ଅରାବଳ, ଅରେଇକଣା ଓ ଦେଓଦା ଆଦି ଅଞ୍ଚଳରେ ଅଧିକାଂଶ ଚାଷୀ ପନିପରିବା ଚାଷ କରିଥାନ୍ତି। ସେହିପରି ରସୁଲପୁର ବ୍ଲକର ଅଣ୍ଡେଇଗୋଡ଼ା, ଅର୍ଡିଆ, ସିଂହାପୁର, ହାଟସିଂହାପୁର, ସରବଣା, ବାରବାଟୀ, କଳଣଶୁଳିଆ, ନୂଆହାଟ, ଜାବରା, ଶ୍ରୀବନ୍ତପୁର, ବାରଡ଼ାଙ୍ଗି, ଦନେଇପୁର, ଜଗନ୍ନାଥପୁର, ପଦମପୁର, ବାଦାମବାଡ଼ ଆଦି ଅଞ୍ଚଳରେ ପ୍ରଚୁର ପରିମାଣରେ ପରିବା ଚାଷ ହୋଇଥାଏ। ଚଳିତ ବର୍ଷ ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ଆଳୁ ଆଦି ଫସଲ ଅଧିକ ପରିମାଣରେ ଚାଷ ହୋଇଥିଲା। ତେବେ ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କାରେ ଚାଷୀ ବିଲାତି ବାଇଗଣ, ଫୁଲକୋବି ଓ ବନ୍ଧାକୋବି ଆଦି ଫସଲକୁ ନିକଟସ୍ଥ ବାରବାଟୀ ପରିବା ମାର୍କେଟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ନିର୍ବାଚନ ସମୟରେ ରାଜନେତାମାନେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଜାରକା ଓ ବାରାବଟୀଠାରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ଏହି ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଉଛି। ଅପରପକ୍ଷେ ଭବାନୀପୁର ପଞ୍ଚାୟତରେ ଏକ ମିନି ଶୀତଳଭଣ୍ଡାର ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉଦ୍‌ଘାଟିତ ହୋଇଛି। ଏଥିପାଇଁ ପଞ୍ଚାୟତର ଚାଷୀ ଉତ୍ପାଦିତ ପନିପରିବା ଶୀତଳଭଣ୍ଡାରରେ ରଖି ଉପକୃତ ହେଉଛନ୍ତି। ଅନ୍ୟପଟେ ବାରବାଟୀ ପରିବା ମାର୍କେଟରେ ବାହାର ରାଜ୍ୟରୁ ଆସୁଥିବା ବେପାରୀ ଚାଷୀଙ୍କଠାରୁ ଶାଗମାଛ ଦରରେ ପରିବା କିଣି ଲାଭବାନ୍ ହେଉଥିବା ବେଳେ ଚାଷୀ କ୍ଷତି ସହୁଛନ୍ତି। ଏଠାରେ ଯଦି ଏକ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଥାନ୍ତା ତେବେ ଚାଷୀ ନିଜ ଉତ୍ପାଦିତ ପନିପରିବା ଏଠାରେ ରଖି ପର ମୁହୂର୍ତ୍ତରେ ବିକ୍ରିକରି ଲାଭବାନ୍ ହୋଇପାରନ୍ତେ।

ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଆଳୁ ଚାଷ ବହୁ ପରିମାଣରେ କରାଯାଉଛି। ହେଲେ ଅମଳ ସମୟରେ ଆଳୁ ମୂଲ୍ୟ ହ୍ରାସ ଯୋଗୁ ଚାଷୀ କ୍ଷତିରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏ ସମ୍ପର୍କରେ କୃଷକ ନେତା ବସନ୍ତ ପରିଡ଼ା କୁହନ୍ତି, ଚଳିତ ବର୍ଷ ଚାଷୀ ଋଣକରି ଆଳୁଚାଷ କରିଥିଲେ। ହେଲେ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଆଳୁକୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ସେହିପରି ଟମାଟୋ, ଫୁଲକୋବି ଓ ବନ୍ଧାକୋବି ଚାଷ କରୁଥିବା ଚାଷୀ ତୋଳିବା ମଜୁରି ନ ପାଇ ବିଲରେ ଶଢ଼ିବା ପାଇଁ ଛାଡ଼ିଦେଉଛନ୍ତି। ଇମାମ୍‌ନଗର ଗ୍ରାମର ଚାଷୀ ବିଦ୍ୟାଧର ରାଉତ କହନ୍ତି, ପନିପରିବା ତୋଳିବା ମଜୁରି ଉଠୁ ନ ଥିବାରୁ ବିଲରେ ନଷ୍ଟ ହେବାକୁ ଛାଡିଦେଉଛି। ଅଞ୍ଚଳର ବିଶିଷ୍ଟ ପରିବା ଚାଷୀ କେଶବ ଚନ୍ଦ୍ର ପାଳ ଓ ସୁନାକର ରାଉତ କୁହନ୍ତି, ଫୁଲକୋବି, ଟମାଟୋ, ବନ୍ଧାକୋବି ଓ ଆଳୁ ଆଦି ଲାଭଜନକ ଫସଲକୁ ଚାଷୀ ଋଣ କରି ଆଉ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫସଲ ଅମଳ ସମୟରେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ ହତାଶ ହୋଇପଡୁଛି। ଏଠାରେ ଶୀତଳଭଣ୍ଡାର ଥିଲେ ଚାଷୀ ନିଜ ଉତ୍ପାଦିତ ଫସଲକୁ ସାଇତି ରଖି ପରବର୍ତ୍ତୀ ସମୟରେ ଠିକ୍ ମୂଲ୍ୟରେ ବିକ୍ରି କରି ଫାଇଦା ପାଇପାରନ୍ତା। ତେବେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଜାରକା ଓ ବାରବାଟୀଠାରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ଲାଗି ଚାଷୀ ଦାବି କରିଛନ୍ତି।


## ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଲକ୍ଷ୍ମୀପୁର

ଟେଲିଫୋନ୍ ନଂ. ୦୬୮୫୫-୨୬୮୮୬୬, ଇଲେକ୍ଟ୍ରୋନିକ୍ ବାର୍ତ୍ତା ଠିକଣା: tah.laxmipur@nic.in

**ଅଧିସୂଚନା**

ସଂଖ୍ୟା: ୨୨୫୪/୨୦୨୧, LA-III, 29/2021 — ତାରିଖ: ୦୨।୧୧।୨୦୨୧

No. X-1: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ ଜିଲ୍ଲାର କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରିଆ) ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ନିସାର, ଥାନା: ଲକ୍ଷ୍ମୀପୁର, ତହସିଲ: ଲକ୍ଷ୍ମୀପୁର, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲ ମତେ ଏ.୦.୫୪୭କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରିଆ) ନିର୍ମାଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳ ରାସ୍ତା, ରାୟଗଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଯାତାୟାତର ଓ ପରିବହନ ସୁବିଧା ପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୫୩୮୦/R&DM ତା୧୫।୦୨।୨୦୧୯ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨)ଧାରାର ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଜିଲ୍ଲାପାଳ, କୋରାପୁଟ।
୬. ଜମିର ବିବରଣୀ:

| କ୍ରମିକ ସଂ. | ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଭୂ-ଅର୍ଜନ ହେବାକୁଥିବା ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୦୧ | ୪୫ | ଡଙ୍ଗର-୩ | ୦.୮୫୦ | ୦.୦୧୨ | ହିକକା ଆସୁ, ପି. ହିକକା ମୂର୍ତ୍ତି |
| ୨. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୨ | ୫୦ | ଡଙ୍ଗର-୩ | ୦.୧୪୦ | ୦.୦୭୫ | ଜାମ୍ୱେକା ଜାମା ଜାନି, ଜମ୍ୱେକା ସନ୍ଧ, ଜାମ୍ୱେକା କାଙ୍କୁ, ଜାମ୍ୱେକା ବାଙ୍ଗରୁ, ପି. ଜାମ୍ୱେକା ଦସା ଜାନି |
| ୩. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୬ | ୪୬ | ଡଙ୍ଗର-୩ | ୦.୯୦୦ | ୦.୦୨୭ | ମିଣିଆକା ତୁମ୍ୱରି, ପି. ମିଣିଆକ କର୍ଣ୍ଣ |
| ୪. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୧ | ୪୯ | ଡଙ୍ଗର-୩ | ୧.୮୦୦ | ୦.୦୨୪ | ହିକକା ଭାଲ୍ଲୁ, ପି. ହିକକା ମାଜା |
| ୫. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୩ | ୫୧ | ଡଙ୍ଗର-୩ | ୧.୧୯୦ | ୦.୨୨୬ | ହିକକା ମନ, ପି. ହିକକା ଗୁଞ୍ଜର |
| ୬. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୬ | ୫୨ | ଡଙ୍ଗର-୩ | ୦.୮୯୦ | ୦.୧୨୪ | ହିକକା ରାମିୟା, ପି. ହିକକା ମାଳି |
| ୭. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୩୦/୨୨ | ୪୭ | ଡଙ୍ଗର-୩ | ୦.୯୮୦ | ୦.୦୫୯ | ଜମ୍ୱେକା ରିମ୍ବ, ପି. ମାଲକା ଜିରା |
| ମୋଟ | | | | | | | | ୮.୭୫୦ | ୦.୫୪୭ | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, କୋରାପୁଟଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
**ଜମିର ତାଲିକା**

କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରୀ କରଣ) ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ।
ମୌଜା: ନିସାର, ଥାନା: ଲକ୍ଷ୍ମୀପୁର, ତହସିଲ: ଲକ୍ଷ୍ମୀପୁର, ଜିଲ୍ଲା: କୋରାପୁଟ
ବ୍ୟକ୍ତିଗତ ଜମି – ଉପରେ ଦର୍ଶାଇ ଦିଆଗଲା।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

OIPR-24057/14/0004/2223

# କଟକରେ ମାଲାବାର ଏକ୍ସକ୍ଲୁସିଭ ଶୋ'ରୁମ୍

କଟକ,୯।୪



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ର ନୂତନ ଏକ୍ସକ୍ଲୁସିଭ ଶୋ'ରୁମ୍ ଶନିବାର ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ସିରାଜ ପିକେ, ତହସିଲ ଅହମ୍ମଦ, ଅସନଫ୍ ଅରାକଲ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ବଜାରରେ ମାଲାବାରର ଏହା ୨ୟ ଷ୍ଟୋର ଏବଂ ଖୁବ୍‌ଶୀଘ୍ର ଆଉ ଏକ ଷ୍ଟୋର ଭୁବନେଶ୍ୱରରେ ଶୁଭାରମ୍ଭ ଅପେକ୍ଷାରେ ରହିଛି। ସେହିଭଳି ଗ୍ରୁପ୍‌ର କଟକ ଷ୍ଟୋର ଜରିଆରେ ଉଭୟ କଟକ ଓ ଓଡ଼ିଶାବାସୀଙ୍କୁ ଉଚିତ ମୂଲ୍ୟ ସହ ସୁନାଗହଣାର ମେକିଂ ଚାର୍ଜ ୪.୯%ରୁ ଆରମ୍ଭ କରାଯାଉଛି। ଏଠାରେ ସୁନା, ହୀରା, ମୂଲ୍ୟବାନ୍ ରତ୍ନପଥର ଏବଂ ବ୍ରାଇଡାଲ୍ ସଂଗ୍ରହର ଏକ ବିଶାଳ ସମ୍ଭାର ରହିଛି। ସେହିପରି ଡିଭାଇନ୍ ଇଣ୍ଡିଆନ୍ ହେରିଟେଜ୍ ଜୁଏଲେରି, ବିରାଜ୍ ରୟାଲ ପୋଲକି ଜୁଏଲେରି, ଏରା ଅନ୍‌କଟ୍ ଜୁଏଲେରି, ପ୍ରେସିଆ ଜେମ୍‌ଷ୍ଟୋନ୍ ଜୁଏଲେରି, ଏଥନିକ୍ ହ୍ୟାଣ୍ଡିକ୍ରାଫ୍ଟେଡ୍ ଡିଜାଇନ୍, ଜୈଲ ଲାଇଫଷ୍ଟାଇଲ୍ ଜୁଏଲେରି ଭଳି ଅନେକ ଏକ୍ସକ୍ଲୁସିଭ ଡିଜାଇନ୍‌ର ଗହଣା ଉପଲବ୍ଧ। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ଓଡ଼ିଶା ବଜାରରେ ଗ୍ରାହକମାନେ ଆମଠାରୁ ଆଶା କରୁଥିବା ଶ୍ରେଷ୍ଠମାନର ଉତ୍ପାଦ କଟକ ଷ୍ଟୋର ଜରିଆରେ ଉପଲବ୍ଧ କରାଇବୁ। ଆମେ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ ସହ ସେମାନଙ୍କ ନିକଟତର ହେବା ଆମର ମୂଳଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଗ୍ରୁପ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱର ଅଂଶ ବିଶେଷ ଭାବେ ମାଲାବାର ଏଚ୍‌ଏସ୍‌ଆର୍ ଲେଆଉଟ୍ ଦ୍ୱାରା ଅର୍ଜିତ ଲାଭାଂଶର ୫% ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଦାତବ୍ୟ ଏବଂ ଜନହିତକର କାର୍ଯ୍ୟ ପାଇଁ ଆବଣ୍ଟନ କରିବ। ଉକ୍ତ କାର୍ଯ୍ୟକ୍ରମକୁ ମାଲାବାର ଗ୍ରୁପ୍‌ର ଓଡ଼ିଶା ବାଣିଜ୍ୟିକ ମୁଖ୍ୟ ସିଦ୍ଧେଶ୍ୱର ରଥ ପରିଚାଳନା କରିଥିଲା।

## ବଳରାମ ପାଲ୍‌ଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୯।୪

୧୯୮୫ ବ୍ୟାଚ୍‌ର ଆଇଟିଏସ୍ ଅଧିକାରୀ ବଳରାମ ପାଲ୍‌ଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଟେଲିକମ୍ୟୁନିକେଶନ ବିଭାଗ (ଡିଓଟି)ର ଓଡ଼ିଶା ଏଲ୍‌ଏସ୍‌ର ସିନିୟର ଡେପୁଟି ଡାଇରେକ୍ଟର ଜେନେରାଲ (ଡିଡିଜି) ଭାବେ ଯୋଗଦେଇଛନ୍ତି। ପାଲ୍‌ଙ୍କର ଟେଲିକମ୍ୟୁନିକେଶନ କ୍ଷେତ୍ରରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲା (ବର୍ତ୍ତମାନର ଭିଏସ୍‌ଏସ୍‌ୟୁଟି)ରୁ ୧୯୮୪ରେ ବ୍ୟାଚେଲର ଇନ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ସେ ଜଣେ ଆଇଟିଏସ୍ ଅଫିସର ଭାବରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ସର୍ଭିସେସ୍‌ର ଜେନେରାଲ ମ୍ୟାନେଜର ଭାବରେ ୮ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି। ୧୯୯୯ ମହାବାତ୍ୟା ପରେ ଏବଂ ୨୦୧୩ ମସିହା ଫାଇଲିନ୍ ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱିଡି ଟେଲିକମ୍ ସେବା ପୁନଃ ସ୍ଥାପନ କରିବା ଦିଗରେ ତାଙ୍କର ଅନେକ ଅବଦାନ ରହିଥିଲା।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏସଏଚଜିଙ୍କୁ ପ୍ରଶିକ୍ଷଣ




ବାଲେଶ୍ୱର,୯।୪

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ବାରିପଦା ସର୍କଲ ଅଧୀନ ଉଦଳା, ବାରିପଦା ଓ ରାଇରଙ୍ଗପୁର ବିଦ୍ୟୁତ୍ ଡିଭିଜନରେ ୧୪୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ମିଟର ରିଡିଂ, ବିଲିଂ ଓ କଲେକ୍ସନ୍ ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ଓ ମାନ୍ୟତା ପ୍ରଦାନ ସହ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରାଯାଇଥିଲା। ଏହି ଅବସରରେ ମୟୂରଭଞ୍ଜ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ବିନୀତ୍ ଭରଦ୍ୱାଜ, ପିଡି ଡିଆର୍‌ଡିଏ ପି. ଅନ୍ୱେଷା ରେଡ୍ଡି, ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର, ବାରିପଦା ଏସ୍‌ଇ ହରିଶ ପଣ୍ଡା, ଟିପିଏନ୍‌ଓଡିଏଲ୍‌ର ସିଏସ୍‌ଆର୍ ମୁଖ୍ୟ ଦିଲୀପ୍ କୁମାର ସାହୁ,ଏଜିଏମ୍ (ଇଲେକ୍ଟ୍ରିକାଲ) କ୍ଷୀରୋଦ ବେହେରାଙ୍କ ସମେତ ୟୁଇଡି, ଆର୍‌ଇଡି ଓ ବିପିଇଡିର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର,ଏସ୍‌ଡିଓ ଓ ଜେଇ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର କହିଛନ୍ତି, ଊର୍ଜା ସଖୀମାନେ କରୁଥିବା କାର୍ଯ୍ୟକୁ ମୁଁ ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରୁଛି ଏବଂ ସେମାନଙ୍କୁ ପ୍ରଶଂସା କରୁଛି। ଏଭଳି କେତେକ ସ୍ଥାନ ରହିଛି ଯେଉଁଠାରେ ବିଲିଂ ଏଜେଣ୍ଟଙ୍କ ତୁଳନାରେ ସେମାନଙ୍କ ବିଲିଂ ଓ ସଂଗ୍ରହ ଉନ୍ନତ ରହିଛି ବୋଲି ସରକାର କହିଛନ୍ତି।

# ଟୟୋଟା ନ୍ୟୁ ଗ୍ଲାନ୍‌ଜାର ବଜାର ପ୍ରବେଶ

ସମ୍ବଲପୁର,୯।୪(ବ୍ୟୁରୋ)




ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଶନିବାର ଏହାର କୁଲ୍ ନ୍ୟୁ ଗ୍ଲାନ୍‌ଜାର ବଜାର ପ୍ରବେଶ ହୋଇଛି। ସମ୍ବଲପୁର ବରେଇପାଲିସ୍ଥିତ ଇଣ୍ଟ୍ରିଟ ଟୟୋଟା ଶୋ'ରୁମରେ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଟ୍ରିଟ ଟୟୋଟା ବ୍ୟବସାୟିକ ମୁଖ୍ୟ ପ୍ରଭାତ ଦ୍ୱିବେଦୀ, ସମ୍ବଲପୁର ୟୁନିଟ୍ ମୁଖ୍ୟ ଦୀପକ ସ୍ୱାଇଁ, ସେଲ୍‌ସ ମ୍ୟାନେଜର ଦେବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଟୟୋଟା ସିଗ୍ନେଚର ଷ୍ଟାଇଲିସ ଫ୍ରଣ୍ଟଗିଲ ଓ ବମ୍ପର, ୧୬ ଇଞ୍ଚ ସ୍ଲିକ ଆଲୟୋ ହ୍ୱିଲ, ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ଏଲ୍‌ଇଡି ଫଗ ଲ୍ୟାମ୍ପ ଆଦି ରହିଛି। ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ ଏଥିରେ ୬ଟି ଏୟାରବ୍ୟାଗ, ଟୟୋଟା ଭଏସ୍ ଆସିଷ୍ଟାଣ୍ଟ, ଏବିଏସ୍, ଇବି, ଭିଏସ୍‌ସି, ଆଇଏସ୍‌ଓ ଫିକ୍ସ, ଟେକ୍ସ ବଡି, ହିଲ୍ ହୋଲ୍ଡ କଣ୍ଟ୍ରୋଲ ଆଦି ରହିଛି। ଟୟୋଟା କୁଲ୍ ନ୍ୟୁ ଗ୍ଲାନ୍‌ଜା ୯ ମାର୍ଚ୍ଚଠାରୁ ମାତ୍ର ୧୧ ହଜାର ଟଙ୍କାରେ ବୁକିଂ ଆରମ୍ଭ ହୋଇଛି। ଗ୍ରାହକମାନେ ଅନ୍‌ଲାଇନ ଓ ଅଫ୍‌ଲାଇନ କିମ୍ବା ନିକଟସ୍ଥ ଡିଲର ପାଖକୁ ଯାଇ ବୁକିଂ କରିପାରିବେ। ଏହାର ଲୁକ୍ସ ଓ ବୈଶିଷ୍ଟ୍ୟତା ଯୋଗୁ ଲୋକମାନଙ୍କ ପସନ୍ଦ ବୃଦ୍ଧି ପାଇଛି ଏବଂ ସବୁଠି ସକରାତ୍ମକ ପ୍ରତିକ୍ରିୟା ମିଳିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ଋଣମୁକ୍ତ ହେଲା ରୁଚି ସୋୟା

ନୂଆଦିଲ୍ଲୀ,୯।୪

ଦେଶର ପ୍ରମୁଖ ଖାଇବା ତେଲ କମ୍ପାନୀ 'ରୁଚି ସୋୟା' ପକ୍ଷରୁ ସୂଚନା ଦିଆଯାଇଛି ଯେ କମ୍ପାନୀ ବିଭିନ୍ନ ବ୍ୟାଙ୍କରୁ ଋଣ ଆକାରରେ ଆଣିଥିବା ଟଙ୍କାକୁ ନିକଟରେ ପରିଶୋଧ କରିଦେଇଛି। ଫଳରେ କମ୍ପାନୀ ବର୍ତ୍ତମାନ ସମୟରେ ଏକ ପ୍ରକାର ଋଣମୁକ୍ତ ବୋଲି କୁହାଯାଇଛି। ଏପରିକି ୨,୯୨୫ କୋଟି ଟଙ୍କାର ବ୍ୟାଙ୍କ ଋଣ ପରିଶୋଧକରି ଏବେ ସମ୍ପୂର୍ଣ୍ଣ ଋଣମୁକ୍ତ ବୋଲି କମ୍ପାନୀ ଟୁଇଟ କରି ଜଣାଇଛି। ଏ ସମ୍ପର୍କରେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକ୍ରିଷ୍ଣା ମଧ୍ୟ ଟୁଇଟ୍ କରି ଜଣାଇଛନ୍ତି ଯେ କମ୍ପାନୀର ବିକାଶ ପାଇଁ ବ୍ୟାଙ୍କରୁ ଋଣ କରାଯାଇଥିଲା। ସମୟ ସୁବିଧା ଦେଖି ଉକ୍ତ ଋଣ ପରିଶୋଧ କରାଯାଇଛି। ୨୦୧୯ ରେ ପ୍ରାୟ ୪,୩୫୦ କୋଟି ଟଙ୍କା ବିନିମୟରେ 'ରୁଚି ସୋୟା'କୁ ପତଞ୍ଜଳି କ୍ରୟ କରିଥିଲା।

# ବ୍ଲୁ ଷ୍ଟାର୍ ଆଣିଲା ନୂଆ ଏସି

ନୂଆଦିଲ୍ଲୀ, ୯।୪


କମ୍ପାନୀର ବରିଷ୍ଠ ଅଧିକାରୀ ବି. ତ୍ୟାଗରାଜନ (ବାମ) ଏବଂ ସିପି. ମୁକୁନ୍ଦନ୍ ମେନନ୍ (ଡାହାଣ)।

ଦେଶର ଅଗ୍ରଣୀ ଏୟାର କଣ୍ଡିସନର ବ୍ରାଣ୍ଡ ବ୍ଲୁ ଷ୍ଟାର ପକ୍ଷରୁ ଚଳିତ ଗ୍ରୀଷ୍ମଋତୁକୁ ନଜରରେ ରଖି ନୂତନ ଏସିର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଇନ୍‌ଭର୍ଟର, ଫିକ୍ସଡ୍ ସ୍ପିଡ୍ ଏବଂ ୱିଣ୍ଡୋ ଏସି ସ୍ପେକ୍ଟ୍ରମ୍ ଭଳି ମୋଟ୍ ୫୦ଟି ମଡେଲର ବଜାର ପ୍ରବେଶ କରାଯାଇଛି। ବ୍ରାଣ୍ଡର ଶକ୍ତିଶାଳୀ ଫିଚର ଏବଂ ପ୍ରିମିୟମ୍ ବିଲ୍ଡ କ୍ୱାଲିଟି ବ୍ଲୁଷ୍ଟାର ଉତ୍ପାଦ ଶୃଙ୍ଖଳାକୁ ପୂର୍ଣ୍ଣ କରିଥାଏ। ଇନ୍‌ପୁଟ୍ ଖର୍ଚ୍ଚରେ ବୃଦ୍ଧି ହେବା ସତ୍ତ୍ୱେ କମ୍ପାନୀ ପକ୍ଷରୁ ବିଭିନ୍ନ ମୂଲ୍ୟ ସଞ୍ଚୟ ପଦକ୍ଷେପ ଦ୍ୱାରା ଉତ୍ତମ ମୂଲ୍ୟରେ ଗ୍ରାହକଙ୍କୁ ସେବା ପ୍ରଦାନ କରାଯାଇଥାଏ। ବଣ୍ଟନ ଏବଂ ସେବା ପ୍ରଦାନ ପ୍ରଣାଳୀକୁ ଦେଖିଲେ ପ୍ରିମିୟମ୍ ବଜାର ପର୍ଯ୍ୟନ୍ତ ପହଞ୍ଚିବାକୁ ଟାୟାର-୧ ସହରର ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ଯେଭଳି ସୁବିଧା ପ୍ରଦାନ କରାଯାଇଥାଏ, ଟାୟାର-୨, ୩, ୪ ଏବଂ ୫ ସହରରେ ମଧ୍ୟ ସମାନ ପ୍ରକାର ସେବା ପ୍ରଦାନ କରାଯାଇଥାଏ। ବ୍ଲୁଷ୍ଟାର୍ ଅନ୍‌ଲାଇନ ଶପିଂ ପୋର୍ଟାଲ ମାଧ୍ୟମରେ କମ୍ପାନୀ ପକ୍ଷରୁ ଡିଟୁସିକୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଅଫରମାନ ପ୍ରଦାନ କରାଯାଇଥାଏ। କମ୍ପାନୀର ବିଭିନ୍ନ ୩-ଷ୍ଟାର୍, ୪-ଷ୍ଟାର୍ ଏବଂ ୫-ଷ୍ଟାର୍ ସ୍ପ୍ଲିଟ୍ ଇନ୍‌ଭର୍ଟର ଏସିଗୁଡ଼ିକର ବିକ୍ରି ଦାମ୍ ୩୦,୯୯୦ଟଙ୍କାରୁ ଆରମ୍ଭ ହୋଇଥାଏ।

ଫୁରସତ୍

# ୪୦ ବର୍ଷ ପରେ ଧରାପଡ଼ିଲେ 'ମିଛୁଆ ପୁଅ'

**ପ୍ରାୟ ୪୦ ବର୍ଷ ତଳେ ବିହାରସ୍ଥିତ ନାଳନ୍ଦା ଜିଲା ମୁର୍ଗାୱନ୍ ଗ୍ରାମର ଜଣେ ପ୍ରତିଷ୍ଠିତ ଜମିମାଲିକଙ୍କ ଏକମାତ୍ର ପୁଅ ନିଖୋଜ ହୋଇଯାଇଥିଲେ। ଏହାର ୪ ବର୍ଷ ପରେ ଜଣେ ବ୍ୟକ୍ତି ନିଜକୁ ସେହି ନିଖୋଜ ପୁଅ ଦର୍ଶାଇଥିଲେ। ସେ ଉକ୍ତ ପରିବାର ସହ ୪ ଦଶନ୍ଧି ଧରି ରହିବା ପରେ ତାଙ୍କ ଉତ୍ତରାଧିକାରୀ ପାଲଟି ପ୍ରାୟ ୨ କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରିଥିଲେ। ଏବେ ଏକ ସ୍ଥାନୀୟ କୋର୍ଟ ସମ୍ପୃକ୍ତ ବ୍ୟକ୍ତି ଜଣକ ଜମି ମାଲିକଙ୍କ ପୁଅ ନୁହନ୍ତି ବୋଲି ପ୍ରମାଣିତ କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମିଛ ପରିଚୟ ଦେଇ ସମ୍ପତ୍ତି ହଡ଼ପ କରିଥିବା ଦୟାନନ୍ଦ ଗୋସାଇଁଙ୍କ ପ୍ରକୃତ ଘର ମୁଙ୍ଗେର ଜିଲାରେ। ବିହାର ଶରିଫ୍ ସିଭିଲ କୋର୍ଟର ବିଚାର ବିଭାଗୀୟ ଅତିରିକ୍ତ ମାଜିଷ୍ଟ୍ରେଟ୍ ଭି. ମାନବେନ୍ଦ୍ର ମିଶ୍ର ଗତ ୫ ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ଦୟାନନ୍ଦଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।**





**ପାଟନା:** ବିହାରର ନାଳନ୍ଦାରେ ଚକିତ କରିଦେବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ୧୯୭୭ ମସିହାରେ ମୁର୍ଗାୱନ୍ ଗ୍ରାମର କାମେଶ୍ୱର ସିଂଙ୍କ ଏକମାତ୍ର ପୁଅ କହ୍ନେୟା ମାଟ୍ରିକ ପରୀକ୍ଷା ଦେବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପୁଅ ହଜିବାର ୪ ବର୍ଷ ପରେ ଅର୍ଥାତ୍ ୧୯୮୧ ମସିହାରେ ମୋରଗାଓ ନିକଟରେ ଥିବା ଏକ ଗାଁ କେଶପୁରକୁ ଜଣେ ସାଧୁ ଆସିଥିଲେ। ସେ ନିଜକୁ କାମେଶ୍ୱରଙ୍କ ନିଖୋଜ ପୁଅ କହ୍ନେୟା ବୋଲି ଦାବି କରିଥିଲେ। ପ୍ରଥମେ ଏ କଥାକୁ କେହି ବିଶ୍ୱାସ କରି ନ ଥିବାବେଳେ କେତେଜଣ ସ୍ଥାନୀୟ ବାସିନ୍ଦା ସାଧୁଙ୍କ କଥାକୁ ସତ ବୋଲି କହିଥିଲେ। କାମେଶ୍ୱରଙ୍କ ମନରେ ପୁତ୍ରସ୍ନେହ ଜାଗି ଉଠିବାରୁ ସେ ତଥାକଥିତ ସାଧୁଙ୍କୁ ପୁଅ କହ୍ନେୟା ବୋଲି ଧରି ନେଇଥିଲେ। କାମେଶ୍ୱରଙ୍କ ସ୍ତ୍ରୀ ରାମସଖୀ ଓ ତାଙ୍କ ୬ ଝିଅ ସାଧୁଙ୍କୁ କହ୍ନେୟା ଭାବେ ଗ୍ରହଣ କରିବାକୁ ରାଜି ନ ଥିଲେ। ପୁଅ କହ୍ନେୟା ମୁଣ୍ଡରେ ଏକ କଟା ଚିହ୍ନ ଥିବାବେଳେ ସାଧୁ ମୁଣ୍ଡରେ କୌଣସି ପ୍ରକାର ଚିହ୍ନ ନ ଥିବା ରାମସଖୀଙ୍କ ମନରେ ସନ୍ଦେହ ଆଣିଥିଲା। କିନ୍ତୁ ସ୍ୱାମୀ କାମେଶ୍ୱରଙ୍କ ତାଗିଦ୍ ପରେ ସେ ଚୁପ୍ ରହିଥିଲେ। ରାମସଖୀ ଶିଲାବ ଥାନାରେ ଛଦ୍ମ ସାଧୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ୧୯୯୧ରେ ପାଟନା ଜିଲା କୋର୍ଟରେ ଜମି ବିବାଦ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ରାମସଖୀଙ୍କ ପକ୍ଷରୁ କୋର୍ଟରେ ଡିଏନ୍‌ଏ ଟେଷ୍ଟ ପାଇଁ ଦାବି କରାଯାଇଥିଲେ ସୁଦ୍ଧା ଏଥିରେ ଅଭିଯୁକ୍ତ ରାଜି ହୋଇ ନ ଥିଲେ। ୧୯୯୫ରେ କାମେଶ୍ୱର ଓ ରାମସଖୀଙ୍କ ମୃତ୍ୟୁ ହୋଇଥିଲା। ମା' ବାପାଙ୍କ ଦେହାନ୍ତ ପରେ ଝିଅ ବିଦ୍ୟା ମାମଲା ଲଢ଼ିଥିଲେ।

ଦୀର୍ଘଦିନ ଧରି କୋର୍ଟରେ ଶୁଣାଣି ଚାଲିବା ପରେ ଦିନେ ମୁଙ୍ଗେର ଜିଲା ଲଖାଇ ଗ୍ରାମର ଜଣେ ବ୍ୟକ୍ତି କୋର୍ଟରେ ବିଦ୍ୟାଙ୍କ ପକ୍ଷରୁ ସାକ୍ଷ୍ୟ ଦେବା ପାଇଁ ହାଜର ହେଲେ। ସାକ୍ଷୀଙ୍କ କହିବା ଥିଲା, କହ୍ନେୟା ସିଂଙ୍କ ପରିଚୟ ଦେଇ କାମେଶ୍ୱରଙ୍କ ଘରେ ରହୁଥିବା ବ୍ୟକ୍ତିଙ୍କ ପ୍ରକୃତ ନାମ ଦୟାନନ୍ଦ ଗୋସାଇଁ। ସେ ହେଉଛନ୍ତି ପ୍ରଭୁ ଗୋସାଇଁଙ୍କ ତୃତୀୟ ପୁତ୍ର। ସତ ଧରାପଡ଼ିବା ପରେ କୋର୍ଟ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି ଲୋଭରେ ଭଉଣୀ ବିଦ୍ୟା ଏ ପ୍ରକାର ଷଡ଼ଯନ୍ତ୍ର କରିଥିବା ଦୟାନନ୍ଦ କହିଛନ୍ତି।

## ପ୍ରିୟଜନଙ୍କୁ କୃତଜ୍ଞତା ଜଣାଇଲେ ମଲାଇକା



**ମୁମ୍ବାଇ:** ବଲିଉଡ୍ ଆଇଟମ୍ ଗର୍ଲ ମଲାଇକା ଅରୋରା ଶନିବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ପରିବାର ଓ ପ୍ରୀୟଜନଙ୍କୁ କୃତଜ୍ଞତା ଜଣାଛନ୍ତି। ଦୁର୍ଘଟଣାର ସପ୍ତାହକ ପରେ ମଲାଇକା ଆକ୍ସିଡେଣ୍ଟ ସମ୍ପର୍କରେ ଏକ ପୋଷ୍ଟ କରିଛନ୍ତି। ଦୁର୍ଘଟଣା ତାଙ୍କୁ ଏକ ଫିଲ୍ମ ସିନ୍ ପରି ଲାଗିଥିବା ସେ ଏଥିରେ କହିଛନ୍ତି। ଗତ ୨ ତାରିଖରେ ପୁଣେରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ସାରି ବମ୍ବେ ଫେରିବା ସମୟରେ ତାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ମଲାଇକାଙ୍କ ଆଖିରେ ସାମାନ୍ୟ ଆଘାତ ଲାଗିଥିଲା। ଦୁର୍ଘଟଣା ପରେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଗୋଟିଏ ଦିନ ଡାକ୍ତରଖାନାରେ ରହିବା ପରେ ୩ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଏ ନେଇ ଥାନାରେ ମାମଲା ଦାୟର କରାଯାଇଥିବାବେଳେ ଘଟଣାର ତଦନ୍ତ ଜାରି ରହିଛି।

# ୩୦ ବର୍ଷ କମ୍ ଦେଖାଯିବେ ମହିଳା

**ଇଂଲଣ୍ଡ:** ମହିଳାଙ୍କ ଚର୍ମ କୋଷିକାକୁ ୩୦ ବର୍ଷ କମ୍ କରାଯାଇପାରିବ। ଏ ନେଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ସାଇଣ୍ଟିଷ୍ଟ ଗବେଷଣା ଆରମ୍ଭ କରି ଦେଇଛନ୍ତି। ଡୋଲି ପ୍ରଜାତିର ମେଣ୍ଢା ଉପରେ ଏକ ବିଶେଷଜ୍ଞ ଟିମ୍ ପରୀକ୍ଷା ଜାରି ରଖିଛି। ବିଶେଷଜ୍ଞମାନଙ୍କ ଦାବି ଏହି ଅଧ୍ୟୟନର ସଫଳ ରୂପାୟନ ଦ୍ୱାରା ୫୩ ବର୍ଷ ବୟସର ମହିଳା ୩୦ ବର୍ଷ କମ୍ ଅର୍ଥାତ୍ ୨୩ ବର୍ଷ ଯୁବତୀଙ୍କ ଭଳି ଦେଖାଯିବେ। ଖାଲି ଚର୍ମ କୋଷିକା ନୁହେଁ ବର୍ତ୍ତମାନ ସମୟରେ ଡାଇବେଟିସ୍, ହୃଦ୍‌ଘାତ ଓ ମସ୍ତିଷ୍କ ଜନିତ ସମସ୍ୟା ମୁଣ୍ଡ ଟେକିଥିବାବେଳେ ଅଧ୍ୟୟନ ଦ୍ୱାରା ଉକ୍ତ ସମସ୍ୟା ସବୁର ସମାଧାନ କରାଯାଇପାରିବ ବୋଲି ଗବେଷକ ଦାବି କରିଛନ୍ତି। ପରୀକ୍ଷଣ ଦ୍ୱାରା ହ୍ୟୁମାନ ଏମ୍ବ୍ରିଓନିକ୍ ଷ୍ଟେମ୍ ସେଲ୍ ତିଆରି କରାଯିବ। ଉକ୍ତ ସେଲ୍‌ଗୁଡ଼ିକ ବିଶିଷ୍ଟ କୋଷିକାଗୁଡ଼ିକ ମଧ୍ୟରେ ତିଆରି କରାଯାଇପାରିବ, ଯାହାଦ୍ୱାରା ପୁରୁଣା କୋଷିକାର ସ୍ଥାନ ନୂଆ କୋଷିକା ନେଇପାରିବ।



# ସ୍ୱାସ୍ଥ୍ୟ ସେବାରେ ହୋମିଓପାଥି

**ହୋ**ମିଓପାଥି ଏବଂ ଔଷଧ ଜଗତରେ ଏହାର ଅବଦାନ ପାଇଁ ପ୍ରତିବର୍ଷ ଏପ୍ରିଲ ୧୦ରେ ବିଶ୍ୱ ହୋମିଓପାଥି ଦିବସ ପାଳନ କରାଯାଇଥାଏ। ହୋମିଓପାଥିର ପ୍ରତିଷ୍ଠାତା ଜର୍ମାନୀ ଚିକିତ୍ସକ ଡା. ଖ୍ରୀଷ୍ଟିଆନ ଫ୍ରିଡ୍ରିକ୍ ସାମୁଏଲ ହାନିମ୍ୟାନ୍‌ଙ୍କ ଜନ୍ମ ବାର୍ଷିକୀ ଅବସରରେ ଏହି ଦିବସ ପାଳନ କରାଯାଇଥାଏ। ୧୭୫୫ ଏପ୍ରିଲ ୧୦ରେ ପ୍ୟାରିସଠାରେ ହାନିମ୍ୟାନ୍ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବିଶିଷ୍ଟ ବୈଜ୍ଞାନିକ, ମହାନ୍ ବିଦ୍ୱାନ ଏବଂ ଭାଷାଜ୍ଞ ଥିଲେ। ହୋମିଓପାଥି ବ୍ୟବହାର କରି ସେ ସୁସ୍ଥ ହେବାର ଉପାୟ ମାନବ ସମାଜକୁ ବତାଇ ଦେଇଥିଲେ। ୧୮୪୩ ଜୁଲାଇ ୨ରେ ତାଙ୍କର ଦେହାନ୍ତ ହୋଇଥିଲା। ଚିକିତ୍ସା ଶାସ୍ତ୍ରରେ ହାନିମ୍ୟାନ୍‌ଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯିବା ସହିତ କିଭଳି ଏହାକୁ ଲୋକାଭିମୁଖୀ କରାଯାଇ ପାରିବ ସେନେଇ ଏହି ଦିବସ ଅବସରରେ ପ୍ରୟାସ କରାଯାଇଥାଏ। ଭାରତରେ ହୋମିଓପାଥି, ଆୟୁର୍ବେଦ ପରି ଲୋକପ୍ରିୟ ଚିକିତ୍ସା ଆୟୁଷ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି।




## ୨ ହଜାର ଟଙ୍କାରେ ୩୦ କୋଟିର ଘର



**ଲଣ୍ଡନ:** ବ୍ରିଟେନର ଜଣେ ମହିଳା କିଛିକ୍ଷଣ ମଧ୍ୟରେ ୩୦ କୋଟି ଟଙ୍କାର ଏକ ବିଶାଳ ଘରର ମାଲିକାଣୀ ହୋଇଗଲେ। ହେଲ୍‌ଥ ଡିପାର୍ଟମେଣ୍ଟର ରିପୋର୍ଟ ଅନୁସାରେ ୫୯ ବର୍ଷର କାଥେରାଇନ୍ କର୍ଣ୍ଣାଡାଇନ୍ ବ୍ରିଟେନର ପବ୍ଲିକ ହେଲ୍‌ଥ ସର୍ଭିସରୁ ରିଟାର୍ଡ ହେବା ପରଠାରୁ ଅନ୍ୟମାନଙ୍କ ଘରେ ପିଲାଙ୍କ ଦେଖାରଖା କରନ୍ତି। କାଥେରାଇନ୍ ତାଙ୍କ ସ୍ୱାମୀ କ୍ରିସ୍ ଏବଂ ୫ଜଣ ପିଲାଙ୍କ ସହ ରୁହନ୍ତି। ନିକଟରେ ସେ ଭାଲେଣ୍ଟାଇନ ଦିନ ଏକ ୨ ହଜାର ଟଙ୍କାର ଲଟେରି ଟିକେଟ କିଣିଥିଲେ। ତାଙ୍କର ଲଟେରି ଉଠିବ ବୋଲି ସେ କେବେ ଭାବି ନ ଥିଲେ। ୧ ଏପ୍ରିଲକୁ ସେ ଜାଣିଲେ କି ତାଙ୍କର ଲଟେରି ଲାଗିଛି। ଯେଉଁଥିରେ ସେ ୩ ମିଲିଅନ୍ ଡଲାର ଅର୍ଥାତ୍ ୩୦ କୋଟିର ଏକ ବିଶାଳ ଘର ଜିତିଥିଲେ।

# ହାଇଦ୍ରାବାଦର ପ୍ରଥମ ବିଜୟ

ମୁମ୍ବାଇ, ୯।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶନିବାର ଅନୁଷ୍ଠିତ ଡବଲ ହେଡର ପ୍ରଥମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୮ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସକୁ ହରାଇ ଦେଇଛି। ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୫୪ ରନ କରିଥିବାବେଳେ ହାଇଦ୍ରାବାଦ ୧୭.୪ ଓଭରରେ ୨ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ୩ ମ୍ୟାଚରୁ ସନ୍‌ରାଇଜର୍ସର ଏହାଥିଲା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଚେନ୍ନାଇ କ୍ରମାଗତ ୪ର୍ଥ ପରାଜୟ ବରଣ କରିଛି। ଆଇପିଏଲ୍‌ର କୌଣସି ସଂସ୍କରଣରେ କ୍ରମାଗତ ୪ ମ୍ୟାଚ ହାରିବା ଚେନ୍ନାଇ ପାଇଁ ଦ୍ୱିତୀୟ ଘଟଣା। ୨୦୧୦ରେ ଦଳ କ୍ରମାଗତ ୪ ମ୍ୟାଚ ଜିତି ଏପରି ସ୍ଥିତିରେ ରହିଥିଲା। ତେବେ ସେହି ସଂସ୍କରଣରେ ଚେନ୍ନାଇ ଚାମ୍ପିୟନ ହୋଇଥିଲା।

ବ୍ୟାଟିଂ ବିଫଳତା ଚେନ୍ନାଇ ପାଇଁ କ୍ରମାଗତ ଭାବେ ମହଙ୍ଗା ପଡ଼ିବାରେ ଲାଗିଛି। ଅଧିନାୟକ ଦାୟିତ୍ୱ ନେବା ପରେ ରବୀନ୍ଦ୍ର ଜାଡେଜା ଉଭୟ ବ୍ୟାଟ୍ ଓ ବଲ୍‌ରେ ସ୍ୱାଭାବିକ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହି ମ୍ୟାଚରେ କୌଣସି ଜଣେ ହେଲେ ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ମୋଇନ ଅଲୀ ୩୫ ବଲ୍‌ରୁ ସର୍ବାଧିକ ୪୮( ୩ ଚୌକା, ୨ ଛକା) ରନ କରିଥିବାବେଳେ ଅମ୍ବାତି ରାୟୁଡୁ ୨୭ ଓ ଜାଡେଜା ୧୫ ବଲ୍‌ରୁ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ହାଇଦ୍ରାବାଦ ବୋଲର ୱାଶିଂଟନ ସୁନ୍ଦର ଓ ଟି. ନଟରାଜନ ୨ଟି ଲେଖାଏ ଏବଂ ଭୁବନେଶ୍ୱର କୁମାର, ମାର୍କୋ ଜାନସେନ ଓ ଏଡେନ ମାରକ୍ରାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ କ୍ରମାଗତ ଦ୍ୱିତୀୟ ପରାଜୟ ପରେ ସନ୍‌ରାଇଜର୍ସ ଏଠାରେ ଉନ୍ନତ ପ୍ରଦର୍ଶନ ଦେବାରେ ସଫଳ ହୋଇଛି। ଓପନର ଅଭିଷେକ ଶର୍ମା ୫୦ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୭୫ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଅଧିନାୟକ କେନ୍ ୱିଲିୟମସନ ୩୨ ରନ କରିଥିବାବେଳେ ରାହୁଲ ତ୍ରିପାଠୀ ମାତ୍ର ୧୫ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୩୯ ରନରେ ଅପରାଜିତ ରହି ଦଳକୁ ୧୪ଟି ବଲ୍ ବାକିଥାଇ ବିଜୟୀ କରାଇଥିଲେ। ଚେନ୍ନାଇର ମୁକେଶ ଚୌଧାରୀ ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ଅଭିଷେକ ଶର୍ମା।

## ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୫୪/୩ (ମୋଇନ ଅଲୀ-୪୮, ଅମ୍ବାତି ରାୟୁଡୁ-୨୭, ରବୀନ୍ଦ୍ର ଜାଡେଜା-୨୩, ୱାଶିଂଟନ ସୁନ୍ଦର-୨/୨୧, ଟି. ନଟରାଜନ-୨/୩୦, ଭୁବନେଶ୍ୱର କୁମାର-୧/୩୬, ମାର୍କୋ ଜାନସେନ-୧/୩୦, ଏଡେନ ମାରକ୍ରାମ-୧/୮)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୭.୪ ଓଭରରେ ୧୫୫/୨ (ଅଭିଷେକ ଶର୍ମା-୭୫, କେନ୍ ୱିଲିୟମସନ-୩୨, ରାହୁଲ ତ୍ରିପାଠୀ-୩୯*, ମୁକେଶ ଚୌଧାରୀ-୧/୩୦, ଡ୍ୱେନ ବ୍ରାଭୋ-୧/୨୯)।

# କଳାହାଣ୍ଡି କପ୍ କ୍ରିକେଟ ଆରମ୍ଭ

ଭୁବନେଶ୍ୱର, ୯।୪ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଶନିବାର କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା, କଟକ-ଏ, ଭୁବନେଶ୍ୱର-ବି ଓ ଯାଜପୁର ବିଜୟୀ ହୋଇଥିବାବେଳେ ଭୁବନେଶ୍ୱର 'ଏ' ଓ କଟକ 'ବି' ମ୍ୟାଚ ଟାଇ ରହିଛି।

ରେଭେନ୍ସା ଗ୍ରାଉଣ୍ଡରେ ଇକୋର୍ସା ୧୮୩ ରନରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ସେହିପରି ସନ୍‌ସାଇନ୍ ପଡ଼ିଆରେ ଖୋର୍ଦ୍ଧା ୬ ଉଇକେଟରେ ସମ୍ବଲପୁର, ଖୋର୍ଦ୍ଧାରେ କଟକ-ଏ ୩୦୭ ରନରେ ଝାରସୁଗୁଡ଼ା, ସେଞ୍ଚୁରିଅନରେ ଭୁବନେଶ୍ୱର-ବି ୮ ଉଇକେଟରେ ରାଉରକେଲା ଓ ରେଭେନ୍ସା ଗ୍ରାଉଣ୍ଡ-୨ରେ ଯାଜପୁର ୮ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ଭୁବନେଶ୍ୱର 'ଏ' ଓ କଟକ 'ବି' ୨୫୭ ରନ ଲେଖାଏ କରିବାରୁ ମ୍ୟାଚ ଟାଇରେ ଶେଷ ହୋଇଛି। ଇକୋର୍ସା ୫୦ ଓଭରରେ ୭ ଉଇକେଟ ହରାଇ ୩୪୦ ରନ କରିଥିଲା। ଶତକ ହାସଲକାରୀ ଅଭିଷେକ ଯାଦବ ୧୦୮, ଗିରିଜା ରାଉତ ୮୭ ଓ ସୁଜିତ ଲେଙ୍କା ୬୭ ରନ ସ୍କୋର କରିଥିଲେ। ଜବାବରେ ସୁନ୍ଦରଗଡ଼ ୩୦.୫ ଓଭରରେ ୧୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସ୍ୱସ୍ତିକ ସାମଲ ସର୍ବାଧିକ ୬୪ ରନ କରିଥିଲେ। ସନ୍‌ସାଇନ୍ ପଡ଼ିଆରେ ସମ୍ବଲପୁର ୪୦.୪ ଓଭରରେ ୨୧୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଅମନ ବେହେରା ୭୨ ରନ କରିଥିଲେ। ଜବାବରେ ଖୋର୍ଦ୍ଧା ୩୫ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରି ନେଇଥିଲା। ଆର୍ଯ୍ୟଶ୍ରୀ ଭଞ୍ଜ ସର୍ବାଧିକ ୬୪ ରନ କରିଥିଲେ। ରେଲୱେ ପଡ଼ିଆରେ ଭୁବନେଶ୍ୱର 'ଏ' ୪୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନ କରିଥିଲା। ଏସ୍.କେ. ସଲମାନ ଦ୍ରୁତ ୭୩ ଓ ସନ୍ଦୀପ ପଟ୍ଟନାୟକ ୬୮ ରନ କରିଥିଲେ। କଟକ 'ବି' ୪୮.୪ ଓଭରରେ ୨୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏମ୍. ବିଶ୍ୱସ୍ୱାଗତ ୧୮୦ ରନର ବଡ଼ ଇନିଂସ ଖେଳିଥିଲେ ହେଁ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳ ବିଜୟୀ ହୋଇପାରି ନ ଥିଲା।

ଖୋର୍ଦ୍ଧା ଗ୍ରାଉଣ୍ଡରେ କଟକ-ଏ ୫୦ ଓଭରରେ ୪ ଉଇକେଟ ହରାଇ ୩୯୫ ରନ କରିଥିଲା। ଅଭିଷେକ ରାଉତ ୧୩୧ ଓ ବିପ୍ଳବ ସାମନ୍ତରାୟ ୧୨୭ ରନ ସ୍କୋର କରିଥିଲେ। ଜବାବରେ ଝାରସୁଗୁଡ଼ା ୨୯.୧ ଓଭରରେ ୮୮ ରନକରି ଅଲ୍‌ଆଉଟ ହୋଇଥିଲା। ସେଞ୍ଚୁରିଅନ ପଡ଼ିଆରେ ରାଉରକେଲା ୪୦.୪ ଓଭରରେ ୧୩୬ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଟୁକୁନା ସାହୁ ୭ ଉଇକେଟ ସଫଳତା ପାଇଥିଲେ। ଭୁବନେଶ୍ୱର 'ବି' ୩୦.୧ ଓଭରରେ ୧୩୭ ରନ କରିଥିଲା। ରୋହିତ ସାଗର ୮୧ ରନ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ମୟୂରଭଞ୍ଜ ୩୩.୫ ଓଭରରେ ୧୧୫ ରନରେ ଅଲ୍‌ଆଉଟ ହୋଇଥିଲା। ଯାଜପୁର ୧୮.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

# ରାଜ୍ୟ ର୍‌ୟାପିଡ, ବ୍ଲିଜ୍ ଚେସ୍

ଭୁବନେଶ୍ୱର, ୯।୪ (କ୍ରୀଡ଼ା ପ୍ରତିନିଧି)

କଟକ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ରବୀନ୍ଦ୍ର ନାଥ ସାହୁ ସ୍ମାରକୀ ରାଜ୍ୟ ର୍‌ୟାପିଡ ଓ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ୧୦ ଜିଲାରୁ ୧୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୬ ବାଳିକା ଖେଳାଳି ସାମିଲ ଅଛନ୍ତି। ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ଟପ୍‌ସିଡ୍ ଓ ରାକେଶ କୁମାର ଜେନା ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସମଲ, ତାପସ ମହାନ୍ତି ଓ ଫିଡେ ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ ପରିଚାଳନା କରୁଛନ୍ତି। କଟକ ମହାନଗର ନିଗମ ମେୟର ତଥା ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଟକ ଜିଲା ଚେସ୍ ସଂଘ ସଭାପତି ବିବେକ କୁମାର ତିବରୱାଲ, ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଦନଙ୍କୁ ଗୁରୁଦାୟିତ୍ୱ



ଭୁବନେଶ୍ୱର, ୯।୪ (କ୍ରୀଡ଼ା ପ୍ରତିନିଧି)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ସଂସ୍କରଣ ଚଳିତ ମାସ ୨୪ରୁ ମେ ୩ ପର୍ଯ୍ୟନ୍ତ କର୍ଣ୍ଣାଟକରେ ଅନୁଷ୍ଠିତ ହେବ। ଏହାର ଜୁଡୋ ପ୍ରତିଯୋଗିତା ଏପ୍ରିଲ ୨୭ରୁ ୩୦ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ଜୈନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜନ ହେବ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର କନ୍ଦନ ମୁର୍ମୁଙ୍କୁ ଟେକ୍ନିକାଲ ଅଫିସିଆଲର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ପୂର୍ବରୁ କନ୍ଦନ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଫିସିଆଲ ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରିଛନ୍ତି। ସମ୍ପ୍ରତି ସେ କିଟ୍ ଓ କିସ୍‌ରେ ଜୁଡୋ କୋଚ୍‌ଭାବେ କାର୍ଯ୍ୟରତ ଅଛନ୍ତି।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-99 OSIC GST No. 21AAACO2101M1Z1

**TENDER CALL NOTICE**

Ref. No.1645/OSIC/MKT Dt.08.04.2022

The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/ Manufacturers for Setting up of Modular Science Lab in Schools of Keonjhar District under 5T High School Transformation initiative of the Government of Odisha. The detailed schedules, terms and conditions of the tender document along with the components and detailed specification with quantity of requirement can be downloaded from **www.osicltd.in** . Any corrigendum / changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.

By order of MD
Sd/-Manager(Mktg)
OIPR-14073/11/0008/2223

WORKS DEPARTMENT
**OFFICE OF THE CHIEF CONSTRUCTION ENGINEER EASTERN CIRCLE (R&B), BALASORE**
e-mail:-seec_bls@rediffmail.com
Government of Odisha "e" Procurement Notice
Bid Identification No.CCEEC-01/2022-23
No.B-32 No:1618, Dt: 06.04.2022

Nature of work :- Road Work & Building Works
Number of works :- 01 (One) Road & 6 (Six) Buildings
Amount put to Tender :- Rs.100.06 Lakh to Rs. 409.35 Lakh
Class of Contractor :- "B" Class / "A" Class / "Special"
Date & Time of availability of bid document in the portal :- Dt. 13.04.2022 at 10:00 AM
Last Date / Time of receipt of bid in the portal :- Dt.28.04.2022 up to 05:00 PM
Date of opening of bid :- Dt.29.04.2022 at 11:00 A.M.
Name & address of the Officer inviting bid :- Chief Construction Engineer, Eastern Circle (R&B),Balasore

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum 'will be available on ONLINE mode only.

Sd./- R. Rout
Chief Construction Engineer
Eastern Circle (R&B), Balasore
OIPR-34026/11/0002/2223

OFFICE OF THE
**DEPUTY DIRECTOR OF TEXTILES, BARGARH**
Tel. No.06646-233161, email- ddtbargarh@gmail.com
**QUOTATION CALL NOTICE FOR HIRING OF VEHICLE**

No. PP-02: Sealed quotations are invited from interested reputed Travel Agencies/Tour operators or Private individuals for providing one No. of Tiago/Bolt/Celerio (17 Kmpl.) petrol driven vehicle including Driver which shall conform to the terms and condition of Govt. for official use in the Deputy Director of Textiles, Bargarh office on monthly rent basis. The application form with Terms & Conditions for hiring of Vehicle will be available in the office of the undersigned and in the website **bargarh.nic.in, www.sadhacodisha.org & www.sambalpuribastralaya.com**. All quotation in sealed cover should reach the undersigned on or before 29.04.2022 by 2 P.M through Regd. Post/ Speed Post which will be opened on dt.29.04.2022 in the office of the undersigned at 4 P.M
The undersigned reserves all rights either to accept or to reject the quotation without assignment any reason whatever.

Sd./- S.K. Nag
Deputy Director of Textiles, Bargarh
OIPR-31032/11/0001/2223

**OFFICE OF THE CHIEF DISTRICT VETERINARY OFFICER, KALAHANDI**
Phone:06670-230502,
Email:cdvokalahandi@gmail.com
EOI No.980/CDVO, KLD/Date:30.3.2022

**No.M-02:**The CDVO, Kalahandi invites sealed Expression Of Interest (EOI) from interested NGOs to facilitate "Animal Help Line (AHL) and Veterinary Ambulance service" and also from interested Service Providers for engagement of a "Contractual Driver" in "Veterinary Ambulance Services" in Bhawanipatna Municipality. (For details refer- https://kalahandi.nic.in)

Sd./-
Chief District Veterinary Officer, Kalahandi
OIPR-06070/11/0001/2223

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମାରକୀ ସଂଗ୍ରହାଳୟ ପାଇଁ ତାଙ୍କ ସମ୍ପର୍କିତ ବ୍ୟବହୃତ ସାମଗ୍ରୀ ଗୁଡିକର ସଂଗ୍ରହ ସମ୍ପର୍କରେ**

**No.RR-1:**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ଜିଲ୍ଲାର ସୁଆଣ୍ଡୋ ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ଏକ ସ୍ମାରକୀ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇ ସ୍ମାରକୀ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଅଛି । ଉକ୍ତ ସଂଗ୍ରହାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପର୍କିତ ବ୍ୟବହୃତ ସାମଗ୍ରୀଗୁଡିକୁ ସଂଗ୍ରହ କରାଯାଇ ସର୍ବସାଧାରଣଙ୍କ ଦେଖିବା ନିମନ୍ତେ ପ୍ରଦର୍ଶନ କରାଯିବ । ଏହି ପରିପ୍ରେକ୍ଷୀରେ ସରକାରୀ କିମ୍ବା ବେସରକାରୀ ସ୍ତରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପର୍କିତ କିଛି ବ୍ୟବହୃତ ସାମଗ୍ରୀ ଉପଲବ୍ଧ ଥାଏ ତେବେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କୁ ଯଥାଶୀଘ୍ର ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଯାଉଅଛି ।

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର
ଭୁବନେଶ୍ୱର-୭୫୧୦୧୪
OIPR-03001/11/0001/2223

GOVT. OF ODISHA
DEPARTMENT OF WATER RESOURCES
**O/o. THE SUPERINTENDING ENGINEER PRACHI DIVISION, BHUBANESWAR - 12**
E-mail: prachi.division@yahoo.co in, Phone : 0674-2562427, Fax : 0674-2562472
No.1589, Dt.07.04.2022
**e- PROCUREMENT NOTICE No.SEPRD- 02/2022-23**

**No.A-26:**Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in. complete online process only.

| | | |
|---|---|---|
| 01 | Nature of work | Canal works, embankment works & structure works/ fire safety works |
| 02 | No.of Works | 21 Nos. |
| 03 | Bid Identification No. | SEPRD-02/2022-23 |
| 04 | Estimated Cost | 5.00 Lakhs to 70.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of Tender Paper | Referred to DTCN |
| 07 | Period of Completion | Referred to DTCN |
| 08 | Date & time of availability of bid document in the portal | From 11.04.2022 (11.00 A.M.) to 18.04.2022 (5.00 P.M.) |
| 09 | Date and time of Opening of Tender documents & online bid | 19.04.2022 at 11.00 A.M. |
| 10 | Date of Lottery (In case of situation | 25.04.2022 at 11.00 A.M. |
| 11 | Name and Address of the Officer inviting Bid | Superintending Engineer, Prachi Division, Bhubaneswar-12, E-mail:prachi.division@yahoo.co.in. Phone:0674- 2562427, Fax:0674-2562472 |

Further details can be seen from the State Govt. Portal **www.tendersorissa.gov.in.**
Sd./- Superintending Engineer, Prachi Division, Bhubaneswar
OIPR-32096/11/0001/2223

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At: Ichhapur, Post: Shree Baladevjew, Email: eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No. RWS/04/2022-23
Letter No. 2851/Dated 07.04.2022
No. O-36:-

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites lump sum bid in **DOUBLE** cover system in **ONLINE MODE** from eligible contractors for Rural Piped Water Supply Schemes in Kendrapara District. | | |
| 2 | Name of the work | : | Execution of 40 LPCD Retrofitting RPWS Scheme to **Chandol** under Derabish Block on Clubbed up mode in Kendrapara District. |
| 3 | No. of Work | : | **01 (One) No. on Clubbed Up Mode** |
| 4 | Value of the Work | : | **₹ 494.48 Lakhs** |
| 5 | Concerned tender inviting authority | : | **Executive Engineer, RWS&S Division, Kendrapara** |
| 6 | Security amount (Rs.) (Online) | : | **Nil** |
| 7 | Cost of Bid documents (Rs.) (Online) | : | **₹ 10000/-** |
| 8 | Class of Bidder | : | **"A" and "Special" Class** |
| 9 | Period of Completion | : | **360 days** |
| 10 | Availability of bid documents in the website | : | From date **22.04.2022 at 10.00 A.M. to date 11.05.2022 till 5.30 P.M.** |
| 11 | Last Date & Time of seeking tender clarification | : | Upto **25.04.2022 till 5.30 P.M.** |
| 12 | Date of Opening of Bid | : | On date **12.05.2022 at 11.00 A.M.** |

The bidders have to participate in the tender through **ONLINE** bidding only. Further details can be had from the website i.e. http://tendersorissa.gov.in.
Subsequent corrigendum/addendum if required shall only be appeared in the above website.

**Sd./- (Er. B.K. Nayak), Executive Engineer, RWS&S Division, Kendrapara**
OIPR-25004/11/0004/2223

**ଉଦ୍ୟାନ ବିଭାଗ, ସୋନପୁର ଅଧୀନସ୍ଥ ଉଦ୍ୟାନ କୃଷି ଫାର୍ମ ଆମ୍ବ ଫଳ ପାଇଁ ନିଲାମ ଇସ୍ତାହାର**

No. L-12: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସୋନପୁର ଉଦ୍ୟାନ କୃଷି ଫାର୍ମ – ୨୦୨୧-୨୨ ବର୍ଷ ପାଇଁ ଆମ୍ବ ଫଳର ନିଲାମ ଦେବାପାଇଁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି। ଉକ୍ତ ଟେଣ୍ଡର ପେପରଗୁଡ଼ିକ ରେଜେଷ୍ଟ୍ରି ଡାକ କିମ୍ବା କୋରିଅର ସେବା ମାଧ୍ୟମରେ ସୂଚିତଥିବା ସ୍ତମ୍ଭ ନମ୍ବର ୫ରେ ସୂଚିତ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଗ୍ରହଣ କରାଯିବ। କୌଣସି ପରିସ୍ଥିତିରେ ସିଧା ସଳଖ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

| କ୍ରମିକ ନମ୍ବର | ଫାର୍ମର ନାମ ଏବଂ ଅଫିସର ନାମ | ବଉଳ ଆସିଥିବା ଆମ୍ବ ଗଛ ସଂଖ୍ୟା | ଅମାନତ ଜମା ରାଶି | ଟେଣ୍ଡର ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଏବଂ ସମୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସୋନପୁର ଉଦ୍ୟାନ କୃଷି ଫାର୍ମ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର | ୩୧ | ଟ.୫୦୦୦/- | ତା୧୯।୦୪।୨୦୨୨, ସମୟ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ | ତା୨୦।୦୪।୨୦୨୨, ସମୟ ଦିବା ୧୧.୦୦ ଘଟିକା |

ଜଉମୁଦ ଦିଆ ଟେଣ୍ଡର ପେପର ସହିତ ଅମାନତ ଜମାରାଶି ସୋନପୁର ଉଦ୍ୟାନ କୃଷି ଫାର୍ମ ପାଇଁ ଟ.୫୦୦୦/- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ ସପକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ନିୟମାବଳୀ ଏବଂ ସର୍ତ୍ତ ଥିବା ଆବଶ୍ୟକ ଫର୍ମ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଟ.୧୦୦/- ଦେଲେ ଉପଲବ୍ଧ ହେବ। ଟେଣ୍ଡର ଜମାକାରୀମାନେ ଅଫିସ୍ ସମୟରେ ସକାଳ ୮.୦୦ଘ.ଠାରୁ ଘ.୧.୦୦ ମଧ୍ୟରେ ଫାର୍ମ ଇନ୍‌ଚାର୍ଜଙ୍କ ଅନୁମତି ନେଇ ବୁଲି ଦେଖିପାରିବେ। କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଦରଖାସ୍ତ ନାକଚ କରିପାରିବେ।

**ବି.ଦ୍ର.:** ସୋନପୁର ଉଦ୍ୟାନ ବିଭାଗ ଫାର୍ମ ପାଇଁ ସୂଚିତ ତାରିଖ ଏବଂ ସମୟ ଅନୁଯାୟୀ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଆମ୍ବ ଫଳର ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ।

ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର
OIPR-01383/11/0001/2223

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
At: Ambapua,Po:Engineering School,Near Income Tax Office,Berhampur-760011
(E-mail:serwbpr2004@yahoo.com, Tel/Fax:0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/01-2022-23/BPR**
**No.O-39: & Bid Identification No. Online Tender /02-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 01-2022-23/BPR | Bridge Works (BSY) | 01 No. | Rs.431.68 Lakhs | "A" Class & "Special" Class as applicable | 18 (Eighteen) Calendar Month as provided |
| Online Tender/ 02-2022-23/BPR | Building Works | 01 No. | Rs.347.38 Lakhs | "A" Class & "Special" Class as applicable | 11 (Eleven) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/01-2022-23/BPR | 13.04.2022 at 10.00 A.M. | 27.04.2022 upto 3.00 P.M. |
| | Online Tender/02-2022-23/BPR | | |

(i) No EMD is required as per O.M.No. 8484 Dt. 05.04.2022 of Finance Department, Govt of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website; - **www.tendersodisha.gov.in**

Sd./- P.K.Jena
Chief Construction Engineer, R.W.Circle, Berhampur
OIPR-25071/11/0002/2223

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
No.CAD-113: **E-PROCUREMENT NOTICE**
**Bid document No.: OMC/e-Proc/CMC/67/2022dated 08.04.2022**

| # | Parameter | Name |
|---|---|---|
| 1 | Name of Work | Selection of Agency for Supply and Implementation of Command-and-Control Center with Annual Support for 5 (five) years at Daitari(through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 12.04.2022; Time: 5:00 PM |
| 3 | Pre-bid meeting | Date: 21.04.2022; Time: 3.30 PM; |
| 4 | Bid Due Date | Date: 11.05.2022; Time: 5:00 PM |
| 5 | Opening of Techno-Commercial Bid | Date: 11.05.2022; Time: 5:30 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

Head (C&P)
OIPR-30005/11/0008/2223

**OFFICE OF THE SUPERINTENDING ENGINEER NABARANGAPUR IRRIGATION DIVISION**
At- CHAMURIAGUDA, NABARANGAPUR, ODISHA
PIN-764059, Email Id:eenid2016@gmail.com
**QUOTATION CALL NOTICE NO.SE,NID-01/2022-23(01-03), Dt.07.04.2022**
**FOR HIRING OF VEHICLES**
**No.A-29:**
1 .Name of work: Hiring of vehicles. 2. Total nos of works: 3 (Three) Nos. 3. Bid Security: Rs 5.000/- (Rupees five thousand) only for each work. 4. Other details as follows:

| Procurement Officer | Quotation Identification No. | Availability of Quotations | Submission of Quotations | Date of Opening of Quotations |
|---|---|---|---|---|
| SE, Nabarangpur Irrigation Division, Nabarangpur | SE, NID-01/2022-23 (01-03) | 11.04.2022 to 20.04.2022 upto 1.00 P.M. | 11.04.2022 to 20.04.2022 upto 3.00 P.M. | 20.04.2022 at 04.00 P.M. |

Sealed quotations/tenders are invited from interested reputed Travel Agencies/Tour Operators or private individuals for 1. Providing 1 (One) no of AC Diesel driven vehicle having sitting capacity not more than ten including driver for official use of the Superintending Engineer, Nabarangapur Irrigation Division, Nabarangapur ,2. Providing 01 (One) no of A.C. Diesel driven vehicle having sitting capacity not more than ten including driver for official use of the Sub-Divisional Officer, Nabarangapur Irrigation Sub-Division No.I , Nabarangpur, 3.Providing 01 (One) no of A.C. Diesel driven vehicle having sitting capacity not more than ten including driver for official use of the Sub-Divisional Officer, Flood Sub-Division, Nabarangpur which shall conform to the Terms and conditions (Annexure-II) for official use in the office of Superintending Engineer , Nabarangapur Irrigation Division, Nabarangapur on monthly rent basis: The application form of quotation / tender containing General Bid Information &Terms and conditions for Hiring of Vehicles etc. will be available in the O/O the Superintending Engineer, Nabarangapur Irrigation Division, Nabarangapur on payment of Rs 100/- only for each individual work from 11.04.2022 to 20.04.2022 up to 1.00 PM or can be downloaded from DoWR website www.dowrorissa.gov.in. In case the application form is downloaded from Govt. website the applicant shall furnish a demand draft for an amount of Rs 100/- (Rupees one hundred only) towards cost of application. The demand draft issued from any National Bank payable at S.B.I, A.D.B, Jaipatna in favour of "Financial Adviser & Chief Accounts Officer, Upper Indravati Project, Mukhiguda, Dist-Kalahandi along with application. The quotations will be opened on 20.04.2022 at 4.00 PM in presence of bidders or their authorized representatives. The bidders can furnish offer for one or more vehicles, but separate application form for individual vehicle should be furnished.The Authority reserves the right to reject any or all quotations without assigning any reason thereof.

**Sd./- S.E. NID, Nabarangpur**
OIPR-32361/11/0001/2223

# ସ୍କୁଲ ଛାଡ଼ିଛନ୍ତି ୨୫୮୬ ପିଲା

■ସୁବର୍ଣ୍ଣପୁର ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର
■ଫେରାଇ ଆଣିବାକୁ ଚାଲିଛି ପ୍ରୟାସ : ଡିଇଓ

**ସୋନପୁର,୯।୪**

ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ମୋ ସ୍କୁଲ, ସ୍ମାର୍ଟ ସ୍କୁଲ ଆଦି ଅନେକ ପ୍ରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ ତୃଣମୂଳସ୍ତରରେ ଏହାର ଭିନ୍ନ ଚିତ୍ର ପଦାକୁ ଆସୁଛି। ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ସୁବର୍ଣ୍ଣପୁର ଭଳି ଏକ ଛୋଟ ଜିଲାରେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଶହେ କି ଦୁଇଶହ ନୁହେଁ, ଜିଲାରେ ପ୍ରାୟ ୨,୫୮୬ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡ଼ିଛନ୍ତି। ଶିକ୍ଷକଙ୍କ ଦ୍ୱାରା ଘର ଘର ବୁଲି ହୋଇଥିବା ସର୍ବେକ୍ଷଣରୁ ଏହି ତଥ୍ୟ ମିଳିଛି। କରୋନା ମହାମାରୀ ପ୍ରଭାବରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ କମ୍ ଉପସ୍ଥାନ ଦର୍ଶାଇ ରାଜ୍ୟ ସରକାର ପ୍ରତି ବର୍ଷ ଶତାଧିକ ବିଦ୍ୟାଳୟ ବନ୍ଦ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି।

୨୦୨୧ ଶିକ୍ଷାବର୍ଷରେ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ଘରକୁ ଘର ବୁଲି ସର୍ବେକ୍ଷଣ(ହାଉସ୍ ହୋଲ୍ଡ ସର୍ଭେ-୨୦୨୧) ଅଭିଯାନ ହାତକୁ ନିଆଯାଇଥିଲା। ଏହି ଅଭିଯାନ କ୍ରମରେ କେଉଁ ଘରେ କେତେ ଶିଶୁ ଅଛନ୍ତି ଏବଂ ସେମାନଙ୍କ ଶିକ୍ଷା ଆହରଣ ସ୍ଥିତି କ'ଣ ରହିଛି, ତାହା ଉପରେ ସର୍ବେକ୍ଷଣ କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ସୁବର୍ଣ୍ଣପୁର ଜିଲାରେ ମୋଟ୍ ୨୫୮୬ ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ(ଆଉଟ୍ ଅଫ୍ ସ୍କୁଲ) ରହିଛନ୍ତି। ବୟସ ଅନୁଯାୟୀ ଏହି ତଥ୍ୟ ପ୍ରକାଶ ପାଇଛି। ଜିଲାରେ ମୋଟ୍ ୭୩୭ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ସର୍ଭେ ଅନୁଯାୟୀ, ୬ ବର୍ଷ ବୟସରୁ ୧୪ ବର୍ଷ ବୟସ ଭିତରେ ୬୬ ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ ରହିଛନ୍ତି। ସେହିପରି ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ ସର୍ବାଧିକ ୨୫୨୦ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡ଼ିଛନ୍ତି। ଏହି ପରିସଂଖ୍ୟାନରୁ ବିଭାଗ ଜାଣିବାକୁ ପାଇଛି ଯେ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଅପେକ୍ଷା ଯୁକ୍ତ ଦୁଇ ଶ୍ରେଣୀରେ ଅଧିକ ପିଲା ବିଦ୍ୟାଳୟ ଛାଡୁଛନ୍ତି। ଦଶମ ପରେ ଅଧିକାଂଶ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ମୁଖ୍ୟତଃ ଆର୍ଥିକ ଦୁରବସ୍ଥା ଯୋଗୁ ସେମାନେ ଶୀଘ୍ର ପାଠପଢ଼ା ଛାଡ଼ି ରୋଜଗାର ପାଇଁ ବାହାରକୁ ଯାଉଥିବା ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ରୂପାନ୍ତରୀକରଣ, ମଧ୍ୟାହ୍ନଭୋଜନ ଏବଂ ମାଗଣାରେ ଅନେକ ପ୍ରକାର ସୁବିଧା ଦିଆଯାଉଥିଲେ ମଧ୍ୟ ଡ୍ରପ୍‌ଆଉଟ୍ ପିଲାଙ୍କୁ ବିଦ୍ୟାଳୟକୁ ପୁଣିଥରେ ଫେରାଇ ଆଣିବାରେ ବିଶେଷ ସଫଳତା ମିଳୁନାହିଁ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, କରୋନା ସମୟରେ ବିଦ୍ୟାଳୟଗୁଡ଼ିକ ବନ୍ଦ ଥିଲା। କରୋନା ସଂକ୍ରମଣ ହ୍ରାସ ପରେ ପର୍ଯ୍ୟାୟକ୍ରମେ ବିଦ୍ୟାଳୟ ଖୋଲିଛି। ଆକଳନ ପରୀକ୍ଷା ମଧ୍ୟ ହୋଇଛି। ଅପରପକ୍ଷେ ବିଦ୍ୟାଳୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କୁ ବୟସ ଅନୁଯାୟୀ ସିଧାସଳଖ ବିଦ୍ୟାଳୟ ମୁଖ୍ୟସ୍ରୋତରେ ସାମିଲ କରାଯାଉଛି।

ଏ ନେଇ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ପଚାରିବାରୁ ଅନେକ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ତାଲିମ କେନ୍ଦ୍ର, ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ପଢ଼ିବା ପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ ହୋଇଛି। ସେହିପରି ଶୈକ୍ଷିକ କ୍ଷତିକୁ ବିଚାରକୁ ନେଇ ପ୍ରଭାବିତ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱତନ୍ତ୍ର ପାଠ୍ୟଦାନ କାର୍ଯ୍ୟକ୍ରମ ଚାଲୁ ରଖିବା ନିମନ୍ତେ ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ 'ଆସ ଆମେ ସ୍କୁଲ ଯିବା' ନାମରେ ଜିଲାରେ ୬ଟି ଶିକ୍ଷା ସଚେତନତା ରଥ ପ୍ରତି ଗ୍ରାମ ପରିକ୍ରମା କରୁଛି। ତୃତୀୟରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୁନଃ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ରହିଥିବା ଜିଲା ଶିକ୍ଷା ଅଧିକାରୀ ଭୋଇ କହିଛନ୍ତି।

## ସଂକ୍ଷେପରେ

### ୪୦ ଡିଗ୍ରୀ ଉପରେ ୭ ସହର

#### ୫ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୪(ବ୍ୟୁରୋ)-ଉପକୂଳରେ ମେଘୁଆ ପାଗ ରହୁଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୧.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୧, ବଲାଙ୍ଗୀର ୪୧.୫, ସମ୍ବଲପୁର ୪୦.୨, ତାଳଚେର ୪୦.୪, ଟିଟିଲାଗଡ଼ ୪୧, ଅନୁଗୋଳ ୪୦.୭, ସୋନପୁରରେ ୪୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୮ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ । ଏଥିସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୪ ତାରିଖରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଆହୁରି ବଢ଼ିବା ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି।

### ଛାତ୍ରୀଙ୍କୁ ଶିକ୍ଷୟିତ୍ରୀଙ୍କ ମାଡ଼ ଅଭିଯୋଗ

ଚଣ୍ଡିଖୋଲ/ଛତିଆ,୯।୪(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସରକାରୀ ବିଦ୍ୟାଳୟରେ ଶନିବାର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଧାନଶିକ୍ଷକ ଓ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ କରିଛନ୍ତି। ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଠ ପଢ଼ା ଯାଉଥିବା ବେଳେ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ନିର୍ଘୃମ ପିଟିଥିଲେ। ଏଥିସହିତ ବିଧା ଗୋଇଠା ଆଦି ମାରିବା ଦ୍ୱାରା ଛାତ୍ରୀ ଜଣକ ଗୁରୁତର ହୋଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଛାତ୍ରୀଙ୍କ ବାପା ଝିଅକୁ ଛତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଇ ଘରକୁ ନେଇଥିଲେ। ପରେ ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏ ସମ୍ପର୍କରେ ବୈରୀ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପ୍ରଧାନଶିକ୍ଷକ ପର୍ଶୁକାନ୍ତ ଜେନା ଓ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅମୀୟ ଦାଶ ଛାତ୍ରୀଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି ତରଫରୁ ଘଟଣାର ଆପୋସ ସମାଧାନ ପାଇଁ ଚେଷ୍ଟା ଜାରି ରହିଥିବା ଜଣାପଡ଼ିଛି।

### କେନ୍ଦୁଝରରେ ହୋଇଥିଲା ବାଘ ଶିକାର

#### ବନ ବିଭାଗ ଜାଣି ପାରିଲା ନାହିଁ

କେନ୍ଦୁଝର,୯।୪(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବନ ବିଭାଗ ପକ୍ଷରୁ ବାଘଛାଲ ଜବତ ଘଟଣାର ଲିଙ୍କ୍ କେନ୍ଦୁଝର ଜିଲା ପର୍ଯ୍ୟନ୍ତ ଲମ୍ବିଛି। ଏହି ଘଟଣାରେ କେନ୍ଦୁଝର ଜିଲାର ୩ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମିଳିଥିବା କଲରାପତରିଆ ବାଘ ଚମଡ଼ା କେନ୍ଦୁଝରରୁ ଜବତ ହୋଇଛି। ଏହି ବାଘଟି ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅଧୀନ ଗୋନାସିକା ଅଞ୍ଚଳରୁ ଶିକାର ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ଫାସରେ ଲାଗି ବାଘଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବନ ବିଭାଗ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ତେବେ ସ୍ଥାନୀୟ ବନ କର୍ମଚାରୀ ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ବାଘ ଶିକାର ସମ୍ପର୍କରେ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତିକୁ ନେଇ ଖୋଳତାଳ ଆରମ୍ଭ ହୋଇଥିଲେ ହେଁ ଏଥିପାଇଁ ଦାୟିତ୍ୱରେ ଥିବା ବନ ବିଭାଗ କର୍ମଚାରୀଙ୍କୁ ଦାୟୀ କରା ନ ଯିବା ସମସ୍ତଙ୍କୁ ଚକିତ କରିଛି। ଏଠାରେ ସୂଚନାଯୋଗ୍ୟ, ଜିଲାରେ ପୂର୍ବରୁ ମଧ୍ୟ ହାତୀ ଓ ବାର୍‌ହା ଶିକାର ଭଳି ଘଟଣା ଘଟିବା ନଜିର ରହିଛି। ହାତୀ ଦାନ୍ତ ମଧ୍ୟ ଜବତ ହୋଇଥିଲେ ହେଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଡିଏଫ୍‌ଓ ଧନରାଜ ଏଚ୍.ଡିଙ୍କୁ ପଚାରିବାରୁ ତଦନ୍ତ ପରେ ସବୁ ଘଟଣା ଜଣା ପଡ଼ିବ ବୋଲି କହିଛନ୍ତି।

## ପାଚିକାଙ୍କୁ ହତ୍ୟା ମାମଲା: ଦୋଷୀଙ୍କୁ ଆଜୀବନ ଜେଲ

**ପାରଳାଖେମୁଣ୍ଡି, ୯।୪(ଡି.ଏନ୍.ଏ.)**

ଗଜପତି ଜିଲା ଦୌରାଜଜ୍ ସତ୍ୟପୀର ମିଶ୍ର ଏକ ହତ୍ୟା ମାମଲାର ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣକ ହେଲେ ବିପ୍ର ମଲ୍ଲିକ। ୨୬ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ରାୟ ଶୁଣାଇଛନ୍ତି। ମୋହନା ଥାନା ଅନ୍ତର୍ଗତ କେହେଲିଗୁଡା ଗାଁ ସ୍କୁଲର ପାଚିକା ଜୟନ୍ତୀ ମଲ୍ଲିକଙ୍କୁ ତାଙ୍କ ପଡ଼ୋଶୀ ବିପ୍ର ୨୦୧୭ ସେପ୍ଟେମ୍ବର ୧୧ରେ ସ୍କୁଲରେ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଜୟନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଜୟନ୍ତୀଙ୍କ ଭାଇ ବାଡି ମଲ୍ଲିକ ଏ ସମ୍ପର୍କରେ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୩୭/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତ ବିପ୍ରଙ୍କୁ କୋର୍ଟ ଚାଲାଣ କରିଥିଲା।



ଇଣ୍ଡୋ-ରୁଷ ବନ୍ଧୁତ୍ୱ ଅନ୍ତର୍ଜାତୀୟ ଅନୁଷ୍ଠାନ ପକ୍ଷରୁ ରୁଷିଆ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଆହ୍ୱାନ ଦେଇ ପୁରୀ ବେଳାଭୂମିରେ ଶନିବାର ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ପ୍ରଧାନ ଶିକ୍ଷକ ଗିରଫ

**ବାଲିପାଟଣା,୯।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକ୍ତ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଶନିବାର ବାଲିପାଟଣା ଥାନା ପୋଲିସ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଜଣଙ୍କ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ମଲ୍ଲିକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ଶିକ୍ଷୟିତ୍ରୀ ଜଣଙ୍କ ସ୍ଥାନୀୟ ନେତୃବୃନ୍ଦ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ଜଣାଇଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ପ୍ରଧାନଶିକ୍ଷକ ମଲ୍ଲିକ ବିଦ୍ୟାଳୟକୁ ଆସିବା ପରେ ତାଙ୍କୁ ଗ୍ରାମବାସୀ ଅଟକ ରଖି ବାଲିପାଟଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏନେଇ ସହକାରୀ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୩/୨୨)ରୁଜୁକରି ମଲ୍ଲିକଙ୍କୁ ଗିରଫ କରିଛି।

## ଗର୍ଭବତୀଙ୍କୁ ଆକ୍ରମଣ ଅଭିଯୋଗ

**ବଲଙ୍ଗା, ୯।୪(ଡି.ଏନ୍.ଏ.):** ବଲଙ୍ଗା ଥାନା ବକୁ ଗ୍ରାମରେ ଜଣେ ଗର୍ଭବତୀଙ୍କୁ ଅସଦାଚରଣ ସହ ଆକ୍ରମଣ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବକୁ ଗ୍ରାମର ଜଣେ ଗର୍ଭବତୀ ମହିଳା ଶୁକ୍ରବାର ଅପରାହ୍ନରେ ନିଜ ୨ ବର୍ଷର ଝିଅକୁ ଧରି ଘରକୁ ଯାଉଥିଲେ। ଏହି ସମୟରେ ଉକ୍ତ ଗ୍ରାମର ୩ଜଣ ବ୍ୟକ୍ତି ମହିଳାଙ୍କୁ ଅଟକାଇ କୌଣସି କଥାକୁ ନେଇ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ତାଙ୍କ ପାଖରୁ ଶିଶୁକନ୍ୟାକୁ ନେଇ ତଳେ ପକାଇ ଦେଇଥିଲେ। ମହିଳା ଜଣକ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ଅସଦାଚରଣ କରିବା ସହିତ ମାଡ଼ ମାରିଥିଲେ। ଏ ବିଷୟରେ ମହିଳା ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ମଧ୍ୟସ୍ଥତା କେନ୍ଦ୍ରରେ ତପସ୍ୱିନୀ-ସୁମିତ୍

### ପାରିବାରିକ ବିବାଦ ମାମଲା

**କଟକ ଅଫିସ,୯।୪**

ତପସ୍ୱିନୀ-ସୁମିତ୍ ପାରିବାରିକ ବିବାଦ ମାମଲାରେ ଶନିବାର ଉଭୟ ହାଇକୋର୍ଟଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ଏଠାରେ ଉଭୟଙ୍କ ମଧ୍ୟରେ ଆପୋସ ମିଳାମିଶା ମାଧ୍ୟମରେ ବୁଝାମଣା କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ଏହି ପ୍ରକ୍ରିୟା ଅଧା ରହିଥିବାରୁ ଆସନ୍ତା ୧୧ ତାରିଖରେ ସେମାନେ ପୁଣି ଥରେ ହାଜର ହୋଇ ନିଜର ପକ୍ଷ ରଖିବେ ବୋଲି ଜଣାପଡିଛି। ଗତ ମାର୍ଚ୍ଚ ୩୧ରେ ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ ଉଭୟଙ୍କୁ ଆଦେଶ ଦେଇଥିଲେ। ଅପରପକ୍ଷେ ତପସ୍ୱିନୀଙ୍କ ପାଇଁ ଯେଉଁ ଘରଭଡା ନିଆଯାଇଛି ଉକ୍ତ ଘରର ଏକ ଭିଡିଓ ରେକର୍ଡିଂ ପାଇଁ ଉଭୟ ତପସ୍ୱିନୀ ଓ ସୁମିତ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସୁମିତ ସରକାରୀ କ୍ୱାର୍ଟର୍ସ ନେଇଛନ୍ତି କି ନାହିଁ ସେ ସମ୍ପର୍କରେ ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ତପସ୍ୱିନୀଙ୍କ ଭରଣପୋଷଣ ରାଶି ୧୭ ହଜାରରୁ ୧୦ ହଜାରକୁ କମାଇ ଦେଇଥିଲେ। ଏଥିସହିତ ୧ ମାସ ମଧ୍ୟରେ ସୁମିତ୍ ତପସ୍ୱିନୀଙ୍କ ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ କହିଥିଲେ। ବ୍ରହ୍ମପୁର ଜିଲା ଦୌରାଜଜ ଗତ ଜାନୁୟାରୀ ୪ରେ ତପସ୍ୱିନୀଙ୍କୁ ମାସିକ ୧୭ ହଜାର ଟଙ୍କାର ଭରଣପୋଷଣ ସହ ଗୋଟିଏ ଘରେ ରହିବାକୁ ସୁମିତ୍‌ଙ୍କୁ ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଉକ୍ତ ଆଦେଶ ବିରୋଧରେ ସେ ହାଇକୋର୍ଟରେ ଆବେଦନ କରିଥିଲେ। ସୁମିତ୍‌ଙ୍କ ପକ୍ଷରୁ ରୁଜୁ ମାମଲାରେ କୁହାଯାଇଥିଲା ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ ପ୍ରସଙ୍ଗରେ ବ୍ରହ୍ମପୁର ଜିଲା ଦୌରାଜଜ୍ ଗୋଟିଏ ଘରେ ରହିବାକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ଏହାକୁ ନେଇ ପୁଣି ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେବ। ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସୁମିତ୍ ହାଇକୋର୍ଟରେ ତାଙ୍କ ପ୍ରାର୍ଥନାରେ ଦର୍ଶାଇଥିଲେ। ଏ ସମ୍ପର୍କରେ ତପସ୍ୱିନୀ କହିଛନ୍ତି, ମଧ୍ୟସ୍ଥତା କେନ୍ଦ୍ରରେ ଯେଉଁ ଆଲୋଚନା ହୋଇଥିଲା, ତାହା ସକାରାତ୍ମକ ହୋଇଛି।

## ମଧ୍ୟସ୍ଥତା ଜରିଆରେ ମାମଲାର ତ୍ୱରିତ ସମାଧାନକୁ ଗୁରୁତ୍ୱ

### ମଧ୍ୟସ୍ଥତା ପ୍ରଶିକ୍ଷଣ କର୍ମଶାଳା

**କଟକ ଅଫିସ, ୯।୪**

ଓଡ଼ିଶା ଜୁଡିସିଆଲ ଏକାଡେମୀର ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ମଧ୍ୟସ୍ଥତା ଜରିଆରେ ମାମଲାର ତ୍ୱରିତ ସମାଧାନ ସମ୍ପର୍କିତ ୪୦ ଘଣ୍ଟିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଛି। ସୁପ୍ରିମକୋର୍ଟ ବିଚାରପତି ବିନୀତ ଶରଣ ଉଦ୍‌ଘାଟନ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉପସ୍ଥିତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଚାରପତି ବିଭୁ ପ୍ରସାଦ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ହାଇକୋର୍ଟ ବିଚାରପତି ତଥା ମଧ୍ୟସ୍ଥତା କେନ୍ଦ୍ରର ସଦସ୍ୟ ସଚିବ ଚିତ୍ତରଞ୍ଜନ ଦାସ ପ୍ରଶିକ୍ଷଣ ଶିବିର ଓ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ବିଚାରପତି ସାବିତ୍ରୀ ରଥ ଯୋଗଦେଇ ମଧ୍ୟସ୍ଥତା ଜରିଆରେ ମାମଲାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳା ୯, ୧୦, ୧୧, ୧୬ ଓ ୧୭ ତାରିଖ ପର୍ଯ୍ୟନ୍ତ ଦିନକୁ ୮ ଘଣ୍ଟା ଧରି ଚାଲିବ। ଏଥିରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାର ୩୦ ଜଣ ବିଚାରବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଦିଲ୍ଲୀ ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରର ପ୍ରଶିକ୍ଷିକା ବୀଣା ରାଲ୍ଲୀ ଓ ଆଇନଜୀବୀ ଜେ.ପି. ସେଙ୍ଗ ଯୋଗଦେଇ ମଧ୍ୟସ୍ଥତା ଜରିଆରେ ମାମଲାଗୁଡିକର ସମାଧାନ ସହ ଉଭୟ ପକ୍ଷ ଉଚିତ ନ୍ୟାୟ ପାଇବା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ, ଆଇନ ସେବା ପ୍ରାଧିକରଣର ସଦସ୍ୟ-ସଚିବଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ।

## ଦେଢ଼ମାସ ହେଲା ଅନ୍ଧାରରେ ଛାତ୍ର

### ବିଦ୍ୟୁତ୍ ସଂଯୋଗ ନ ଦେଲେ ଛାଡିବେ ହଷ୍ଟେଲ

■ମହମବତି,ଛୋଟ ସୋଲାର ଲାଇଟ ଭରସା
■ଅନ୍ଧାର ହେଲେ ଛାତ୍ରାବାସକୁ ପଶୁଛନ୍ତି ସାପ,ବେଙ୍ଗ
■ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ: ପ୍ରଧାନଶିକ୍ଷକ

**ଦଶମନ୍ତପୁର,୯।୪(ଡି.ଏନ.ଏ.)**

ଦିନେ ଦୁଇଦିନ କି ସପ୍ତାହେ ନୁହେଁ ଦୀର୍ଘ ଦେଢମାସ ହେଲାଣି ହଷ୍ଟେଲରେ ବିଦ୍ୟୁତ୍ ନାହିଁ। ଶୀଘ୍ର ବିଦ୍ୟୁତ୍ ସଂଯୋଗ ନ ଦେଲେ ହଷ୍ଟେଲ ଛାଡିବୁ ବୋଲି ଚେତାବନୀ ଦେଇଛନ୍ତି ଏଠାରେ ରହୁଥିବା ଛାତ୍ରମାନେ। ବିଦ୍ୟାଳୟ ଖୋଲିବାରୁ ୧ ମାସରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ହଷ୍ଟେଲକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ଭୁଲି ଯାଇଛନ୍ତି। ଫଳରେ ଖରା ଓ ଗରମରେ ଏଠାରେ ରହୁଥିବା ଅନ୍ତେବାସୀମାନେ କଷ୍ଟ ଭୋଗୁଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁରରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏକ ହଷ୍ଟେଲରେ।

ଖବରରୁ ଜଣାପଡିଛି ଦଶମନ୍ତପୁର ବ୍ଲକ ଗିର୍ଲିଗୁମା ପଞ୍ଚାୟତର ରତାବନ୍ଧଠାରେ ମଙ୍ଗଳବିଭାଗ ଦ୍ୱାରା ପରିଚାଳିତ ଏକ ଛାତ୍ରାବାସ ରହିଛି। ୪୦ ଜଣ ଛାତ୍ର ଏଠାରେ ରହି ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟ ସବୁ ଖୋଲିବାର ମାସେ ବିତି ଯାଇଥିଲେ ମଧ୍ୟ ଉକ୍ତ ଛାତ୍ରାବାସକୁ କର୍ତ୍ତୃପକ୍ଷ ଏଯାଏ ବିଦ୍ୟୁତ୍ ସଂଯୋଗ ଦେଇନାହାନ୍ତି। ଫଳରେ ଛାତ୍ରମାନେ ପାଠ ପଢିବାରେ ସମସ୍ୟା ଭୋଗୁଥିବା ସହ ଅତି କଷ୍ଟରେ ଚଳୁଛନ୍ତି। ମିଞ୍ଜି ମିଞ୍ଜି ମହମବତୀ ଆଲୋକ ଏବଂ ଛୋଟ ଛୋଟ ସୋଲାର ଲାଇଟ ଏବେ ସେମାନଙ୍କ ଭରସା ପାଲଟିଛି। ଅନ୍ଧାର ହେଲେ ଛାତ୍ରାବାସ ଭିତରକୁ ସାପ ଓ ବେଙ୍ଗ ପଶୁଛନ୍ତି ବୋଲି ଛାତ୍ରମାନେ କହିଛନ୍ତି। ଆମକୁ ବିଦ୍ୟୁତ୍ ଆଲୋକ ଯୋଗାଇ ଦିଅନ୍ତୁ, ନ ହେଲେ ହଷ୍ଟେଲ ଛାଡି ଚାଲିଯିବୁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁମଲୋଚନ ଖୋସଲା କହିଛନ୍ତି, ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ୧୩୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪୦ ଜଣ ଅନ୍ତେବାସୀ ହଷ୍ଟେଲରେ ରହି ପଢୁଛନ୍ତି। କରୋନା ଯୋଗୁ ବିଦ୍ୟାଳୟ ବନ୍ଦ ଥିବା ବେଳେ ଟ୍ରାନ୍ସଫର୍ମର ନଷ୍ଟ ହୋଇଯାଇଥିଲା। ଏହା ସଜଡା ହୋଇ ନ ଥିବାରୁ ସେବେଠାରୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏ ବିଷୟରେ ବିଇଓ ଏବଂ ମଙ୍ଗଳ ବିଭାଗ ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଛନ୍ତି।


ଛାତ୍ରାବାସରେ ମହମବତି ଲଗାଇ ପିଲାମାନେ ପାଠ ପଢୁଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

୰ପ୍ରଫୁଲ୍ଲ କୁମାର ରାଉତ
(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ-୦୪।୦୧।୧୯୫୨
ତିରୋଧାନ- ୦୨।୦୪।୨୦୨୦ (ଶ୍ରୀରାମ ନବମୀ)
କକା, ଏହାରି ଭିତରେ ଦୁଇବର୍ଷ ବିତିଗଲା। ଏପର୍ଯ୍ୟନ୍ତ ଆମ ଅନ୍ତରର କୋହ ଆଉ ଆଖିର ଲୁହ ଶୁଖିନି, ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା, କଠିନ ପରିଶ୍ରମ, ଧର୍ମଭାବନା ଏବଂ ସମସ୍ତଙ୍କୁ ବାନ୍ଧି ରଖିବାର କଳା ଆମ ଜୀବନର ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିନରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ବନ୍ଧୁ ଏବଂ ପରିବାରବର୍ଗ ।
ଧ-୦୮୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ସୂର୍ଯ୍ୟ ମହାନ୍ତି
ଆବିର୍ଭାବ: ୧୫।୦୩।୧୯୫୮
ତିରୋଧାନ: ୦୧।୦୪।୨୦୨୨ (ଶୁକ୍ରବାର)
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର। H.N. Colony ପୁରୀ ନିବାସୀ ୰ହୃଦାନନ୍ଦ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ତଥା ବରିଷ୍ଠ କବି, ସାମ୍ବାଦିକ ଏବଂ ସାହିତ୍ୟିକ ଥିଲେ। ତାଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଭଉଣୀ, ଭିଣୋଇ, ସାନଭାଇ, ଭାଇବୋହୂ, ଭଣଜା, ଭାଣେଜୀ ଏବଂ ଆତ୍ମୀୟସ୍ୱଜନ।
ଧ-୬୯୦୫୯

# ସେଦିନ ପଣା ସଂକ୍ରାନ୍ତିରେ



ଆଉ ମାତ୍ର ତିନି ଦିନ ପରେ ହେବ ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଏହାକୁ ଆମେ ପାଳନ କରିଥାଉ ଓଡ଼ିଆ ନବବର୍ଷ ଭାବେ ଏହିଦିନ କେଉଁଠି ଦେଖିବାକୁ ମିଳେ ଝାମୁଯାତ୍ରା ତ ଆଉ କେଉଁଠି ଦଣ୍ଡନାଟ। ପୁଣି ମନ୍ଦିରରୁ ଆରମ୍ଭ କରି ଘରେ ଘରେ ପ୍ରସ୍ତୁତ ହୁଏ ସ୍ୱାଦିଷ୍ଟ ବେଲପଣା। ତେବେ ଏହି ଦିନର କିଛି ନିଆରା ଅନୁଭୂତିକୁ ନେଇ ଏଥରର ଉପସ୍ଥାପନା...

## ଭାଙ୍ଗ ନିଶାରେ ସବୁ ଭୁଲିଗଲି

**ଅନିଲ ସୋନକାର (କେନ୍ଦୁଝର)**– ପ୍ରତିବର୍ଷ ପଣାସଂକ୍ରାନ୍ତିରେ ସାଙ୍ଗମାନେ ମିଶି ସ୍ପେଶାଲ ବେଲପଣା ପ୍ରସ୍ତୁତ କରି ସଭିଙ୍କୁ ପିଇବାକୁ ଦେଇଥାଉ ଏବଂ ଆମେ ମଧ୍ୟ ପିଇବାର ମଜା ନେଇଥାଉ। ମନେପଡୁଛି ଦଶ ବର୍ଷ ତଳର ପଣାସଂକ୍ରାନ୍ତି କଥା। ପ୍ରତିଥର ଭଳି ସମସ୍ତଙ୍କୁ ପଣା ଦେବା ପରେ ଆମେ ବି ପଣା ପିଇଲୁ। ହେଲେ କିଛି ସମୟ ପରେ ମୁଣ୍ଡ ଝିମ୍‌ଝିମ୍ କରି ବୁଲାଇବାରୁ ବସି ପଡ଼ିଲି। କେମିତି ଏକ ଭିନ୍ନ ଅଜବ ଅନୁଭବ ହେଉଥିଲା। ନା ଭଲ ଭାବେ ଚାଲି ପାରୁଥିଲି ନା ଠିକ୍ ଭାବେ କଥା ହୋଇପାରୁଥିଲି। ସାଙ୍ଗମାନେ ମୋତେ ଦେଖି ଖୁବ୍ ହସୁଥିବା ଜାଣିପାରୁଥିଲେ ବି କାରଣ ପଚାରିବାକୁ ଯେମିତି ଶକ୍ତି ନ ଥିଲା। ତା' ପରର ଘଟଣା ଆଉ କିଛି ଜାଣିନାହିଁ। କାରଣ ଆଖି ଖୋଲିଲା ବେଳକୁ ପର ଦିନ ସକାଳେ ନିଜକୁ ଘରେ ଖଟ ଉପରେ ଶୋଇଥିବାର ପାଇଲି। ପରେ ସାଙ୍ଗମାନେ ଏଠାରେ ଆଣି ଶୁଆଇଥିବା କଥା ଜାଣିବାକୁ ପାଇଲି। ସେମାନେ ଯେ ମଜାରେ ମୋ ପଣାରେ ଭାଙ୍ଗ ମିଶାଇ ଦେଇଥିଲେ ସେ କଥା ବୁଝିବା ଆଉ ବାକି ନ ଥିଲା। ଯେହେତୁ ପୂର୍ବରୁ କେବେ ଭାଙ୍ଗର ସ୍ୱାଦ ଚାଖି ନ ଥିଲି, ତେଣୁ ଜାଣି ପାରି ନ ଥିଲି ଏବଂ ଖୁବ୍ ଜୋର୍‌ରେ ନିଶା ହୋଇଯାଇଥିଲା। ଏବେବି ସେଦିନର କଥା ମନେପଡ଼ିଲେ ଖୁବ୍ ହସ ଲାଗେ।

## ଓଡ଼ିଆ ବେଲପଣାର ପ୍ରଶଂସା ଅଭୁଲା

**ଶୁଭଙ୍କର ଜେନା (ଭୁବନେଶ୍ୱର)**– ଏହି ପର୍ବ ଅନ୍ୟ ପର୍ବଗୁଡ଼ିକ ତୁଳନାରେ ମୋ ପାଇଁ କିଛିଟା ଭିନ୍ନ। ବିଭିନ୍ନ ଜିଲାରେ ରହି ଏହି ଉତ୍ସବର ଭିନ୍ନ ଭିନ୍ନ ପରମ୍ପରା ସହ ଜଡ଼ିତ ହୋଇ ଆସିଛି। ହେଲେ ବାଲେଶ୍ୱରରେ ଏହି ଉତ୍ସବରେ ବେଲପଣା ପିଇବାର ମଜା ନିଆରା। ଶିବ ଏବଂ ହନୁମାନଙ୍କ ମନ୍ଦିରରେ ଦର୍ଶନ କରିବା ଆଳରେ ଯାଇ ବେଲପଣା ପିଇଥାଉ। କାରଣ ବାଲେଶ୍ୱରର ପ୍ରତ୍ୟେକ ଶିବ ମନ୍ଦିର ଓ ହନୁମାନ ମନ୍ଦିରରେ ବେଲପଣା ଭୋଗ ଲାଗିଥାଏ। ଏମିତିକି ପ୍ରତ୍ୟେକ ଛକରେ ମଧ୍ୟ ବେଲପଣା ଦିଆଯାଇଥାଏ। ସେଠାରେ ଉଭୟ ସାଦା ଏବଂ ଭାଙ୍ଗମିଶା ବେଲପଣା ଦିଆଯାଇଥାଏ। ଏ ସବୁ ସ୍ଥାନରେ ବେଲପଣା ପିଇ ସାରିଲା ପରେ ରୁମ୍‌ରେ ଆସି ଆମେ ସାଙ୍ଗମାନେ ବେଲପଣା ପ୍ରସ୍ତୁତ କଲୁ। ପାଚିଲା ବେଲ, ଚିନି, ବୁନ୍ଦି, ନଡ଼ିଆକୋରା, ରସଗୋଲା, ଗୋଲମରିଚ ଗୁଣ୍ଡ, ବରଫ, ଦହି, ଛେନା, ପାଚିଲା କଦଳୀ ଏହିସବୁ ସାମଗ୍ରୀ ଦେଇ ବେଲପଣା ପ୍ରସ୍ତୁତ କରୁ। ପଶ୍ଚିମବଙ୍ଗରେ ଏହି ପର୍ବକୁ କୁହନ୍ତି ପହେଲା ବୈଶାଖୀ। ସେଠାରେ ବେଲପଣା ହୋଇ ନ ଥାଏ। ତେଣୁ ଗୋଟିଏ ବର୍ଷ ପଣାସଂକ୍ରାନ୍ତିରେ ସେଠାରେ ଥିବା ମୋ ମାମୁଘରେ ରହିଥିଲି ଏବଂ ବେଲପଣା ପ୍ରସ୍ତୁତ କରି ବଙ୍ଗୀୟଙ୍କ ମୁହଁରେ ଏହାର ସ୍ୱାଦ ଚଖାଇଥିଲି। ସେମାନଙ୍କଠାରୁ ଆମ ଓଡ଼ିଆ ବେଲପଣାର ପ୍ରଶଂସା ମୋ ପାଇଁ ସତରେ ଅଭୁଲା।





ଅନିଲ



ଜିତେନ୍ଦ୍ର



ଶୁଭଙ୍କର

## ପାଟଭକ୍ତ ହେବାର ଆନନ୍ଦ ଅବର୍ଣ୍ଣନୀୟ

**ଜିତେନ୍ଦ୍ର କୁମାର ଦାସ** (ପାଟଭକ୍ତ, ଆଖଣ୍ଡଳମଣି ଦଣ୍ଡ ସମାଜ, ତାଳଚେର) – ଓଡ଼ିଶାର ଏକ ପାରମ୍ପରିକ ଲୋକପ୍ରିୟ ଲୋକନାଟ୍ୟ ଭାବେ ଦଣ୍ଡନାଟ ବେଶ୍ ପ୍ରସିଦ୍ଧ। ଆମ ଅଞ୍ଚଳର ଏହା ମଧ୍ୟ ଏକ ବଡ଼ ପର୍ବ। ଯୁଗଳ କିଶୋର ରାଉତଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଦଣ୍ଡନାଟ ଦୀର୍ଘ ୫୨ବର୍ଷ ଧରି ଏହା ଆମ ଅଞ୍ଚଳରେ ପାଳନ କରାଯାଇ ଆସୁଛି। ମନେପଡୁଛି, ସମସ୍ତେ କୁହନ୍ତି ପାଟଭକ୍ତମାନଙ୍କୁ ବହୁତ କଷ୍ଟ କରିବାକୁ ପଡ଼େ। ତେଣୁ ପ୍ରଥମ ବର୍ଷ ମନରେ ଟିକେ ଭୟ ଥିଲା ଏହାକୁ ନିଷ୍ଠାର ସହ ପାଳନ କରିପାରିବି ତ? ହେଲେ ପାଟଭକ୍ତ ଭାବେ ମା'ଙ୍କ ସେବାରେ ନିଜକୁ ସମର୍ପଣ କରିବା ପରେ ସବୁ କିଛି ଯେମିତି ବଦଳିଗଲା। ପଣାସଂକ୍ରାନ୍ତିର ଗୋଟେ ମାସ ପୂର୍ବରୁ ଆମେ ସବୁ ଦଣ୍ଡୁଆ ଘର ଛାଡ଼ି ମନ୍ଦିରରେ ରହିଲୁ। ଅନ୍ୟ ଘରେ ଖାଇବା, ଶୋଇବା ବି ସମ୍ପୂର୍ଣ୍ଣ ବନ୍ଦ ଥିଲା। ଦ୍ୱିପ୍ରହର ସମୟରେ ମା' ପାଖେ ପୂଜା ହୋଇଥିବା ପଣା ଏବଂ ରାତି ସମୟରେ ଅନ୍ନ ଖାଉଥିଲୁ। ସତରେ ସେ ସମୟର ଅନୁଭୂତି ଅବର୍ଣ୍ଣନୀୟ। ସେବେଠୁ ପ୍ରତିବର୍ଷ ଏହାକୁ ନିଷ୍ଠାର ସହ ପାଳୁଛି। ତେବେ ପଣା ସଂକ୍ରାନ୍ତି ଦିନ ଅଗ୍ନିଦଣ୍ଡ, ଧୂଳିଦଣ୍ଡ ଆମ ଅଞ୍ଚଳରେ ହୋଇଥାଏ। ଦୁଇ ଦିନ ଧରି ରାତିତମାମ ନୃତ୍ୟ ପରିବେଶଣ ବି ହୁଏ। ପାଟଓଷା ହୁଏ, କାଳିଶି ବି ଉଭା ହୁଅନ୍ତି। ଲୋକେ ବିଶ୍ୱାସ କରନ୍ତି, ଏହି ଦିନ ମା'ଙ୍କୁ ନିଷ୍ଠା ଓ ଭକ୍ତିରେ ଡାକିଲେ ସେ ସବୁ ମନସ୍କାମନା ପୂର୍ଣ୍ଣ କରନ୍ତି। ସତ କହିବାକୁ ଗଲେ ମୋର ମଧ୍ୟ ସବୁ ଇଚ୍ଛା ପୂର୍ଣ୍ଣ ହୋଇଛି।



## ଏ ସପ୍ତାହର ପ୍ରଶ୍ନ

୧– ମୁଖ୍ୟମନ୍ତ୍ରୀ ନିବିର ମତ୍ସ୍ୟଚାଷ ପ୍ରକଳ୍ପ ............. ରାଜ୍ୟରେ ଆରମ୍ଭ କରାଯାଇଛି ?
୨– 'ଲାଇଫ୍ ଇଜ୍ ବ୍ୟୁଟିଫୁଲ୍' ଫିଲ୍ମର ଡାଇରେକ୍ଟର.......... ?
୩– ନ୍ୟାଶନାଲ୍ ସ୍କଲ୍ ଇଣ୍ଡଷ୍ଟ୍ରୀ ଡେ' ..........ତାରିଖରେ ପାଳନ କରାଯାଏ ?
୪– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟ ଗିରି .................. ?
୫– ......... ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?

## ଗତ ଥରର ଉତ୍ତର

୧ କଲିକତା
୨ ହିମାଚଳ ପ୍ରଦେଶ
୩ ବସନ୍ତ
୪ ସେଲ୍ୟୁଲଏଡ୍
୫ ଏର୍‌ପି

## ଉତ୍ତରଦାତା



କିଶୋର ପାଣି, ଭୁବନେଶ୍ୱର



ରିଙ୍କୁ ମିଶ୍ର, ସୁବର୍ଣ୍ଣପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

### ଜାଣନ୍ତୁ ଦୁନିଆ

## ଆର୍ମେନିଆ

ପଶ୍ଚିମ ଏସିଆରେ ରହିଛି ଆର୍ମେନିଆ। ୟେରେଭାନ୍ ହେଉଛି ଏହାର ରାଜଧାନୀ, ଯାହା ଦେଶର ବୃହତ୍ ସହର ଭାବେ ପରିଚିତ। ଏଠାର ଅଧିକାଂଶ ଲୋକ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ। ତେବେ ଜାଣନ୍ତୁ ଏହି ଦେଶ ସମ୍ପର୍କରେ ଆଉ କିଛି ରୋଚକ ତଥ୍ୟ...



➔ଖ୍ରୀଷ୍ଟିଆନ୍ ଧର୍ମକୁ ଗ୍ରହଣ କରିବାରେ ଆର୍ମେନିଆ ହେଉଛି ପ୍ରଥମ ଦେଶ। ଏଠାରେ ପ୍ରାୟ ୯୭% ଲୋକ ଏହି ଧର୍ମ ଗ୍ରହଣ କରିଛନ୍ତି। ପୃଥିବୀର ସବୁଠୁ ସୁନ୍ଦର ଏବଂ ପ୍ରଥମ ଚର୍ଚ୍ଚ 'ଏକ୍‌ମିଆଚିନ୍ କାଥେଡ୍ରାଲ'କୁ ଏଠାରେ ଦେଖିବାକୁ ପାଇବେ ।

➔ପୃଥିବୀର ସବୁଠୁ ପୁରୁଣା ସହର ଭାବେ ଏହା ଜଣାଶୁଣା। ରାଜା ଆରଗିଷ୍ଟିଙ୍କ ଦ୍ୱାରା ୭୮୨ ଖ୍ରୀଷ୍ଟାବ୍ଦରେ ଏହା ପ୍ରତିଷ୍ଠା ହୋଇଥିଲା। ୨୦୧୮ ମସିହାରେ ଏହି ସହର ତା'ର ୨୮୦୦ତମ ଆନିଭର୍ସାରୀ ପାଳନ କରିଛି।

➔ପୃଥିବୀର ପ୍ରଥମ 'ଏରିଥ୍‌ମେଟିକ୍ ପ୍ରୋବେଲ୍ମ ଟେକ୍ସବୁକ୍' ଆର୍ମେନିଆର ଗଣିତଜ୍ଞ ମେସ୍‌ରପ ମାସ୍‌ଟ୍ର୍‌ସଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା।

➔୨୦୦୮, ସେପ୍ଟେମ୍ବରରେ ଆରେନି ଗ୍ରାମରେ ପୃଥିବୀର ସବୁଠାରୁ ପୁରୁଣା ଶୁ' ଆବିଷ୍କାର ହୋଇଥିଲା, ଯାହା ଛେଳି ଶିଙ୍ଗରେ ତିଆରି ହୋଇଥିଲା। ଏହାର ବ୍ୟାସ ଥିଲା ୪୪ ସେ.ମି।

➔ଏଠାର ଅଧିବାସୀମାନଙ୍କ ପ୍ରିୟ ଖେଳ ହେଉଛି ଚେସ୍। ୨୦୧୧ ମସିହାଠାରୁ ପ୍ରତ୍ୟେକ ଶ୍ରେଣୀରେ ଏହାକୁ 'କମ୍ପଲ୍‌ସରି ବିଷୟ' ଭାବେ ସାମିଲ କରାଯାଇଛି।

➔ରାଜଧାନୀ ୟେରେଭାନ୍‌ରେ ଥିବା ସମସ୍ତ କୋଠାର କାନ୍ଥ ପିଙ୍କ୍ କଲର୍ ପଥରରେ ତିଆରି ହୋଇଥିବାରୁ ଏହାକୁ ଅନେକ ଲୋକ ''ପିଙ୍କ୍ ସିଟି'' ଭାବେ ମଧ୍ୟ ବିବେଚନା କରିଥା'ନ୍ତି।

➔ଆର୍ମେନିଆରେ ଥିବା ଚର୍ଚ୍ଚଗୁଡ଼ିକୁ ଯିବା ପାଇଁ ପ୍ରବେଶ ଶୁଳ୍କ ବା ଏଣ୍ଟ୍ରି ଫି' ଫ୍ରି ଥାଏ। ଏଠାରେ ଉଭୟ ଟୁରିଷ୍ଟ ଏବଂ ଅଧିବାସୀମାନଙ୍କ ପାଇଁ ସମାନ ପ୍ରକାର ସୁବିଧା ରହିଛି।

➔ଏଠାରେ ଏକ ଅଜବ ନିୟମ ରହିଛି। ରାତିରେ ସ୍ଥାନୀୟ ଲୋକମାନେ ଗିଟାର, ଡ୍ରମ୍, ପିଆନୋ କିମ୍ବା ଅନ୍ୟ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇ ପାରିବେ ନାହିଁ। ଆଉ ଯିଏ ଏହାର ନିୟମ ଉଲ୍ଲଂଘନ କରିବେ, ସେମାନଙ୍କୁ କୋର୍ଟ ଦ୍ୱାରସ୍ଥ ହେବାକଚ ପଡିଥାଏ।

# ସୋସିଆଲ ମିଡିଆ ଓ ସାଇନ୍ସ କମ୍ୟୁନିକେଶନ

ସୋସିଆଲ୍ ମିଡିଆ ଏକ କମ୍ପ୍ୟୁଟର–ଆଧାରିତ ଟେକ୍ନୋଲୋଜି, ଯାହାକି ବର୍ତ୍ତମାନ ଭର୍ଚୁଆଲ୍ ନେଟ୍‌ୱର୍କ ଜରିଆରେ ଜ୍ଞାନ ଏବଂ ସୂଚନା ବାଣ୍ଟିବାର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି । ବିଶେଷକରି କରୋନା ମହାମାରୀ ସମୟରେ ଏହାର ବ୍ୟବହାର ବହୁମାତ୍ରାରେ ବୃଦ୍ଧି ପାଇଛି। ହେଲେ ଏହାର ବ୍ୟବହାର ଯେପରି କାହାର ବ୍ୟକ୍ତିଗତ ଜୀବନ ଅବା ସମାଜ ଉପରେ ନକାରାତ୍ମକ ପ୍ରଭାବ ନ ପକାଏ, ସେଥିପ୍ରତି ସମସ୍ତେ ସଜାଗ ରହିବା ଆବଶ୍ୟକ...

ବୈଜ୍ଞାନିକମାନେ କିଛି ବର୍ଷ ପୂର୍ବରୁ ସୂଚନା, ଧାରଣା, ଚିନ୍ତାଧାରା, ଟ୍ୟୁଟୋରିଆଲ୍, ଅନୁସନ୍ଧାନ ଏବଂ ଚାକିରିର ଅଫର୍ ଭଳି ସଂକ୍ଷିପ୍ତ କାର୍ଯ୍ୟକଳାପ ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍, ଟ୍ୱିଟର,



ରିସର୍ଚ୍ଚଗେଟ୍, ଲିଙ୍କଡଇନ୍, ଟିକ୍‌ଟକ୍, ସ୍ନାପଚେଟ୍, କ୍ଲବ ହାଉସ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ବ୍ୟବହାର କରିବା ଆରମ୍ଭ କରିଥିଲେ। ତେବେ ମହାମାରୀ ଏସବୁର ବ୍ୟବହାରକୁ ବହୁତ ଗୁଣରେ ବୃଦ୍ଧି କରିଛି। ଏହା ଜରିଆରେ ଅନେକ ବିଜ୍ଞାନ ଯୋଗାଯୋଗକାରୀମାନେ ମଧ୍ୟ ବିଶେଷଜ୍ଞ/ବୈଜ୍ଞାନିକମାନଙ୍କର ନୂତନ ଗବେଷଣା ଫଳାଫଳର ସୂଚନା ଜନସାଧାରଣଙ୍କୁ ଜଣାଇଥା'ନ୍ତି। ସେମାନେ ବିଜ୍ଞାନ ବିଷୟରେ ଜନସାଧାରଣଙ୍କ ବୁଝାମଣା ଏବଂ ଆଗ୍ରହକୁ ପ୍ରୋତ୍ସାହିତ କରିବା ପାଇଁ ପୋଡକାଷ୍ଟ ଏବଂ ଭିଡିଓ ପୋଷ୍ଟ କରନ୍ତି। ତେବେ ଏହାଦ୍ୱାରା ବାସ୍ତବରେ କେତେଜଣ ଉପକୃତ ହେଉଛନ୍ତି ତାହା ପ୍ରଶ୍ନବାଚୀ। କାରଣ ସୋସିଆଲ ମିଡିଆ ଦ୍ୱାରା ସାଇନ୍ସ କମ୍ୟୁନିକେଶନ୍‌ର ଉଭୟ ଭଲ ଏବଂ ଖରାପ ପ୍ରଭାବ ଥିବା ଦେଖିବାକୁ ମିଳୁଛି।

ସୋସିଆଲ୍ ମିଡିଆରେ କୌଣସି ଏକାଡେମିକ୍ ବିନିମୟରେ ଭାଗନେବାକୁ ଭ୍ରମଣ ପାଣ୍ଠି ଆବଶ୍ୟକ ହୋଇ ନ ଥାଏ। ସମ୍ଭାବ୍ୟ କ୍ୟାରିୟର ଚିନ୍ତା କରୁଥିବା ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଜାଣିବାରେ ଏହା ବେଶ୍ ସାହାଯ୍ୟ କରିଥାଏ। ସେହିପରି ବୈଜ୍ଞାନିକମାନେ ମଧ୍ୟ ନିଜ କଠିନ ପରିଶ୍ରମର ଚାପ ଏବଂ ସଂଘର୍ଷ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଏହା ମଧ୍ୟ ଏକ ଭଲ ଉପାୟ। ତେବେ ଅପରପକ୍ଷେ ଦେଖିବାକୁ ଗଲେ, ବାସ୍ତବ ବିଜ୍ଞାନ ବକ୍ତବ୍ୟଗୁଡିକ ନିର୍ଦ୍ଦିଷ୍ଟ ନିୟମ, ପ୍ରମାଣ, ଅବ୍‌ଜେକ୍ଟିଭ୍ ଏବଂ



ନିର୍ଭୁଲ ମୂଲ୍ୟାଙ୍କନ ଉପରେ ଆଧାରିତ ହୋଇଥିବା ବେଳେ ସୋସିଆଲ ମେଡିଆରେ ତଥ୍ୟଗୁଡ଼ିକ ଦ୍ରୁତ ଗତିଶୀଳ ଏବଂ ଅଧିକାଂଶ ସମୟରେ ଅସଙ୍ଗତ ହୋଇପାରେ, ଯାହାକି ଜନସାଧାରଣଙ୍କ ନିକଟରେ ଭୁଲ ତଥ୍ୟ ପହଞ୍ଚାଇପାରେ। ଏହାଦ୍ୱାରା ଧାର୍ମିକ ବିଶ୍ୱାସ ପ୍ରତି ହାଇପରପୋଲାରାଇଜଡ୍ ଜନସାଧାରଣ ଧାର୍ମିକ ଘଟଣା ଏବଂ ବୈଜ୍ଞାନିକ ପ୍ରମାଣ ସହିତ ଅତିରିକ୍ତ ଭାବରେ ସଂଯୋଗ କରି ଜନସାଧାରଣଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିପାରନ୍ତି। ଅନ୍‌ଲାଇନ୍ ଯୋଗାଯୋଗ ପ୍ରଣାଳୀରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ନିର୍ଦ୍ଦିଷ୍ଟ ଅନୁସନ୍ଧାନମୂଳକ ପତ୍ରିକା ଅପେକ୍ଷା ଜନସାଧାରଣଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ, ଯାହାର ସୁଯୋଗ ନେଇ ଅନେକେ ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିପାରନ୍ତି।

**ତେଣୁ ସୋସିଆଲ୍ ମିଡିଆରେ ବିଜ୍ଞାନ ଯୋଗାଯୋଗକାରୀଙ୍କର ସୂଚନା ପ୍ରଦାନ ସମୟରେ କିଛି ଦାୟିତ୍ୱ ରହିବା ଦରକାର:**

– ସୌଭାଗ୍ୟର କଥା ଯେ, ଆମ ଭାରତର ଲୋକମାନେ ବୈଜ୍ଞାନିକ ଏବଂ ବିଜ୍ଞାନକୁ ବୃତ୍ତି ଭାବରେ ଉଚ୍ଚ ସମ୍ମାନ ଦିଅନ୍ତି। ତେଣୁ ବିଜ୍ଞାନଭିତ୍ତିକ ପ୍ରକ୍ରିୟା ଏବଂ ବୈଜ୍ଞାନିକମାନଙ୍କ ଉପରେ ଜନସାଧାରଣଙ୍କ ଦୃଷ୍ଟିକୋଣର ବିକାଶରେ ସାହାଯ୍ୟ କରନ୍ତୁ। ଭୁଲ ତଥ୍ୟକୁ ବିଜ୍ଞାନଭିତ୍ତିରେ ପ୍ରମାଣ କରନ୍ତୁ ନାହିଁ। ସୋସିଆଲ ମିଡିଆର ମୂଳଦୁଆ ବିଜ୍ଞାନର ଉଦ୍ଭାବନ ଉପରେ ଉପସ୍ଥାପିତ। ତେଣୁ ସୋସିଆଲ ମିଡିଆର ବିଜ୍ଞାନ ପ୍ରତି ନୂତନ challenge ଗୁଡିକ ପରାସ୍ତ କରିବା ପାଇଁ ବୈଜ୍ଞାନିକ ସମ୍ପ୍ରଦାୟ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନ ମଧ୍ୟରେ ସହଭାଗିତା ଆବଶ୍ୟକ।

**– ଡ. ସ୍ନିଗ୍ଧା ପଣ୍ଡା**
କଲ୍ୟାଣୀ, ପଶ୍ଚିମବଙ୍ଗ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୦ ଏପ୍ରିଲ୍, ୨୦୨୨ Bhubaneswar, Sunday, April 10/2022

# ଆହାନ ନମ୍ବର ୱାନ

ଭୁବନେଶ୍ୱର, ୯।୪
(କ୍ରୀଡ଼ା ପ୍ରତିନିଧି)



ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆହାନ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର ନମ୍ବର ୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ପକ୍ଷରୁ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଆହାନ ଶୀର୍ଷସ୍ଥାନ ମଣ୍ଡନ କରିଛନ୍ତି। ସେ ସମ୍ପ୍ରତି ଏସ୍‌ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଠାରୁ କୋଚିଂ ନେଉଛନ୍ତି। ଗତ ମାସରେ ହରିୟାଣାର କର୍ନାଲରେ ଅନୁଷ୍ଠିତ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ଡବଲ ଟାଇଟଲ ହାସଲ କରିଥିଲେ ଭୁବନେଶ୍ୱରର ଆହାନ। ସେ ୧୨ ଓ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ ହୋଇଥିବାବେଳେ ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ୧୨ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ସେ ହରିୟାଣାର ଆନନ୍ଦିତା ଉପାଧ୍ୟାୟଙ୍କୁ ୪-୬, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ୧୪ ବର୍ଷରୁ କମ୍‌ରେ ସେ ହରିୟାଣାର ପ୍ରାଚୀ ମଲିକଙ୍କୁ ୨-୬, ୬-୨, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଏହି ବିଜୟ ତାଙ୍କୁ ନମ୍ବରୱାନ ସ୍ଥାନକୁ ଉନ୍ନୀତ ହେବାର ପଥ ପରିଷ୍କାର କରିଥିଲା। ଆହାନ ଜଣେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି। ଦିନକୁ ଦିନ ତାଙ୍କ ପ୍ରଦର୍ଶନରେ ଉନ୍ନତ ହୋଇ ଚାଲିଛି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୋଚ୍ ନିଶଙ୍କ ପ୍ରକାଶ କରିଛନ୍ତି।




# ଶୁଟ୍‌ଆଉଟରେ ଜିତିଲା ନେଦରଲାଣ୍ଡସ୍

ଭୁବନେଶ୍ୱର, ୯।୪
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚରେ ଭାରତ ଶୁଟ୍‌ଆଉଟ ୧-୩ ଗୋଲରେ ନେଦରଲାଣ୍ଡସ୍‌ଠାରୁ ହାରିଯାଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ପରାଜିତ ହୋଇଥିଲେ ହେଁ ଭାରତ ଏହି ମ୍ୟାଚରୁ ୧ ପଏଣ୍ଟ ହାସଲ କରିଛି। ନେଦରଲାଣ୍ଡସ୍‌କୁ ୨ ପଏଣ୍ଟ ମିଳିଛି। ନେଦରଲାଣ୍ଡସ୍ ୮ ମ୍ୟାଚରୁ ୫ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହ ୧୯ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଭାରତ ୮ ମ୍ୟାଚରୁ ୪ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହ ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଜର୍ମାନୀ ୧୩ ଓ ଆର୍ଜେଣ୍ଟିନା ୧୨ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମଧ୍ୟ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା। ମ୍ୟାଚ ଆରମ୍ଭ ହେବାକ୍ଷଣି ଭାରତ ପ୍ରତିପକ୍ଷ ଗୋଲପୋଷ୍ଟ ନିକଟକୁ ବଲ୍ ନେଇ ସୁଯୋଗ ସୃଷ୍ଟି କରିଥିଲା। ଦଳକୁ ଏକ ପେନାଲ୍ଟି କର୍ନର ମଧ୍ୟ ମିଳି ଯାଇଥିଲା। ଏହାକୁ ଗୋଲରେ ପରିଣତ କରି


ଶୁଟ୍‌ଆଉଟ ପର୍ଯ୍ୟାୟ ଅବସରରେ ଭାରତର ନବନୀତ କୌର (ବାମ)।

ରାଜୱିନ୍ଦର କୌର ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ନେଦରଲାଣ୍ଡସ୍ ଗୋଲ ପରିଶୋଧ ପାଇଁ ବହୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତ ପ୍ରଭାବୀ ରହିଥିଲା। ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଚତୁର୍ଥ କ୍ୱାର୍ଟର ଶେଷଭାଗରେ ଅର୍ଥାତ୍ ମ୍ୟାଚ ଶେଷ ହେବାକୁ ଆଉ ମାତ୍ର ୬ ମିନିଟ ଥିବାବେଳେ ପେନାଲ୍ଟି କର୍ନର ସୁଯୋଗର ସଦ୍‌ବ୍ୟବହାର କରିଥିଲା

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ନେଦରଲାଣ୍ଡସ୍। ଅଧିନାୟିକା ୟିବି ଜାନସେନ ଗୋଲଟି ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ମ୍ୟାଚ ସମାନ ସ୍ଥିତିରେ ରହିବାରୁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ କେବଳ ନବନୀତ କୌର ଗୋଲ ଦେଇଥିବାବେଳେ ଜ୍ୟୋତି, ନେହା ଓ ରାଜୱିନ୍ଦର କୌର ମିସ୍ କରିଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡସ୍‌ର ୟିବି ଜାନସେନ, କିରା ଫର୍ଚ୍ୟୁନ ଓ ମାରେଣ୍ଟେ ବାରେଣ୍ଟସେନ ଗୋଲ ଦେଇଥିଲେ ଏବଂ କେବଳ ଫିଓନା ମୋର୍ଗେନଷ୍ଟ୍ରେନ ମିସ୍ କରିଥିଲେ। ଏହି ପର୍ଯ୍ୟାୟରେ ଭାରତୀୟ ଗୋଲକିପର ତଥା ଅଧିନାୟିକା ସବିତାଙ୍କ ଅପେକ୍ଷା ନେଦରଲାଣ୍ଡସ୍ ଗୋଲକିପର ଜୁଲିଆ ରେମେରସ୍ୱାଲଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ନେଦରଲାଣ୍ଡସ୍ ଦଳର କୌଣସି ସଦସ୍ୟା ଏଠାରେ ଖେଳି ନ ଥିଲେ। ଦଳ ପକ୍ଷରୁ ଜାନସେନ ସର୍ବାଧିକ ୨୪ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଥିଲେ। ଅବଶିଷ୍ଟ ଖେଳାଳିଙ୍କ ମଧ୍ୟରୁ ମାତ୍ର ୪ ଜଣ ୧୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଭାରତୀୟ ଦଳ କଥା ଦେଖିବାକୁ ଗଲେ କେବଳ ଅଧିନାୟିକା ସବିତା ୨୨୩ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହାପରେ ବେଲଜିୟମ ଗସ୍ତକରି ଭାରତ ଘରୋଇ ଦଳ ସହ ଜୁନ୍ ୧୧ ଓ ୧୨ ତାରିଖରେ ମ୍ୟାଚ ଖେଳିବ।

# ମୁମ୍ବାଇକୁ ହରାଇଲା ଆରସିବି

ପୁଣେ, ୯।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଡବଲ ହେଡରର ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୭ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୧ ରନ କରିଥିଲା। ଆର୍‌ସିବି ୧୮.୩ ଓଭରରେ ୩ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ୪ ମ୍ୟାଚରୁ ୩ୟ ବିଜୟ ସହ ଆର୍‌ସିବି ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ମୁମ୍ବାଇ ଖେଳିଥିବା ୪ଟି ଯାକ ମ୍ୟାଚରେ ପରାଜିତ ହୋଇଛି।

ଟସ୍ ଜିତି ଆର୍‌ସିବି ଅଧିନାୟକ ଫାଫ୍ ଡୁ'ପ୍ଲେସି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇ ଓପନିଂ ଯୋଡ଼ିରେ ୩୮ ବଲ୍‌ରୁ ୫୦ ରନ ସଂଗ୍ରହ ପରେ ରୋହିତ ଶର୍ମା (୨୬ ରନ)ଙ୍କୁ ଆଉଟ କରି ଆରସିବିକୁ ବ୍ରେକ୍ ଥ୍ରୁ ଦେଇଥିଲେ ନିର୍ଭର ଯୋଗ୍ୟ ଦ୍ରୁତ ବୋଲର ହର୍ଶଲ ପଟେଲ। ସେହିପରି କିଶନ ୨୬ ରନ କରି ଆକାଶ ଦୀପଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଅର୍ଦ୍ଧଶତକ ଯୋଗୁ ମୁମ୍ବାଇ ସ୍କୋର ୧୫୦ ସ୍ପର୍ଶ କରିଥିଲା। ୩୭ଟି ବଲ୍ ଖେଳିଥିବା ସୂର୍ଯ୍ୟକୁମାର ୫ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୬୮ ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ବୋଲରଙ୍କ ମଧ୍ୟରେ ୱାନିନ୍ଦୁ ହସରଙ୍ଗା ଓ ହର୍ଶଲ ପଟେଲ ୨ଟି ଲେଖାଏ ଏବଂ ଆକାଶ ଦୀପ ଗୋଟିଏ ଉଇକେଟ ନେଇଥିଲେ।




୧୫୨ ରନ ବିଜୟ ଲକ୍ଷ୍ୟର ପିଛାକରି ଆର୍‌ସିବି ୫୦ ରନରେ ଡୁ'ପ୍ଲେସି (୧୬ ରନ)ଙ୍କ ଉଇକେଟ ହରାଇଥିଲା। ତେବେ ଅନୁଜ ରାୱତ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୫୨ ବଲ୍‌ରୁ ୮୦ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟୀ କରାଇଥିଲେ। ଅନୁଜ ୪୭ ବଲ୍‌ରୁ ୨ ଚୌକା ଓ ୬ ଛକା ସହାୟତାରେ ୬୬ ଓ କୋହଲି ୩୬ ବଲ୍‌ରୁ ୫ ଚୌକା ସହ ୪୮ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଜୟଦେବ ଉନାଡକଟ ଓ ଡିୱାଲ୍ଡ ବ୍ରେଭିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୧/୬ (ସୂର୍ଯ୍ୟକୁମାର ଯାଦବ-୬୮, ଇଶାନ କିଶନ-୨୬, ରୋହିତ ଶର୍ମା-୨୬, ୱାନିନ୍ଦୁ ହସରଙ୍ଗା-୨/୨୮, ହର୍ଶଲ ପଟେଲ-୨/୨୩, ଆକାଶ ଦୀପ-୧/୨୦)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮.୩ ଓଭରରେ ୧୫୨/୩ (ଅନୁଜ ରାୱତ-୬୬, ବିରାଟ କୋହଲି-୪୮, ଜୟଦେବ ଉନାଡକଟ-୧/୩୦, ଡିୱାଲ୍ଡ ବ୍ରେଭିସ-୧/୮)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**କୋଲକାତା ନାଇଟ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୩ଟା ୩୦

**ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### କୁଆଁରିଆ ମହୋତ୍ସବରେ ସାଂସ୍କୃତିକ ଆସର

**ନୟାଗଡ଼ ଅଫିସ,୯।୪:** ଲଙ୍କାପୋଡ଼ି ଯାତ୍ରା ମହୋତ୍ସବରେ କୁଆଁରିଆ ମହୋତ୍ସବ ପାଳନ ହେବ । ଆସନ୍ତା ୨୧ରୁ କୁଆଁରିଆ ମହୋତ୍ସବ ଆରମ୍ଭ ହୋଇ ୨୩ରେ ଶେଷ ହେବ । ସେହିପରି ଏପ୍ରିଲ ୧୨, ୧୯ ଓ ୨୦ ତାରିଖ ୩ଦିନ ଧରି ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ହେବ । ୨୩,୨୪, ୨୫ ଓ ୨୬ ତାରିଖ ୪ ଦିନ ଧରି ମାଗଣା ଅପେରା ମଞ୍ଚସ୍ଥ ହେବ। ଲଙ୍କାପୋଡ଼ି ଯାତ୍ରା କମିଟି କୁଞ୍ଜବନଗଡ଼ କଳାଗ୍ରାମ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇ ଆସୁଛି ।

### ୬ ୱାର୍ଡ ବୁଲିଲେ ମନ୍ତ୍ରୀ, ଜିଲାପାଳ

**ନୟାଗଡ଼ ଅଫିସ,୯।୪:** ନୟାଗଡ଼ ମ୍ୟୁନିସିପାଲିଟିର ୩, ୪, ୫, ୭, ୮ ଓ ୯ ନଂ. ୱାର୍ଡକୁ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ, ଜିଲାପାଳ ପୋମା ଟୁଡୁ ବୁଲି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ ଓ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପୃକ୍ତ ୱାର୍ଡରେ ମ୍ୟୁନିସିପାଲିଟି ପକ୍ଷରୁ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ତୁରନ୍ତ ଏହାକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମିଶନ ଶକ୍ତି ଓ ଅଙ୍ଗନୱାଡି କେନ୍ଦ୍ର ଗୃହ କାର୍ଯ୍ୟ ନେଇ ପଚାରି ବୁଝିଛନ୍ତି ।

### ୧୫ଜଣଙ୍କ ନାମରେ ମାମଲା ରୁଜୁ
#### ଶରଧାପୁର ବୋମାମାଡ଼ ଘଟଣା

**ନୟାଗଡ଼ ଅଫିସ,୯।୪:** ନୟାଗଡ଼ ଜିଲା ଇଟାମାଟି ଥାନା ଶରଧାପୁର ଗାଁରେ ଶୁକ୍ରବାର ରାତିରେ ବୋମାମାଡ଼ ଘଟଣାରେ ୧୫ ଜଣଙ୍କ ନାମରେ ମାମଲା (ନଂ.୭୫/୨୨) ରୁଜୁ ହୋଇଛି । ସୌମ୍ୟ ରଞ୍ଜନ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି । ଇଟାମାଟି ଥାନା ଅଧିକାରୀ ରମେଶ ଦେବତାଙ୍କ ସୂଚନା ଅନୁସାରେ ଜଣେ ପୂର୍ବତନ ଲୋକ ପ୍ରତିନିଧି ଗୁହାଳ କରିବା ପାଇଁ ୫ ହଜାର ଲାଞ୍ଚ ନେଇଥିଲେ । ଲାଞ୍ଚ ଟଙ୍କା ନ ଫେରାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ତାହା ଗଣ୍ଡଗୋଳର ରୂପ ନେଇଥିଲା।

### ମୋ ସ୍କୁଲ ପାଣ୍ଠିରେ ଉନ୍ନତୀକରଣ ହେବ କୋର୍ଟପେଟା ଉଚ୍ଚ ବିଦ୍ୟାଳୟ

**ବ୍ରହ୍ମପୁର ଅଫିସ, ୯।୪:** ଶହୀଦ ଲକ୍ଷ୍ମଣ ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ମୋ ସ୍କୁଲ ପାଣ୍ଠିରେ ଜମା ହୋଇଥିବା ଅର୍ଥରେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ପୁରାତନ ଛାତ୍ରମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଯାହାକୁ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ପୁରାତନ ଛାତ୍ରଙ୍କ ପକ୍ଷରୁ ସ୍କୁଲ ପାଣ୍ଠିରେ ୨ ଲକ୍ଷ ୨୧ ହଜାର ୯୭୨ ଟଙ୍କା ଜମା ହୋଇଛି।

# କାଷ୍ଠମୁଖାଧାରୀ ରାମଲୀଳା

ଦଶପଲ୍ଲାର ପ୍ରସିଦ୍ଧ ଲୋକକଳା କାଷ୍ଠମୁଖାଧାରୀ ରାମଲୀଳା । ରାମାୟଣର କଥାବସ୍ତୁକୁ ନେଇ ଏହି ରାମଲୀଳା ମଞ୍ଚସ୍ଥ ହୁଏ । ଖୋଳ, ଗିନି ବ୍ୟତୀତ କୌଣସି ଆଧୁନିକ ବାଦ୍ୟଯନ୍ତ୍ର ଏଥିରେ ବ୍ୟବହୃତ ହୁଏ ନାହିଁ । ଗୀତ ଓ ନୃତ୍ୟର ତାଳରେ ମଞ୍ଚସ୍ଥ ହୋଇ ଆସୁଥିବା ଏହି ଲୋକକଳା କାହିଁ କେଉଁ କାଳରୁ ସ୍ଥାନୀୟ ଲୋକଙ୍କ ସହିତ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ଶ୍ରୀରାମ ନବମୀ ଅର୍ଥାତ୍ ଚଳିତ ମାସ ୧୦ରୁ ଏହି ରାମଲୀଳା ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

**ନୟାଗଡ଼ ଅଫିସ/ଦଶପଲ୍ଲା, ୯।୪(ଡି.ଏନ.ଏ.)**

ଦଶପଲ୍ଲାର ଅଧିଷ୍ଠିତ ପ୍ରଭୁ ରୂପେ ମହାବୀର(ହନୁମାନ) ବିରାଜିତ । ସବୁଠି ପୂଜା ପାଉଥିବା ହନୁମାନଙ୍କ ଅପେକ୍ଷା ଦଶପଲ୍ଲାର ମହାବୀର ସ୍ୱତନ୍ତ୍ର ଓ ବ୍ୟତିକ୍ରମ । ହନୁମାନ ରାମଚନ୍ଦ୍ରଙ୍କ ପାର୍ଶ୍ୱ ଦେବତା ରୂପେ ପୂଜିତ । ମାତ୍ର ଏଠାରେ ପ୍ରଥମେ ସ୍ଥାପିତ ହୋଇଥିଲେ ମହାବୀର। ପରେ ରଘୁନାଥ ଓ ସୀତା। ମହାବୀର ଏଠାରେ ପାର୍ଶ୍ୱଦେବତା ହୋଇଥିଲେ ହେଁ ରଘୁନାଥଙ୍କଠାରୁ ଉନ୍ନତ ମନ୍ଦିରରେ ଅବସ୍ଥାପିତ । ଅନ୍ୟପକ୍ଷେ ସାଧାରଣତଃ ମହାବୀର ବାମମୁଖା ଥିବାବେଳେ ଏଠାର ମହାବୀର ଗଦାହସ୍ତ ଦକ୍ଷିଣମୁଖା। ସେହିପରି ଦଶପଲ୍ଲାର ରଘୁନାଥ ଓ ସୀତାଙ୍କୁ ଦୂରରୁ ଦେଖିଲେ କୃଷ୍ଣ ଓ ରାଧାଙ୍କ ପରି ଦେଖାଯାନ୍ତି । ରାଧାକୃଷ୍ଣଙ୍କ ପରି ସୀତାରାମ ବଙ୍କିମ ଠାଣିରେ ପ୍ରତିଷ୍ଠିତ ହୋଇଛନ୍ତି । ଅନ୍ୟପକ୍ଷେ ଏହି ମହାବୀର କ୍ଷେତ୍ର ଅଥବା ପୀଠର ପରମ୍ପରା ଓ ରୀତିନୀତି ନିଆରା ।

୧୮୦୨ରୁ ଶ୍ରୀରାମ ନବମୀରୁ ଦଶପଲ୍ଲାରେ ଚାଲି ଆସିଛି ପ୍ରସିଦ୍ଧ ରାମଲୀଳା ଓ ଲଙ୍କାପୋଡ଼ି ଯାତ୍ରା। ପ୍ରତିବର୍ଷ ଦଶହରାରେ ଏହି ଲୋକକଳାର ଶୁଭାରମ୍ଭ ହୋଇଥାଏ। ରଘୁନାଥଙ୍କ ପୀଠରେ ପୋଥିପୂଜା ପରେ ରାମଲୀଳା ଆଖଡ଼ା ଆରମ୍ଭ ହୁଏ । ଏହି ଆଖଡା ଅଶୋକାଷ୍ଟମୀ ପର୍ଯ୍ୟନ୍ତ ଚାଲେ। ଶ୍ରୀରାମନବମୀଠାରୁ ଲଙ୍କାପୋଡ଼ି ଯାତ୍ରା ଆରମ୍ଭ ହୋଇ ପ୍ରାୟତଃ ୧୫ରୁ ୧୮ ଦିନ ଧରି ମଞ୍ଚସ୍ଥ ହୁଏ । ଚଳିତବର୍ଷ ଏହି ଯାତ୍ରା ୧୦ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଶ୍ରୀରାମଙ୍କ ଜନ୍ମଠାରୁ ଆରମ୍ଭ କରି ତାଡ଼କା ବଧ, ସୀତା ବିବାହ ଓ ପର୍ଶୁରାମ ଭେଟ, ଗଣ୍ଡା ବଧ, ରାମ ବନବାସ, ଭରତ ମିଳନ, ବିରାଯୁଦ୍ଧ ବଧ, ସୀତା ହରଣ, ଶ୍ରୀରାମ ବିଳାପ, ବାଳୀ ବଧ, ସୁଗ୍ରୀବ ଅଭିଷେକ, ସୀତା ଠାବ, କୁମ୍ଭକର୍ଣ୍ଣ ବଧ, ରାବଣ ବଧ ଓ ଲଙ୍କାପୋଡ଼ି ଯାତ୍ରା, ଶ୍ରୀରାମ ଅଭିଷେକ ବିଷୟବସ୍ତୁକୁ ଅଭିନୟ ଓ ନୃତ୍ୟ ଆକାରରେ ଏଠାରେ ପରିବେଷଣ କରାଯାଇଥାଏ । ହନୁମାନ, ବାଳୀ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ତାଡ଼କା, ସୁପର୍ଣ୍ଣଖା, ଜଟାୟୁ, ମାୟାମୃଗ ଆଦି ୨୧ କଳାକାର ଚରିତ୍ର ଅନୁଯାୟୀ କାଷ୍ଠମୁଖା ପିନ୍ଧି ଅଭିନୟ କରିଥାନ୍ତି । କଳାକାରମାନେ କାଠମୁଣ୍ଡ (କାଷ୍ଠମୁଖା) ପରିଧାନ କରି ଅଭିନୟ କରୁଥିବାରୁ ଏହାକୁ କାଷ୍ଠମୁଖାଧାରୀ ରାମଲୀଳା କୁହାଯାଏ ।

କେତେଜଣ ପାଳିଆ ଓ କଳାକାର ରାମାୟଣର ପୁରୁଣା ପୋଥିକୁ ସଙ୍ଗୀତ ଆକାରରେ ରାମ ନାଟକର ତାଳେ ତାଳେ ପରିବେଷଣ କରିଥାନ୍ତି । ତେବେ ରାମ ପର୍ଶୁରାମ ଭେଟରେ ନୃତ୍ୟ, ଗୀତ ସହିତ ସଂଳାପ ମଧ୍ୟ ଦେଖିବାକୁ ମିଳିଥାଏ । ବାଣଯୁକ୍ତ ଧନୁ ଏହି ନାଟକର ଚରିତ୍ରମାନେ ବ୍ୟବହାର କରିଥାନ୍ତି । ପରମ୍ପରା ଅନୁସାରେ ଚଳି ଆସୁଥିବା ଏହି ଯାତ୍ରାର ଆଉ ଏକ ବିଶେଷତ୍ୱ ହେଉଛି ମଙ୍ଗଳ ରାତି ବୁଧ ପାହାନ୍ତିର ରାବଣ ବଧ ଓ ଲଙ୍କାପୋଡ଼ି ଯାତ୍ରା । ଏହା କେବେ ବି ପରିବର୍ତ୍ତନ ହୋଇ ନ ଥାଏ। ଏହା ନାଟକର ସବୁଠୁ ଆକର୍ଷଣ ବୋଲି ଦର୍ଶକମାନେ କହନ୍ତି । ସଂକ୍ରାନ୍ତି, ଗୁରୁବାର ତିଥିରେ ଏହି ଯାତ୍ରା ମଞ୍ଚସ୍ଥ ହୋଇ ନ ଥାଏ। ସୀତାହରଣଠାରୁ ଦର୍ଶକଙ୍କ ଭିଡ଼ ଜମେ। ଏଥିପାଇଁ ପୁଷ୍ପକଯାନ ଓ କାଷ୍ଠର ରାବଣ ତିଆରି ହୁଏ । ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଆକର୍ଷଣ ୩୫ ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ରାବଣ । ଏହି ରାବଣ ପ୍ରତିମାରେ କୃତ୍ରିମ ଚକ ଲଗାଯାଏ । ଯାତ୍ରାର ଅନ୍ତିମ ରାତ୍ରିରେ ମହାବୀରଙ୍କ ପୀଠରୁ ଅଭିନୟ କରୁଥିବା ରାମ, ଲକ୍ଷ୍ମଣ କାଷ୍ଠ ରାବଣଙ୍କ ସହ ଯୁଦ୍ଧ କରି ୧ କି.ମି. ରାସ୍ତା ପର୍ଯ୍ୟନ୍ତ ଆସିଥାନ୍ତି। ଏଥିରେ ପୁଷ୍ପକ ବିମାନ ବ୍ୟବହାର ହୋଇଥାଏ । ପୁଣି ସେଦିନ ରାତ୍ରିରେ ମାନସିକ ବାଣଫୁଟା ଦର୍ଶକମାନଙ୍କୁ ବହୁ ସମୟ ପର୍ଯ୍ୟନ୍ତ ଯାତ୍ରା ପଡ଼ିଆରେ ବାନ୍ଧି ରଖିଥାଏ । ରାଜ୍ୟର ବହୁ ଭକ୍ତ ଏଠାରେ ଯୋଗଦେଇ ମାନସିକ ପୂରଣ କରିଥାନ୍ତି । ଶେଷରେ ଶ୍ରୀରାମଙ୍କ ଅଭିଷେକ ପର୍ବ ପାଳନ ପରେ ଲଙ୍କାପୋଡ଼ି ଯାତ୍ରା ଶେଷ ହୁଏ ।


୩୫ଫୁଟ ଉଚ୍ଚର ରାବଣ ମୂର୍ତ୍ତି।


କାଠରେ ନିର୍ମିତ ମୁଖା।

**ଦଶପଲ୍ଲାର ପ୍ରସିଦ୍ଧ ଲୋକକଳା**
- ଆଧୁନିକ ବାଦ୍ୟଯନ୍ତ୍ର ବ୍ୟବହାର ହୁଏନି
- ବାଣଯୁକ୍ତ ଧନୁ ବ୍ୟବହାର କରନ୍ତି କଳାକାର
- ୩୫ଫୁଟ ଉଚ୍ଚର କାଠରେ ତିଆରି ହୁଏ ରାବଣ

## ଟ୍ରକ ଧକ୍କାରେ କଲେଜ ଛାତ୍ର ମୃତ, ଜଣେ ଗୁରୁତର


ଜବତ ହୋଇଥିବା ଟ୍ରକ।

**ଓଡ଼ଗାଁ,୯।୪(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅଧୀନ କଲେଜ ରୋଡ଼ରେ ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଫୁଲବାଣୀର ରାଜ କିଶୋର ସାହୁ (୨୦) । ଗୁରୁତର ଛାତ୍ର ହେଲେ ସ୍ଥାନୀୟ ଘଷାଦେଇପୁର ଗ୍ରାମର ଦିପୁନ ପ୍ରଧାନ(୨୧) । ଉଭୟେ କଲେଜ ରୋଡ଼ରେ ଥିବା ଏକ ଘରୋଇ କଲେଜର ଯୁକ୍ତ ୩ ଛାତ୍ର । ଶନିବାର ପୂର୍ବାହ୍ନରେ ଉଭୟ ଏକ ବାଇକ୍‌ରେ କଲେଜ ଆସୁଥିବା ବେଳେ ଏକ ଟ୍ରକ(ନଂ.ଓଆର ୨୫ ୬୩୧୭) ସହିତ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଟ୍ରକ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ରାଜ କିଶୋରଙ୍କ ଉପରେ ଟ୍ରକ ମାଡ଼ି ଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଜ ଭ୍ୟାନରେ ରାଜକିଶୋରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଦିପୁନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଟ୍ରକ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖିଛି ।

# ଲଡୁବାବାଙ୍କ ପୀଠରେ ରୁକୁଣା ରଥଯାତ୍ରା

**ନୟାଗଡ଼ ଅଫିସ,୯।୪**

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ଶନିବାର ଅଶୋକାଷ୍ଟମୀ ଅବସରରେ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ରାତିରେ ମନ୍ଦିର ପକ୍ଷରୁ ରୁକୁଣା ରଥକୁ ପ୍ରତିଷ୍ଠା କରାଯାଇଥିଲା। ଶନିବାର ସକାଳେ ଠାକୁରଙ୍କ ପହୁଡ଼ ଭଙ୍ଗାଯାଇ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା । ପରେ ବଲ୍ଲଭ ନୀତି, ଶଙ୍ଖୁଡ଼ି ଭୋଗ ,ପୁଡ଼ା ଭୋଗ, ଖୀରାଭିଷେକ ଓ ମଧ୍ୟାହ୍ନ ଧୂପ କରାଯାଇ ଲଡୁବାବାଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ମହାପ୍ରଭୁଙ୍କୁ ରୁକୁଣା ରଥରେ ବିଜେ କରାଯାଇଥିଲା । ଅପରାହ୍ନରେ ରଥରେ ଠାକୁରଙ୍କ ସମସ୍ତ ରଥ ନୀତି ସହିତ ମହା ଆଳତୀ କରାଯାଇ ରଥ ଟଣା ହୋଇଥିଲା। କରୋନା କଟକଣା ଲାଗି ଠାକୁରଙ୍କ ଏହି ରଥଯାତ୍ରା ୨ ବର୍ଷ ହେବ ବନ୍ଦ ଥିଲା । ଚଳିତ ବର୍ଷ ଭକ୍ତମାନେ ଉତ୍ସାହର ସହିତ ରଥ ଟାଣି ଥିଲେ । ମନ୍ଦିର ପରିଛା ତୋଷବନ୍ତ କର, ବଡ଼ପଣ୍ଡା ଶିବ ପ୍ରସାଦ ପୁଷ୍ପପାଳକ ,ସେବାୟତ କେଶବ ମହାପାତ୍ର, ସଞ୍ଜୟ ମହାପାତ୍ର, ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ବହୁ ସେବାୟତ ରଥ ପୂଜାର୍ଚ୍ଚନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେହିପରି ମନ୍ଦିର ପାର୍ଶ୍ୱରେ ପୂଜା ପାଉଥିବା ବଜରଙ୍ଗବାଲିଙ୍କ ମନ୍ଦିରରେ ଅଶୋକାଷ୍ଟମୀ ଯାତ୍ରା ପାଳିତ ହୋଇଥିଲା। ଅପରାହ୍ନରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା ।


ରୁକୁଣା ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

## କୂଅରୁ ଯୁବତୀଙ୍କ ଗଳିତ ଶରୀର, ଖପୁରି ଜବତ

**ବୁଗୁଡ଼ା,୯।୪(ଡି.ଏନ.ଏ.)**

ବୁଗୁଡ଼ା ସହର ଉପକଣ୍ଠସ୍ଥ ପୋଲସରା ରାସ୍ତାର ଏନ୍‌ଏସି ସ୍ୱାଗତ ଗେଟ୍ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ପୋଲିସ ଜଣେ ଯୁବତୀଙ୍କ ଗଳିତ ମୁଣ୍ଡ ବିହୀନ ଶରୀର ଓ ଖପୁରୀକୁ ପୃଥକ୍ ଭାବେ ଜବତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ପରିତ୍ୟକ୍ତ କୂଅରେ ଯୁବତୀଙ୍କ ମୃତଦେହ ଭାସୁଥିବା ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ରାତି ପ୍ରାୟ ୧୧ଟାରେ ଅଗ୍ନିଶମ ବାହିନୀ ଦ୍ୱାରା ଯୁବତୀଙ୍କ ମୁଣ୍ଡ ବିହୀନ ଶରୀରକୁ ବାହାର କରାଯାଇଥିଲା ବେଳେ ମୁଣ୍ଡଟିକୁ ପାଇପାରିନଥିଲେ। ପୁଣି ଶନିବାର କୂଅରୁ ସମସ୍ତ ଜଳ ନିଷ୍କାସନ ପରେ ଖପୁରୀ ପାଇଥିଲେ। ପୋଲିସ ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୧୧/୨୨ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବଳରାମ ପ୍ରସାଦ ୭ ମୌଜାରେ ୫୬ ପାଟଦଣ୍ଡ

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବଳରାମ ପ୍ରସାଦ ଗ୍ରାମରେ ଭିକାରୀ ଚରଣ ସାହୁଙ୍କ ଦ୍ୱାରା ଶୁକ୍ରବାର ୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । କିଶୋର ପ୍ରସାଦ, ବଳରାମ ପ୍ରସାଦ, ପଥୁରିଆ, କାଳିଆ ପଡ଼ା, ପୂର୍ଣ୍ଣଚନ୍ଦ୍ର ପୁର, ଇନ୍ଦି ପଟା ଓ ପାଣ୍ଡାରାସିଂହା ଆଦି ୭ ମୌଜାର ଗ୍ରାମବାସୀଙ୍କ ସହାୟତାରେ ୫୬ ପାଟଦଣ୍ଡ ଅପରାହ୍ନ ପ୍ରାୟ ୪ଟାରେ ଗ୍ରାମ ପରିକ୍ରମା କରି ପ୍ରତ୍ୟେକଙ୍କ ଦୁଆରେ ଠାକୁର ପୂଜା ପାଇଥିଲେ । ସେଥିପାଇଁ ପ୍ରତି ଘର ସମ୍ମୁଖରେ ଦୀପ ଓ କଳସ ବସାଯାଇ ଥିଲା । ଦଣ୍ଡୁଆମାନଙ୍କ 'କଳା ରୁଦ୍ର ମଣି ଭଜେ,କାଶୀ ବିଶ୍ୱନାଥ,କୈଳାସ କନ୍ଦରୁ ଯୋଗନିଦ୍ରା ଭାଙ୍ଗିବାକୁ ଆଜ୍ଞାହେଉ ହୋ ମଣିମା' ଡାକ ସହିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଧ୍ୱନୀରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା ।


ବ୍ରତଧାରୀମାନେ ଦଣ୍ଡନୃତ୍ୟ ପରିବେଷଣ କରୁଛନ୍ତି।

# ଗୋପୀନାଥପୁରରେ ପାଣି ପାଇଁ ହାହାକାର


ଦୂର ଗାଁରୁ ମହିଳାମାନେ ପାଣି ସଂଗ୍ରହ କରି ଫେରୁଛନ୍ତି।

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

**ଟ୍ୟାଙ୍କରରେ ପାଣି ଯୋଗାଇ ଦେବା ପାଇଁ ଦାବି**

ଖଣ୍ଡପଡ଼ା ବ୍ଲକର ବେଣାଗାଡ଼ିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମବାସୀ ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ଟ୍ୟାଙ୍କରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଦାବି ହେଉଛି । ସଂପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଦିନକୁ ଦିନ ରୌଦ୍ରତାପ ବଢ଼ିଛି । ଫଳରେ ଜଳଉତ୍ସଗୁଡ଼ିକ ଶୁଖିବାରେ ଲାଗିଛି । ଗ୍ରାମରେ ଥିବା ନଳକୂପର ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଗ୍ରାମର ମହିଳାମାନେ ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ କୂପରୁ ପାନୀୟ ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ପାନୀୟ ଜଳ ସଂଗ୍ରହ ନିମନ୍ତେ ମହିଳାମାନଙ୍କୁ ବାରମ୍ବାର ବାହାରକୁ ଆସିବାକୁ ପଡୁଛି। ତେଣୁ ଗ୍ରାମାବସୀଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗୋପୀନାଥପୁର ଗ୍ରାମବାସୀ ଦାବି କରିଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରପଞ୍ଚ ବନମାଳୀ ମଲ୍ଲିକ ସୂଚନା ଦେଇଛନ୍ତି ।

# କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୮୮ ପ୍ରକଳ୍ପ ପ୍ରଦର୍ଶିତ

## ଦଶପଲ୍ଲା ବିଜ୍ଞାନ ମେଳାରେ ୯୯ ପ୍ରକଳ୍ପ

**ଦଶପଲ୍ଲା,୯।୪(ଡି.ଏନ.ଏ.)**

ଦଶପଲ୍ଲା ରାଧାମୋହନ ଜୀୟୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ପ୍ରଣତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଏବିଓ ଶ୍ୟାମ ସୁନ୍ଦର ଯାନୀ,ଗୋପବନ୍ଧୁ ଦେହୁରୀ,ରାଜେନ୍ଦ୍ର ପ୍ରସାଦ ଖଟେଇ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ରାୟନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଦଶପଲ୍ଲା ବ୍ଲକର ବିଭିନ୍ନ ବିଦ୍ୟାଳୟର ତୃତୀୟରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବିଜ୍ଞାନ ମେଳାରେ ସାମିଲ ହୋଇଥିଲେ । ସମୁଦାୟ ୩ ବିଭାଗରେ ୯୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ କର, କାଉନସିଲର କିରଣ କୁମାର ସାହୁ,ଅରୁଣ ଦାସଙ୍କ ସମେତ ସମସ୍ତ ଏବିଓ, ବିଦ୍ୟାଳୟ ସଭାପତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ରହି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।


ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ନୂଆଗାଁ ବ୍ଲକରେ ୮୯ ପ୍ରକଳ୍ପ ସ୍ଥାନ ପାଇଲା

**ନୂଆଗାଁ,୯।୪ (ଡି.ଏନ.ଏ.)**

ନୂଆଗାଁ ବ୍ଲକ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ୨୬ ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ମୋଟ ୮୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ପ୍ରମୋଦ କୁମାର ନାୟକ, ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁରେଶ କୁମାର ସାହୁ , ନୂଆଗାଁ ସରପଞ୍ଚ ଅମିତା ପରିଡ଼ା, ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳୀ ଶାସମଲ ଅତିଥି ଭାବେ ଯୋଗ ଦେବ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ସିନିୟର ବିଭାଗରେ ଜଗନ୍ନାଥ ପ୍ରସାଦ ହାଇସ୍କୁଲର ରୋଜାଲିନ ନାୟକ ପ୍ରଥମ ହୋଇଥିବା ବେଳେ ଜୁନିୟର ବିଭାଗରେ ଭରତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିବାନୀ ସାହୁଙ୍କ କୋଭିଡ୍-୧୯ ମଡ଼େଲରେ ପ୍ରଥମ ହୋଇଥିଲା । ସେହିପରି ସବ୍-ଜୁନିୟର ବିଭାଗରେ ଭିରୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଶିଷ କୁମାର ମହାନ୍ତି ଗାଣିତିକ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ଶାସମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

## ସଂକ୍ଷେପରେ

### ଆମ୍ବୁଲାନ୍ସ ଧକ୍କାରେ ମହିଳା ମୃତ

ହିଞ୍ଜିଳିକାଟୁ,୯।୪(ଡି.ଏନ.ଏ.): ହିଞ୍ଜିଳି ଥାନା ଗଣ୍ଡଲା ଗ୍ରାମରେ ଶନିବାର ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ପଙ୍କଜ ସେଠୀ (୪୫)। ଜଣେ ରୋଗୀଙ୍କୁ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରି ଫେରୁଥିବା ସମୟରେ ଆମ୍ବୁଲାନ୍ସଟି ଗଣ୍ଡଲା ଗ୍ରାମ ନିକଟରେ ମହିଳାଙ୍କୁ ଧକ୍କା ଦେଇଥିଲା। ଗୁରୁତର ମହିଳା ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ପାତ୍ରପୁର,୯।୪(ଡି.ଏନ୍.ଏ.): ଜରଡ଼ା ଥାନା ବି. ନୂଆଗାଁ ପଞ୍ଚାୟତ ଶବରଦାଇପେଟା ଗ୍ରାମ ଜାତୀୟ ରାଜପଥ ୧୬ ଦାଣ୍ଡୁଗେଡ଼ା ନିକଟରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଜରଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ନଂ.୧୩୧/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି।

### କୂଅରେ ପଡ଼ି ଜଣେ ମୃତ

ହିଞ୍ଜିଳିକାଟୁ,୯।୪(ଡି.ଏନ.ଏ.): ହିଞ୍ଜିଳି ଥାନା ବଡଖଣ୍ଡି ଗ୍ରାମର ଇନ୍ଦିରା ଆବାସ କଲୋନୀରେ ଶୁକ୍ରବାର କୂଅରେ ପଡ଼ି ଉକ୍ତ ଗ୍ରାମର ବଳରାମ ଦାସ (୬୨)ଙ୍କ ମୃତ୍ୟୁ ଘଟିଛି। ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ କୂଅରୁ ଉଦ୍ଧାର କରି ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୯।୪(ଡି.ଏନ୍.ଏ.): ଦିଗପହଣ୍ଡି ଠାରୁ ଚିକିଟି ଅଭିମୁଖେ ଯାଉଥିବା ଏକ ବୋଲେରୋ (ନଂ.ଓଡି-୨୯ସି-୩୯୭୬) ଉପରେ ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଶନିବାର ଚଢ଼ାଉ କରି ୨୩୦ କେଜି ଗଞ୍ଜେଇ ଜବତ କରିଛି। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଗାଡ଼ି ଚାଳକ ପାଟପୁର ଥାନା ଅନ୍ତର୍ଗତ ଧରମପୁର ଗ୍ରାମର ନାରାୟଣ ରାଉତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କଂସାମାରୀ ଗ୍ରାମରୁ ଜବତ ଗଞ୍ଜେଇକୁ ଏକ ବୋଲେରୋ ଯୋଗେ ଦିଗପହଣ୍ଡି-ଚିକିଟି ଦେଇ ଆନ୍ଧ୍ରକୁ ଚାଲାଣ କରାଯାଉଥିବା ସମ୍ପର୍କରେ ଅବକାରୀ ବିଭାଗ ନିକଟରେ ଗୋଇନ୍ଦା ସୂଚନା ପହଞ୍ଚିଥିଲା। ଅବକାରୀ ବିଭାଗ ମିଳିତ ଭାବେ ଦିଗପହଣ୍ଡି ହରିଜନ ସାହି ନିକଟରେ ବୋଲେରୋ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

# ରାସ୍ତାରେ ପଡ଼ିଛନ୍ତି ଅସହାୟ ବୃଦ୍ଧା

ନୟାଗଡ଼ ଅଫିସ/ଭାପୁର, ୯।୪(ଡି.ଏନ୍.ଏ.)

ମା'ବାପା ଭୋକ ଉପାସରେ ରହି ନିଜ ପିଲାଙ୍କ ମୁହଁରେ ଆହାର ଦିଅନ୍ତି। ଝିଅ,ପୁଅ ରୋଗରେ ପଡିଲେ ମା'ବାପାଙ୍କ ଆଖିରୁ ନିଦ ହଜିଯାଏ । କେତେ ଦୁଃଖ କଷ୍ଟ ସହି ପିଲାମାନଙ୍କୁ ବଡ଼ ମଣିଷ କରିବାକୁ ମା'ବାପା ଦିଅଁଦେବତାଙ୍କ ପାଖରେ ମାନସିକ କରନ୍ତି। ହେଲେ ସେହି ପିଲାମାନେ ମା'ବାପାଙ୍କୁ ବାର୍ଦ୍ଧକ୍ୟ ସମୟରେ ଯଦି ଅବହେଳା କରନ୍ତି ସେ କଥା ସହି ହୁଏନାହିଁ । ସେମିତି ଏକ ଘଟଣା ଭାପୁର ବ୍ଲକ କରବର ପଞ୍ଚାୟତ ମାଣିତ୍ରୀ ଗାଁରେ ଦେଖିବାକୁ ମିଳିଛି । ମାଣିତ୍ରି ଗାଁର ଝରି ପ୍ରଧାନ (୬୫)ଙ୍କର ୩ ପୁଅ ରୋଜଗାରିଆ । ୨ ପୁଅ ଚାକିରୀ କରିଛନ୍ତି। ହେଲେ କେହି ମା'ଙ୍କ ଭରଣପୋଷଣ କରୁନାହାନ୍ତି । ୨ ବର୍ଷ ତଳେ ସ୍ୱାମୀଙ୍କୁ ହରାଇ ପରେ ଝରିଙ୍କୁ ଅଭିଶପ୍ତ ଜୀବନ ଜିଇଁବାକୁ ପଡୁଛି । ନିଜ ଲୋକମାନେ କେହି ବି ତାଙ୍କୁ ପଚାରୁ ନାହାନ୍ତି । ଝରି ବାଙ୍କି-କଣ୍ଟିଲୋ ରାସ୍ତାରେ ୨ବର୍ଷ ହେଲା ସେ ଉଲଗ୍ନ ଅବସ୍ଥାରେ ପଡି ରହିଛନ୍ତି । ଅନ୍ୟର ଦୟାରେ ସେ ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି । ସେ ପାରାଲେସିସ୍ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଉଠି ବସି ପାରୁ ନାହାନ୍ତି । ଏପରି ପରିସ୍ଥିତିରେ ତାଙ୍କୁ ପ୍ରଶାସନ କୌଣସି ସହାୟତା କରୁ ନ ଥିବା ଅଭିଯୋଗ ହୋଇଛି ।


ରାସ୍ତା କଡ଼ରେ ପଡିଛନ୍ତି ଝରି ପ୍ରଧାନ।

**ଭରଣପୋଷଣ କରୁନାହାନ୍ତି ୩ ରୋଜଗାରିଆ ପୁଅ**

# ମହାମାରୀ ବେଳେ କାମ ଯୋଗାଇ ନ ପାରି ପଛୁଆ

ଛତ୍ରପୁର,୯।୪(ଡି.ଏନ୍.ଏ.)

୨୦୨୧-୨୨ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଲୋକଙ୍କୁ କାମ ଯୋଗାଇବାରେ ଛତ୍ରପୁର ବ୍ଲକ ପ୍ରଶାସନ ବିଫଳ ରହିଛି । ଏହି ଯୋଜନାକୁ କାର୍ଯ୍ୟକାରୀ କରି ଲୋକଙ୍କୁ କାମ ନ ଯୋଗାଇପାରି ଜିଲାର ୨୨ ବ୍ଲକ ମଧ୍ୟରୁ ଛତ୍ରପୁର ବ୍ଲକ ୨୧ ନଂ.ରେ ରହିଛି।

କରୋନା ବେଳେ ଗ୍ରାମାଞ୍ଚଳ ଲୋକେ ଯେଭଳି ଏମ୍‌ଜିଏନଆରଇଜିଏସରେ ଅଧିକରୁ ଅଧିକ କାମ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ ନିୟମିତ ସମୀକ୍ଷା ବୈଠକ କରୁଥିଲେ । ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ସେ ସମୟରେ ଛତ୍ରପୁର ବ୍ଲକ ଜିଲାରେ ୨୨ ନଂ.ରେ ରହିଥିଲା । ତେଣୁ ତତ୍କାଳୀନ ବିଡିଓଙ୍କୁ ଜିଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ତାଙ୍କୁ ଏଠାରୁ ବଦଳି ହୋଇଥିଲା । ସରକାରୀ ରିପୋର୍ଟ ଅନୁସାରେ ଏମ୍‌ଜିଏନଆରଇଜିଏସରେ ଛତ୍ରପୁର ବ୍ଲକର ୬୨,୫୬୮ ଜଣଙ୍କୁ ଜବକାର୍ଡ ମିଳିଥିବାବେଳେ ସେଥିରୁ ୨୮,୮୬୬ ଜବକାର୍ଡଧାରୀ ଆକ୍ଟିଭ୍ ଅଛନ୍ତି। ସେଥିରୁ ୨୦୨୧-୨୨ ଆର୍ଥିକ ବର୍ଷରେ ଛତ୍ରପୁର ବ୍ଲକ ପ୍ରଶାସନ ୧୮ଟି ପଞ୍ଚାୟତରେ ୧୪,୨୪୩ ଜବକାର୍ଡ ଥିବା ପରିବାରଙ୍କୁ ଏମଜିଏନଆରଇଜିଏସରେ କାମ ଯୋଗାଇଥିଲା। ୧୦ ଲକ୍ଷ ୭୧ ହଜାର ୬୧୦ ଶ୍ରମଦିବସ ସୃଷ୍ଟି ହୋଇଥିଲା। ପ୍ରଶାସନ ବ୍ଲକର ମାତ୍ର ୨,୯୯୪ ପରିବାରକୁ ଶହେ ଦିନର କାମ ଯୋଗାଇ ଦେବାରେ ସକ୍ଷମ ହୋଇପାରିଛି । ଏମଜିଏନଆରଇଜିଏସରେ ଜବକାର୍ଡ ଧାରୀ ପରିବାରଙ୍କୁ ବର୍ଷକ ମଧ୍ୟରେ ଅତିକମ୍‌ରେ ଶହେ ଦିନର କାମ ଯୋଗାଇବା ନେଇ ନିୟମ ରହିଛି । ତେବେ ଛତ୍ରପୁରର କେତେକ ପଞ୍ଚାୟତରେ ଶହେ ଦିନ କାମ ପାଇଥିବା ପରିବାର ସଂଖ୍ୟା ୨ ଅଙ୍କରେ ରହିଛି । ଜିଲାପାଳ ଏମଜିଏନଆରଇଜିଏସର ଅଗ୍ରଗତିର ସମୀକ୍ଷା କରିଛନ୍ତି ।

# ଆଇଜିଙ୍କୁ ଭେଟିଲା ଗଞ୍ଜାମ ଟ୍ରକ୍ ମାଲିକ ସଂଘ

ବ୍ରହ୍ମପୁର ଅଫିସ,୯।୪

ସୋରଲ ରୋଡ୍‌ରୁ ଟ୍ରକ୍‌ରେ ମାଲ ପରିବହନକୁ ନେଇ ଗଞ୍ଜାମ ଜିଲାର ଦୁଇ ଟ୍ରକ ମାଲିକ ସଂଘ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ନେଉନି। ମଲ୍‌ଟି ଏକ୍ସିଲ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଗଞ୍ଜାମ ଟ୍ରକ ମାଲିକ ସଂଘର ୫ ଜଣ କର୍ମକର୍ତ୍ତାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିଲା, ଯାହାକୁ ନେଇ ଶନିବାର ଗଞ୍ଜାମ ଟ୍ରକ୍ ମାଲିକ ସଂଘର ଶତାଧିକ କର୍ମକର୍ତ୍ତା ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘ ସଭାପତି ପ୍ରମୋଦ ଜେନାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ଦୁଇ ସଂଘ ମଧ୍ୟରେ ଲାଗି ଥିବା ବିବାଦର କାରଣ ବିଷୟରେ ଜଣାଇଥିଲେ। ଏଥି ସହିତ ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ମାତ୍ରାଧିକ ଦଫା ଲଗାଇଥିବା ସେ ଅଭିଯୋଗ କରିଥିଲେ। ତେବେ ଲିଖିତ ଅଭିଯୋଗକୁ ଭିତ୍ତି କରି ଦଫା ଲଗାଯାଇଥିବା ଆଇଜିଙ୍କୁ ଜଣାଇବା ସହ ଉକ୍ତ ଘଟଣାର ଠିକ୍ ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ଷଷ୍ଠ ଦିବସରେ ଧାରଣା ସ୍ଥଗିତ

ନୟାଗଡ଼ ଅଫିସ/ଦଶପଲ୍ଲା, ୯।୪(ଡି.ଏନ୍.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ୯ ନଂ. ଜିଲା ପରିଷଦ ଜୋନ୍ ଦୁଢ଼ା ପଞ୍ଚାୟତ ଜୁରାଗଣ୍ଡ ଗାଁର ଆଦିବାସୀମାନେ ମୂଳ ପଞ୍ଚାୟତ ଚଢ଼େୟାପଲ୍ଲୀରେ ରହିବାକୁ ଚଢ଼େୟପାଲ୍ଲୀ ପଞ୍ଚାୟତ ସମ୍ମୁଖରେ ଗତ ୪ ତାରିଖରୁ ଗଣଧାରଣା ଦେଇଥିଲେ । ଗାଁର ଜଣେ ବୃଦ୍ଧାଙ୍କ ପରଲୋକ ଯୋଗୁ ସାମୟିକ ଗଣଧାରଣା ବନ୍ଦ ରଖାଯାଇଛି। ପୁଣି ଗଣଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ପ୍ରକାଶ ଯେ, ୪ଟି ଆଦିବାସୀ ଗାଁର ୪୯୮ ଭୋଟର ପଞ୍ଚାୟତ ପରିବର୍ତ୍ତନ ଦାବିରେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ ବର୍ଜନ କରିଥିଲେ । ଜୁରାଗଣ୍ଡା, ବାଇଝରି, ରାଣୀଝରି ଓ ମାଣ୍ଡିବିଡା ଗାଁର ଆଦିବାସୀମାନେ ପଞ୍ଚାୟତ ପରିବର୍ତ୍ତନ ପାଇଁ ୫ ବର୍ଷ ହେଲା ଦାବି କରି ଆସୁଛନ୍ତି। ହେଲେ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ରହିଛି। ଜୁରାଗଣ୍ଡା, ବାଇଝରି, ରାଣିଝରି ଓ ମାଣ୍ଡିବିଡା ଗାଁରେ ୪୯୮ ଭୋଟର ଥିବାବେଳେ ଲୋକ ସଂଖ୍ୟା ୬୦୦ । ଗାଁରେ ରାସ୍ତା, ପାନୀୟ ଜଳ, ଶିକ୍ଷା ପରି ଅନେକ ସମସ୍ୟା ରହିଛି। ବାଇଝରି, ରାଣିଝରି ଓ ମାଣ୍ଡିବିଡା ଆଦି ୩ଟି ଗାଁ ପୂର୍ବରୁ ବାଣିଗୋଛା ପଞ୍ଚାୟତରେ ଥିଲା। ୨୦୦୨ରେ ଏହି ଗାଁ କୁଲୁରୁକୁମ୍ପା ପଞ୍ଚାୟତକୁ ଆସିଥିଲା। କୁଲୁରୁକୁମ୍ପା ପଞ୍ଚାୟତ ହେଲାପରେ ଆଦିବାସୀମାନେ ଖୁସିରେ ଥିଲେ । ସେହିପରି ଜୁରାଗଣ୍ଡା ଗାଁ ଚଢ଼େୟାପଲ୍ଲୀ ପଞ୍ଚାୟତରେ ଥିଲା । ୨୦୧୭ରେ ପୁଣି ପଞ୍ଚାୟତ ପୁର୍ନଗଠନ କରି ୪ଟି ଗାଁକୁ ଦୁଢ଼ା ପଞ୍ଚାୟତକୁ ନିଆଗଲା। ଦୁଢ଼ା ପଞ୍ଚାୟତକୁ ଯିବାପରେ ୪ଟି ଗାଁର ସମସ୍ୟା ବଢ଼ିଗଲା। ଏଠାର ବାସିନ୍ଦା ପଞ୍ଚାୟତ ପରିବର୍ତ୍ତନ ଦାବିରେ ଆନ୍ଦୋଳନ କରି ଆସୁଛନ୍ତି । ଗତ ୬ ଦିନ ହେଲା କେବଳ ଜୁରାଗଣ୍ଡା ଗାଁଲୋକେ ଧରଣା ଦେଇ ଆସୁଥିଲେ ।

**ପଞ୍ଚାୟତ ପରିବର୍ତ୍ତନ ପାଇଁ ସଂଗ୍ରାମ**

# ଇଟାମାଟିରେ ବ୍ଲକସ୍ତରୀୟ ବିଜ୍ଞାନମେଳା

ନୟାଗଡ଼ ଅଫିସ,୯।୪

ନୟାଗଡ଼ ବ୍ଲକର ୨୬ତମ ବ୍ଲକସ୍ତରୀୟ ବିଜ୍ଞାନମେଳା ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ ଇଟାମାଟିରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ନୟାଗଡ଼ ମ୍ୟୁନିସପାଲିଟିର ଚେୟାରମ୍ୟାନ ନିରୁପମା ଖଟେଇ ଉଦ୍‌ଘାଟନ କରିଥିଲେ। ବିଜ୍ଞାନମେଳାରେ ବରିଷ୍ଠ ବିଭାଗର ୪୩, କନିଷ୍ଠ ବିଭାଗର ୪୨, ସର୍ବକନିଷ୍ଠ ବିଭାଗରେ୧୫ଟି ପ୍ରକଳ୍ପ ଏପରି ମୋଟ ୧୦୦ ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥିରୁ ବରିଷ୍ଠ ବିଭାଗର ୫, କନିଷ୍ଠ ବିଭାଗର ୩, ସର୍ବକନିଷ୍ଠ ବିଭାଗରେ ୨ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ଉନ୍ନିତ ହୋଇଛି ।

ବ୍ଲକ ଶିକ୍ଷାଅଧିକାରୀ ଗୀତାଞ୍ଜଳୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ରୂପେ ନୟାଗଡ଼ ମ୍ୟୁନିସପାଲିଟିର ଚେୟାରମ୍ୟାନ ନିରୁପମା ଖଟେଇ, ମୁଖ୍ୟବକ୍ତା ଭାବେ ଇଟାମାଟିର ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଇଟାମାଟି ପଞ୍ଚାୟତ ସମିତି ସଭ୍ୟ ଗୋଲାପ ରାଣୀ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଯାପନୀ ସଭାରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜ୍ଞାନଯୋଗୁ ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଛି । ଜୀବନ ଶୈଳୀ ବଦଳିଛି । ବିଜ୍ଞାନର ଉପକାର ବଢ଼ିବା ସହ ଅପକାରିତା ମଧ୍ୟ ବଢ଼ିଛି । ଏଥିଯୋଗୁ ଲୋକ ଅଳସୁଆ ହୋଇ ଗଲେଣି ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଧିରେନ ପଟ୍ଟନାୟକ ଯୋଗଦେଇ ବିଜ୍ଞାନର ସୁଫଳତା ଉପରେ ଟିପ୍ପଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟାମାଟି ଜୋନ୍ ଜିଲା ପରିଷଦ ସଭ୍ୟ ଆଶିଷ ଅଗ୍ରୱାଲ,ନୟାଗଡ଼ ବିଡିଓ ଭିକାରୀ ସାହୁ, ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱର ସେଠୀ ଅତିଥି ରୂପେ ଯୋଗ ଦେଇଥିଲେ। ଏହାକୁ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ତେବେ ବିଜ୍ଞାନମେଳାର ବିଷୟବସ୍ତୁ ପ୍ରଯୁକ୍ତି ବିଦ୍ୟା ଓ ଖେଳନା ରହିଥିଲେ ହେଁ ବକ୍ତାମାନେ ଏନେଇ କିଛି କହି ନ ଥିଲେ ।



ବିଜ୍ଞାନମେଳାରେ ଛାତ୍ରୀମାନେ ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

**୧୦ ପ୍ରକଳ୍ପ ଜିଲାସ୍ତରୀୟ ମେଳା ପାଇଁ ମନୋନୀତ**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIVBBS2022038, ତା.04.04.2022ରିଖ

କାର୍ଯ୍ୟର ନାମ: ତାଳଚେର-ସମ୍ବଲପୁର ଦୋହରୀକରଣ : ସମ୍ବଲପୁର ସିଟି ଷ୍ଟେସନ ବ୍ୟତୀତ ଚେନେଜ୍ 00 ଠାରୁ ଚେନେଜ୍ 5400 (ସମ୍ବଲପୁର ସୀମା ଠାରୁ) ପର୍ଯ୍ୟନ୍ତ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ଟ୍ରାକ୍ ଏବଂ ପଏଣ୍ଟ୍ ତଥା କ୍ରସିଙ୍ଗଗୁଡ଼ିକର ଲିଙ୍କିଙ୍ଗ୍ (Linking) / ବିଛାଇବା / ଭାଙ୍ଗିବା, P.Way ସାମଗ୍ରୀଗୁଡ଼ିକର ପରିବହନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 584.63 ଲକ୍ଷ, EMD (ଟଙ୍କାରେ): 4,42,300/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.04.2022ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-05/CF/22-23

# ୬୦୩ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି,୯।୪(ଡି.ଏନ୍.ଏ.)

ଗଜପତି ଜିଲା ଅଡ଼ବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଉପ-ଆରକ୍ଷୀ ନିରୀକ୍ଷକ ଭାଗ୍ୟଲତା ଦାଶ ଓ କର୍ମଚାରୀ ମିଳିତ ଭାବେ କେଶରିଗୁଡ଼ା ଛକ ନିକଟରେ ଏକ ମିନିଟ୍ରକ୍‌ରୁ ୪୪୩ କିଲୋ ୪୪୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲେ। ଏଥିସହ ଗଞ୍ଜେଇ ମାଫିଆଙ୍କଠାରୁ ନଗଦ ୫୨,୨୩୦ ଟଙ୍କା, ୩ଟି ମୋବାଇଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ତରବା ପଞ୍ଚାୟତ ଅନ୍ତର୍ଗତ କିଲାକୁତା ଗ୍ରାମର ଆଲୋକ ମାଝି, ପୁରୀ ଜିଲା ମଠ ନୂଆଁସାହିଗ୍ରାମର ଲକ୍ଷ୍ମଣ ପ୍ରଧାନ ଓ ତ୍ରିଲୋକ୍ୟ କେଶିଆ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

# ବାଦୁଆପଲି, ଖୋଲଗ୍ରାମରେ ହେବ ଜଳସେଚନ ଡ୍ୟାମ୍

ଶେରଗଡ଼,୯।୪(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତର ବାଦୁଆପଲି ଖୋଲ ଗ୍ରାମ ଉପର ମୁଣ୍ଡରେ ଥିବା ଜମିରେ ଜଳସେଚନ ବିଭାଗ ଏକ ଡ୍ୟାମ୍ ନିର୍ମାଣ ହେବ। ଏଥିପାଇଁ ଶନିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଜାଗା ୪ଟି ବଣ ଜଙ୍ଗଲଭରା ଜାଗାରେ ଏକ ଡ୍ୟାମ୍ ନିର୍ମାଣ କରାଗଲେ ଉକ୍ତ ଅଞ୍ଚଳ ସମେତ ୫୦ଖଣ୍ଡ ଗ୍ରାମର ଜଳସେଚନ ସମସ୍ୟା ସୁଧିରିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ପ୍ରଦାନ କରିଥିଲେ। ସେହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାଳିଚରଣ ହୋତା ଓ ଯନ୍ତ୍ରୀ ମଧୁସୂଦନ ଦାଶ ବାଦୁଆପଲି ଉପର ଜାଗା ପରିଦର୍ଶନ କରି ଫେରିଛନ୍ତି। ଏହି ସମୟରେ ସାମାଜିକ କର୍ମୀ ଜୁନେସ ଗମାଙ୍ଗଙ୍କ ସମେତ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।

# ଅହୋରାତ୍ର ଆନ୍ଦୋଳନ ଜାରି

ବ୍ରହ୍ମପୁର ଅଫିସ,୯।୪

ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ଶନିବାର ୨୬୧ ଦିନରେ ପହଞ୍ଚିଛି। ତେବେ ଗୁରୁବାରଠାରୁ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ଶନିବାର ସ୍ଥଗିତ ରଖାଯାଇଛି। କିନ୍ତୁ ଅହୋରାତ୍ର ଧାରଣା ଜାରି ରହିଥିବା ସଂଘ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା କହିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତାମାନେ ଜିଦ୍ ଧରି ବସିଥିଲେ। ପରେ ବିଧାୟକଙ୍କ ପକ୍ଷରୁ ସଂଘ କର୍ମଚାରୀଙ୍କ ଥିବା ଦାବି ସମୂହକୁ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ନେଇ ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଆମରଣ ଅନଶନ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଟିପିଏସ୍‌ଓଡିଏଲ ପକ୍ଷରୁ କୌଣସି କର୍ମକର୍ତ୍ତା ଆଲୋଚନା ପାଇଁ ଆସି ନ ଥିବା ନେଇ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଆଗାମୀ ଦିନରେ ବିଧାୟକଙ୍କ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ ନ ହୁଏ ତେବେ ପୁଣି ଥରେ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।


ଆନ୍ଦୋଳନ ସ୍ଥଳରେ ବ୍ରହ୍ମପୁର ବିଧାୟକ।

**ବିଧାୟକଙ୍କ ହସ୍ତକ୍ଷେପ ପରେ ବିଜୁଳି କର୍ମଚାରୀ ସଂଘର ଅନଶନ ସ୍ଥଗିତ**

**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଲକ୍ଷ୍ମୀପୁର**

ଟେଲିଫୋନ୍ ନଂ. ୦୬୮୫୫-୨୬୮୮୬୬, ଇଲେକ୍ଟ୍ରୋନିକ୍ ବାର୍ତ୍ତା ଠିକଣା: tah.laxmipur@nic.in

**ଅଧିସୂଚନା**

ସଂଖ୍ୟା: ୨୨୫୪/୨୦୨୧, LA-III, 29/2021 ତାରିଖ: ୦୨।୧୧।୨୦୨୧

No. X-1: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ ଜିଲ୍ଲାର କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରିଆ) ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ନିସାର, ଥାନା: ଲକ୍ଷ୍ମୀପୁର, ତହସିଲ: ଲକ୍ଷ୍ମୀପୁର, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲ ମତେ ଏ.୦.୫୪୭କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରିଆ) ନିର୍ମାଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ - ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳ ରାସ୍ତା, ରାୟଗଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଯାତାୟାତର ଓ ପରିବହନ ସୁବିଧା ପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୫୩୮୦/R&DM ତା୧୫।୦୨।୨୦୧୯ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨)ଧାରାର ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଜିଲ୍ଲାପାଳ, କୋରାପୁଟ।
୬. ଜମିର ବିବରଣୀ:

| କ୍ରମିକ ସଂ. | ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଭୂ-ଅର୍ଜନ ହେବାକୁଥିବା ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୦୧ | ୪୫ | ଡଙ୍ଗର-୩ | ୦.୮୫୦ | ୦.୦୧୨ | ହିକକା ଆସୁ, ପି. ହିକକା ମୂର୍ତ୍ତି |
| ୨. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୨ | ୫୦ | ଡଙ୍ଗର-୩ | ୦.୧୪୦ | ୦.୦୭୫ | ଜାମ୍ୟେକା ଜାମା ଜାନି, ଜମ୍ୟେକା ସନ୍ଧ, ଜାମ୍ୟେକା କାଙ୍କୁ, ଜାମ୍ୟେକା ବାଙ୍ଗରୁ, ପି. ଜାମ୍ୟେକା ଦସା ଜାନି |
| ୩. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୧୬ | ୪୬ | ଡଙ୍ଗର-୩ | ୦.୯୦୦ | ୦.୦୨୭ | ମିଣିଆକା ତୁୟରି, ପି. ମିଣିଆକ କର୍ଣ୍ଣ |
| ୪. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୧ | ୪୯ | ଡଙ୍ଗର-୩ | ୧.୮୦୦ | ୦.୦୨୪ | ହିକକା ଭାଲୁ, ପି. ହିକକା ମାଜା |
| ୫. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୩ | ୫୧ | ଡଙ୍ଗର-୩ | ୧.୧୯୦ | ୦.୨୨୬ | ହିକକା ମନ, ପି. ହିକକା ଗୁଞ୍ଜର |
| ୬. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୨୬ | ୫୨ | ଡଙ୍ଗର-୩ | ୦.୮୯୦ | ୦.୧୨୪ | ହିକକା ରାମିୟା, ପି. ହିକକା ମାଳି |
| ୭. | କୋରାପୁଟ | ଲକ୍ଷ୍ମୀପୁର | ନିସାର | ଗ୍ରାମାଞ୍ଚଳ | ୩୦/୨୨ | ୪୭ | ଡଙ୍ଗର-୩ | ୦.୯୮୦ | ୦.୦୫୯ | ଜମ୍ୟେକା ରିମ୍ବ, ପି. ମାଲକା ଜିରା |
| ମୋଟ | | | | | | | | ୮.୭୫୦ | ୦.୫୪୭ | |

ଉକ୍ତ ଭୂମିର ଏକ ନକ୍ସା ଭ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, କୋରାପୁଟଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
**ଜମିର ତାଲିକା**

କୋରାପୁଟଠାରୁ ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରୀକରଣ (ଓସାରୀ କରଣ) ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ।
ମୌଜା: ନିସାର, ଥାନା: ଲକ୍ଷ୍ମୀପୁର, ତହସିଲ: ଲକ୍ଷ୍ମୀପୁର, ଜିଲ୍ଲା: କୋରାପୁଟ
ବ୍ୟକ୍ତିଗତ ଜମି - ଉପରେ ଦର୍ଶାଇ ଦିଆଗଲା।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

OIPR-24057/14/0004/2223